ବର୍ଷ-୨୬, ସଂଖ୍ୟା-୧୫୩
ଭୁବନେଶ୍ୱର
୦୬, ଜୁନ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 153
Bhubaneswar
06, June, 2026 Saturday
Page-08, Rs.: 2.00

# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୁବକଙ୍କ ଆତ୍ମହତ୍ୟା

କେନ୍ଦ୍ରାପଡା,,୫।୬(ମହାଭାରତ)::କେନ୍ଦ୍ରାପଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା କରିଥିବା ଯୁବକଙ୍କ ନାମ ଶ୍ରୀଚନ୍ଦନ ଦାସ । ସେ ତାଙ୍କ ବାପା ଭରତ ଦାସଙ୍କ ସହ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡ ନିକଟ ବାସୁଳେଇ ଗ୍ରାମରେ ରହୁଥିଲା ବେଳେ ତାଙ୍କ ଘର ଡେରାବିଶ ବ୍ଲକ ଅଧିନ ରାଇତୁଣ୍ଡି ଗ୍ରାମରେ ।ତାଙ୍କ ବାପା ଜଣେ ଦିନ ମଜୁରିଆ ଭାବେ କାମ କରୁଥିଲେ । ଶ୍ରୀଚନ୍ଦନଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସେ ତାଙ୍କ ଜମି ବିକ୍ରି କରିବାକୁ ଚାହୁଁଥିଲେ ।ସେ ଜଣେ ଅନୁସୂଚିତ ଜାତିର ଯୁବକ ହୋଇଥିବାରୁ ତାଙ୍କ ଜମିର କିସମ ପରିବର୍ତ୍ତନ ପାଇଁ ସେ ଗତ ଦୁଇ ବର୍ଷ ହେବ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୌଡୁଥିଲେ। ବିଭିନ୍ନ ଲୋକଙ୍କ ଜମିର କିସମ ପରିବର୍ତ୍ତନ ହେଉଥିବା ବେଳେ ତାଙ୍କ ଜମିର କିସମ ପରିବର୍ତ୍ତନ କରିବା ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟର କିରାଣୀମାନେ ତାଙ୍କୁ ଟଙ୍କା ମାଗୁଥିଲେ।

ହେଲେ ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଲାଞ୍ଚ ଦେବା ପାଇଁ ସକ୍ଷମ ହେଉ ନଥିଲେ ।ଫଳରେ ସେ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଦ୍ୱାରା ସେ ମାନସିକ ଭାବେ ଭାଙ୍ଗି ପଡିଥିଲେ। ବାରମ୍ବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେବା ପରେ ସେ ଶେଷରେ ଜୀବନ ହାରିବା ପାଇଁ ନିଷ୍ପତ୍ତି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟର ଉପର ମହଲାକୁ ଯିବାକୁ ଥିବା ଷ୍ଟିଲ ରେଲିଂରେ ଏକ ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା କରିଥିଲେ ।ଏହି ଖବର ପ୍ରଚାରିତ ହେବା ପରେ ଜିଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଅନ୍ୟ ବରିଷ୍ଠ ଅଧିକାରୀ ଘଟଣା ସ୍ଥଳକୁ ଆସିଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ଟାଉନ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେହିପରି ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ହେଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ । ଏ ସଂକ୍ରାନ୍ତରେ ଟାଉନ୍ ଥାନା ପୁଲିସ ଏକ ମାମଲା ରୁଜୁ କରି ଉପଯୁକ୍ତ ତଦନ୍ତ କରୁଥିବା ଥାନାଧିକାରୀ ଶୁଭେନ୍ଦୁ ସାହୁ ଗଣମାଧ୍ୟମକୁ କହିଛନ୍ତି । ଏ ନେଇ ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ କହିଛନ୍ତି ପ୍ରଶାସନିକ ଅଧିକାରୀଙ୍କ ପାଇଁ ଜଣେ ଦଳିତ ଯୁବକଙ୍କ ଜୀବନ ଚାଲିଗଲା । ସେ ଅନେକ ଥର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ତାଙ୍କ ଅଭିଯୋଗ ଦେଇଥିଲେ । ଉପଜିଲାପାଳଙ୍କ କୋର୍ଟରେ ତାଙ୍କ ମାମଲା ବିଚାରଧିନ ଥିଲା । ଦୀର୍ଘଦିନ ଧରି ସେ ନ୍ୟାୟ ପାଇଁ ଶୌଡୁଥିଲେ । ହେଲେ ତାଙ୍କୁ ନ୍ୟାୟ ମିଳିଲା ନାହିଁ । ଫଳରେ ସେ ଆତ୍ମହତ୍ୟା କରିବାକୁ ବାଧ ହେଲେ । ତାଙ୍କୁ ପ୍ରଶାସନିକ ଅଧିକାରୀମାନେ ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି ବୋଲି ଶ୍ରୀମତୀ ସେଠୀ କହିଛନ୍ତି । ମତାମତ ନେବା ପାଇଁ ଉପଜିଲାପାଳ ଅରୁଣ କୁମାର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନଥିଲା ।





ମେଡିକାଲ ଓ ଇଞ୍ଜିନିୟରିଂ ପରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଶିକ୍ଷାର୍ଥୀ ମାନଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଶିକ୍ଷାର୍ଥୀ ମାନଙ୍କ ପାଇଁ ସଂରକ୍ଷଣ କରି ଥିବାରୁ ବିଧାନସଭାରେ ମନ୍ତ୍ରୀ ଓ ବିଧାୟକ ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଧନ୍ୟବାଦ ଅର୍ପଣ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି : ଚାଉଳ ମିଲିଂ ଖର୍ଚ୍ଚ ୨ ଗୁଣ ବୃଦ୍ଧି

ଭୁବନେଶ୍ୱର,୫।୬(ମହାଭାରତ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଚାଉଳର ମିଲିଂ ଖର୍ଚ୍ଚ ବୃଦ୍ଧି ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଚାଷୀମାନଙ୍କ ଠାରୁ ଧାନ ଯେପରି ସୁରୁଖୁରୁରେ ସଂଗ୍ରହ ହେବ ତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।



**ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିବ**

**ଉଷୁନା ଚାଉଳ କ୍ୱିଣ୍ଟାଲ ପିଛା ୨୦ ଟଙ୍କାରୁ ୪୦ ଟଙ୍କା ହେଲା,**

**ଅରୁଆ ଚାଉଳ ୧୦ ଟଙ୍କାରୁ ୨୦ ଟଙ୍କା**

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଉଷୁନା ଚାଉଳର (Par-boiled Rice) ମିଲିଂ ଦର ବର୍ତ୍ତମାନ କ୍ୱିଣ୍ଟାଲ ପିଛା ୨୦ ଟଙ୍କା ଥିବା ବେଳେ ଏହାକୁ ୪୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଅରୁଆ ଚାଉଳର (ଜବଙ୍ଗ ଜସମର) ମିଲିଂ ଦର କ୍ୱିଣ୍ଟାଲ ପିଛା ୧୦ ଟଙ୍କା ଥିବା ବେଳେ ଏହାକୁ ୨୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ମିଲର ମାନଙ୍କ ସମସ୍ୟା ଦୂର ହେବା ସହ ଚାଷୀ ମାନଙ୍କ ଠାରୁ ସୁରୁଖୁରରେ ଧାନ ସଂଗ୍ରହ ହୋଇପାରିବ ଏବଂ ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସୁଦୃ ? ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ମଧ୍ୟରେ ଶ୍ରମିକ ମଜୁରୀ, ପେଟ୍ରୋଲ ଓ ଅନ୍ୟାନ୍ୟ ମିଲିଂ ସାମଗ୍ରୀର ଦର ବୃଦ୍ଧି ହୋଇଥିବା ବେଳେ ଅନ୍ୟାନ୍ୟ ରାଜ୍ୟରେ ମିଲିଂ ଦର ଆମ ରାଜ୍ୟ ଠାରୁ ଯଥେଷ୍ଟ ଅଧିକ ରହିଛି ।

## ୨୦୨୫-୨୬ର ଜିଡିପି ଅଭିବୃଦ୍ଧି ୭.୭%

ନୂଆଦିଲ୍ଲୀ,୫।୬: କେନ୍ଦ୍ର ସରକାର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ତଥ୍ୟ ଜାରି କରିଛନ୍ତି। ଗତ ଆର୍ଥିକ ବର୍ଷ ୨୦୨୬-୨୭ରେ ବାସ୍ତବ ଅଭିବୃଦ୍ଧି ୭.୭ ପ୍ରତିଶତ ରହିଛି। ଜିଡିପିର ମୂଲ୍ୟ ୩୨୩.୧୨ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି। ୨୦୨୪-୨୫ରେ ତାହା ୨୯୯.୮୯ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ ଥିଲା।୨୦୨୫-୨୬ର ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ତଥ୍ୟ ଅନୁସାରେ କୃଷି, ପଶୁ ସମ୍ପଦ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧୮ ପ୍ରତିଶତ ରହିଛି। ସେହିପରି ଖଣି ଓ କ୍ୱାରି ଅଭିବୃଦ୍ଧି ୨ ପ୍ରତିଶତ, ମାନୁଫାକ୍ଚରିଂ (ବିନିର୍ମାଣ) ୧୭ ପ୍ରତିଶତ, ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ୟୁଟିଲିଟି ୨ ପ୍ରତିଶତ, ନିର୍ମାଣ ୯ ପ୍ରତିଶତ; ହୋଟେଲ୍, ବାଣିଜ୍ୟ, ପରିବହନ, ଯୋଗଯୋଗ ଓ ସେବା ଅଭିବୃଦ୍ଧି ୧୪ ପ୍ରତିଶତ; ଆର୍ଥିକ ସେବା, ରିଅଲ ଇଷ୍ଟେଟ୍, ସୂଚନା ପ୍ରଯୁକ୍ତି ଓ ପ୍ରଫେସନାଲ ସେବା ଅଭିବୃଦ୍ଧି ୨୬ ପ୍ରତିଶତ ଏବଂ ସାଧାରଣ ପ୍ରଶାନ, ପ୍ରତିରକ୍ଷା ଓ ଅନ୍ୟାନ୍ୟ ସେବା ଅଭିବୃଦ୍ଧି ୧୨ ପ୍ରତିଶତ ରହିଛି।

# ନାମାଙ୍କନ ପତ୍ର ଦାଖଲ କଲେ ଦେବାଶିଷ



ଭୁବନେଶ୍ୱର,୫।୬(ମହାଭାରତ): ରାଜ୍ୟସଭା ଉପନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀ ଓ ବିଜେପି ବିଧାୟକମାନଙ୍କ ଉପସ୍ଥିତିରେ ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଶ୍ରୀ ସାମନ୍ତରାୟ।

ନାମାଙ୍କନ ପତ୍ର ଦାଖଲ କରିବା ପରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ବିଜେଡି ଭାଡି ଖାଲି ହେଉଛି। ଆଗାମୀ ଦିନରେ କ'ଣ ହେଉଛି ଦେଖନ୍ତୁ। ଅଧିକରୁ ଅଧିକ ନେତା ବିଜେପିକୁ ଆସିବେ। ଲୋକଙ୍କୁ ସେବା କରିବାର ସୁଯୋଗ ବିଜେପିରେ ଅଧିକ ଅଛି। ଡବଲ୍ ଇଞ୍ଜିନ୍ ସରକାର ଥିବାରୁ ଏଠାରେ ଅଧିକ କାମ କରିପାରିବି। ଦଳ ମୋ ଠାରୁ ଯେଉଁ କାମ ଚାହିଁବ ମୁଁ କରିବି। ମୋତେ ଯେଭଳି ସମ୍ମାନର ସହ ସ୍ୱାଗତ କରାଗଲା, ଘରେ ପହଞ୍ଚିବା ଭଳି ଲାଗୁଛି। ରାଜ୍ୟସଭା ଉପନିର୍ବାଚନ ପାଇଁ ଗୁରୁବାର (ଗତକାଲି) ଦେବାଶିଷ ସାମନ୍ତରାୟଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା ବିଜେପି। ଗତ ମାସରେ ଶ୍ରୀ ସାମନ୍ତରାୟ ବିଜେଡି ଛାଡିବା ସହିତ ରାଜ୍ୟସଭା ପଦରୁ ଇସ୍ତଫା ଦେବାରୁ ଏହି ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୨୦୨୪ ଏପ୍ରିଲରେ ବିଜେଡି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ। ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା। ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡି ଦେଇଥିଲେ। ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ। ତେଣୁ ବିଜେପି ତାଙ୍କୁ ଏହି ଉପନିର୍ବାଚନରେ ପ୍ରାର୍ଥୀ କରି ରାଜ୍ୟସଭାକୁ ପଠାଇବାର ଅଧିକ ସମ୍ଭାବନା ରହିଥିଲା।

# ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବଢ଼ିଲା ରହସ୍ୟ

ଭୁବନେଶ୍ୱର,୫।୬(ମହାଭାରତ):: କାଠଯୋଡି ନଦୀ ପୋଲ ତଳୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ଉଦ୍ଧାର ଘଟଣା ଏବେ ନୂଆ ମୋଡ଼ ନେଇଛି। ଘଟଣାକୁ ନେଇ ପରିବାର ପକ୍ଷରୁ ସଙ୍ଗୀନ ଅଭିଯୋଗ ଆସିଥିବା ବେଳେ, ଏହା କେବଳ ଏକ ଅସ୍ୱାଭାବିକ ମୃତ୍ୟୁ ନା ଏକ ସୁଚିନ୍ତିତ ହତ୍ୟାକାଣ୍ଡ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।



ବାଲେଶ୍ୱରର ଫକୀର ମୋହନ ମେଡିକାଲ କଲେଜର ଏମବିବିଏସ ତୃତୀୟ ବର୍ଷର ଛାତ୍ରୀ ଥିଲେ ଚନ୍ଦ୍ରିକା ହେମ୍ବ୍ରମ। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଇଦାଣ୍ଡିଆ ଗ୍ରାମର ଏହି ମେଧାବୀ ଛାତ୍ରୀଙ୍କ ମୃତଦେହ ଗତକାଲି କାଠଯୋଡି ପୋଲ ତଳୁ ଉଦ୍ଧାର ହୋଇଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ଝିଅକୁ ହତ୍ୟା କରାଯାଇଥିବା ନେଇ ସିଧାସଳଖ ଅଭିଯୋଗ ଆଣିଛନ୍ତି।

ପରିବାରର କହିବା ଅନୁସାରେ, ଚନ୍ଦ୍ରିକା ଦୀର୍ଘ ଦିନ ଧରି ଭୀମସେନ ପ୍ରସାଦ ଟୁଡୁଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। ଉଭୟ ୨୦୨୭ ମସିହାରେ ବିବାହ କରିବାକୁ ମଧ୍ୟ ଯୋଜନା କରିଥିଲେ। କିନ୍ତୁ ସମ୍ପର୍କ ମଧ୍ୟରେ ସ୍ୱାତି ନାମକ ଜଣେ ଯୁବତୀଙ୍କ ପ୍ରବେଶ ପରେ ପରିସ୍ଥିତି ବଦଳି ଯାଇଥିଲା। ଏହାକୁ ନେଇ ଚନ୍ଦ୍ରିକା ଓ ଭୀମସେନଙ୍କ ମଧ୍ୟରେ ବିବାଦ ବଢ଼ିଥିଲା ଏବଂ ଚନ୍ଦ୍ରିକା ନିର୍ଯ୍ୟାତନାର ଶିକାର ହେଉଥିବା ପରିବାର ଅଭିଯୋଗ କରିଛି।

ସବୁଠାରୁ ବଡ଼ କଥା ହେଲା, ଚନ୍ଦ୍ରିକାଙ୍କ ମା' ଓ ଭାଇ ସିଧାସଳଖ ଭାବେ ଭୀମସେନ ଏବଂ ସ୍ୱାତିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କ ଦାବି, ଉଭୟ ମିଳିତ ଭାବେ ଚନ୍ଦ୍ରିକାଙ୍କୁ ହତ୍ୟା କରିବା ପରେ ମୃତଦେହକୁ କାଠଯୋଡି ନଦୀ କୂଳରେ ଫିଙ୍ଗି ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କାମ କରୁଛି ଏବଂ ଚନ୍ଦ୍ରିକାଙ୍କ କଲିଂ ପ୍ୟାଟର୍ନ ଏବଂ ସୋସିଆଲ ମିଡିଆ ଚାଟ୍ ଯାଞ୍ଚ କରାଯାଉଛି। ଯଦି ଏହି ଚାଟ୍ କିମ୍ବା କଲ୍ ରେକର୍ଡରୁ ନିର୍ଯାତନାର କୌଣସି ପ୍ରମାଣ ମିଳେ, ତେବେ ଏଥିପାଇଁ ଦାୟୀ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି କଟକ ଡିସିପି। ଏବେ ଏହି ଚାଞ୍ଚଲ୍ୟକର ଘଟଣାର ସତ୍ୟାସତ୍ୟ ଖୋଜିବା ପାଇଁ ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରେମ ସମ୍ପର୍କର ତିକ୍ତତା ପଛରେ କି ଲୁଚିଛି ହତ୍ୟାର ରହସ୍ୟ ନା ଘଟଣାର ଅନ୍ୟ କୌଣସି ଦିଗ ରହିଛି ତଦନ୍ତ ପରେ ହିଁ ସାମ୍ନାକୁ ଆସିବ ପୂରା ସତ୍ୟ।

# ଉତ୍କଳ ଗ୍ୟାଲେରିଆରେ ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'ର ସ୍ୱତନ୍ତ୍ର ସ୍କ୍ରିନିଙ୍ଗ୍ ଦେଖିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୫।୬(ମହାଭାରତ): ରାଜଧାନୀ ଭୁବନେଶ୍ୱରସ୍ଥିତ ଉତ୍କଳ ଗ୍ୟାଲେରିଆ ମଲ୍‌ର 'ପିଭିଆର ସିନେମାସ' ଠାରେ ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'ର ଏକ ସ୍ୱତନ୍ତ୍ର ସ୍କ୍ରିନିଙ୍ଗ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପ୍ରସିଦ୍ଧ ସିନେ ତାରକା ତଥା ସାଂସଦ ସୁଶ୍ରୀ କଙ୍ଗନା ରନାୱତ୍‌ଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମନ୍ତ୍ରୀ ଗଣ ଏବଂ ରାଜ୍ୟର ପ୍ରମୁଖ ନେତୃବୃନ୍ଦ ଏକତ୍ର ବସି ଚଳଚ୍ଚିତ୍ରଟିକୁ ଦେଖିଥିଲେ। କଙ୍ଗନା ନିଜ ଅଦମ୍ୟ ପରିଶ୍ରମରେ ଯେଉଁ ସଫଳତା ହାସଲ କରିଛନ୍ତି, ତାହା ନବାଗତ ମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।ଏହି ସ୍ୱତନ୍ତ୍ର ସ୍କ୍ରିନିଙ୍ଗ୍ କାର୍ଯ୍ୟକ୍ରମରେ 'ଭାରତ ଭାଗ୍ୟ ବିଧାତା' ଚଳଚ୍ଚିତ୍ରର ପୁରା ଟିମ୍ ସଦସ୍ୟ, ଓଡ଼ିଶା ଚଳଚ୍ଚିତ୍ର ଜଗତର ଅନ୍ୟାନ୍ୟ ପ୍ରତିଭାବାନ ବ୍ୟକ୍ତିତ୍ୱ, ବହୁ ସଂଖ୍ୟାରେ ଗଣମାଧ୍ୟମର ପ୍ରତିନିଧି ଏବଂ ସ୍ଥାନୀୟ ସିନେପ୍ରେମୀ ଜନସାଧାରଣ ଏହି ସ୍ୱତନ୍ତ୍ର ଉତ୍ସବରେ ସାମିଲ ହୋଇଥିଲେ। ଏହା ପୂର୍ବରୁ, ଆଜି 'ବିଶ୍ୱ ପରିବେଶ ଦିବସ' ଅବସରରେ ମୁଖ୍ୟମନ୍ତ୍ରୀ ଓ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରଣାୱତ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଠାରେ ବୃକ୍ଷ ରୋପଣ କରିଛନ୍ତି ।

# ଘରୋଇ ବସ୍ ମାଲିକଙ୍କ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର,୫।୬(ମହାଭାରତ): ୧୦ ତାରିଖରେ ହେବାକୁ ଥିବା ବସ୍ ଧର୍ମଘଟକୁ ସ୍ଥଗିତ ରଖିଲା ଘରୋଇ ମାଲିକ ସଂଘ। ଶୁକ୍ରବାର ରାଜ୍ୟ ପରିବହନ ପ୍ରାଧିକରଣ (ଷଞ୍ଜଇ) କମିଶନରଙ୍କ ସହିତ ଆଲୋଚନା ପରେ ପ୍ରସ୍ତାବିତ ବସ୍ ଧର୍ମଘଟକୁ ସ୍ଥଗିତ ରଖିଛି ଘରୋଇ ବସ୍ ମାଲିକ ସଂଘ।

୧୦ ତାରିଖରେ ହେବାକୁ ଥିବା ବସ୍ ଧର୍ମଘଟକୁ ସ୍ଥଗିତ ରଖିଲା ଘରୋଇ ମାଲିକ ସଂଘ। ଶୁକ୍ରବାର ରାଜ୍ୟ ପରିବହନ ପ୍ରାଧିକରଣ (ଷଞ୍ଜଇ) କମିଶନରଙ୍କ ସହିତ ଆଲୋଚନା ପରେ ପ୍ରସ୍ତାବିତ ବସ୍ ଧର୍ମଘଟକୁ ସ୍ଥଗିତ ରଖିଛି ଘରୋଇ ବସ୍ ମାଲିକ ସଂଘ।

ସରକାରଙ୍କୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛି ଘରୋଇ ବସ୍ ମାଲିକ ସଂଘ। ଯଦି ସରକାର ଦାବି ନ ଶୁଣନ୍ତି, ତା'ହେଲେ ଜୁଲାଇ ୧ ତାରିଖରେ ସଂଘର ବୈଠକ ବସିବ। ସେଥିରେ ପୁଣି ଥରେ ବସ୍ ଧର୍ମଘଟ ହେବ କି ନାହିଁ, ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ସେ କହିଛନ୍ତି, ଆଶା କରୁଛୁ ସରକାର ସକାରାତ୍ମକ ପଦକ୍ଷେପ ନେବେ ଓ ଆମ ଦାବି ପୂରଣ କରିବେ ।ଅନ୍ୟପକ୍ଷରେ ଏସ୍‌ଟିଏ ସମ୍ପାଦକ ଶିବ ଟପୋ କହିଛନ୍ତି, ୧୪ଟି ପାରାମିଟର ନେଇ ବସ୍ ଭଡା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖିବ ଏସଟିଏ। ଏହାପରେ ଭଡା ବୃଦ୍ଧି ନେଇ ନିଷ୍ପତ୍ତି ନେବେ ରାଜ୍ୟ ସରକାର। ସୂଚନାଯୋଗ୍ୟ, ତୈଳ ଦର ବୃଦ୍ଧି ଯୋଗୁ ଜୁନ୍ ୨ ତାରିଖରେ ପୁଣି ବସ୍ ଭଡା ବାଇଥିଲେ ରାଜ୍ୟ ସରକାର। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡା କିଲୋମିଟର ପିଛା ୨ ପଇସା ଲେଖାଏ ବଢ଼ିଛି। ପୂର୍ବରୁ ଅର୍ଡିନାରୀ ବସ୍ ଭଡା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି। ଏକ୍ସପ୍ରେସ୍ ବସ୍ ଭଡା କିଲୋମିଟର ପିଛା ୯୪ ପଇସା ଥିଲା ବେଳେ ଏବେ ୯୬ ପଇସାକୁ ବୃଦ୍ଧି ପାଇଛି। ଡିଲକ୍ସ ବସ୍‌ର ଭଡା ପୂର୍ବରୁ କିଲୋମିଟର ପିଛା ୧୩୧ ପଇସା ଥିବା ବେଳେ ଏବେ ୪ ପଇସା ବଢ଼ି ୧୩୫ ପଇସାରେ ପହଞ୍ଚିଛି। ଏସି ଡିଲକ୍ସ ବସ୍ ଭଡା ମଧ୍ୟ ବୃଦ୍ଧି ପାଇଛି। ପୂର୍ବରୁ ଏହି ବର୍ଗର ବସ୍ ସେବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୧୫୯ ପଇସା ଦେବାକୁ ପଡୁଥିବା ବେଳେ ଏବେ ୧୬୩ ପଇସାକୁ ଦେବାକୁ ହେବ। ଅର୍ଥାତ୍ ଏହି ବସ୍‌ର ଭଡା ମଧ୍ୟ କିମି ପିଛା ୪ ପଇସା ବଢ଼ିଛି। ସୁପର ଡିଲକ୍ସ ବସ୍ ଭଡା କିଲୋମିଟର ପିଛା ୬ ପଇସା ବଢ଼ିଛି। ପୂର୍ବରୁ ଏହି ବର୍ଗର ବସ୍‌ରେ ଯାତ୍ରା କରିବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୨୪୭ ପଇସା ଦେବାକୁ ପଡୁଥିଲା। ଏବେ ସେମାନଙ୍କୁ କିମି ପିଛା ୨୫୩ ପଇସା ଦେବାକୁ ପଡିବ।

# ଚାକିରି ଆଶାୟୀଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନୂଆଦିଲ୍ଲୀ,୫।୬(ମହାଭାରତ): ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା କୌଣସି ବ୍ୟକ୍ତିଙ୍କୁ ସେହି ଚାକିରି ପାଇଁ ଚୟନ କରାଯାଇପାରିବ ନାହିଁ, ଯାହା ସ୍ପଷ୍ଟ ଭାବେ କମ୍ ଯୋଗ୍ୟତା ବିଶିଷ୍ଟ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଅଦାଲତ କହିଛନ୍ତି ଯେ ଯଦି କେହି ଏଭଳି ଚାକିରି ପାଇବା ପାଇଁ ନିଜର ଉଚ୍ଚ ଶିକ୍ଷା ବିଷୟରେ ଲୁଚାଉଛନ୍ତି, ତେବେ ଏହା ପ୍ରକୃତରେ ଯୋଗ୍ୟ ଥିବା ଅନ୍ୟ ପ୍ରାର୍ଥୀମାନଙ୍କ ସୁଯୋଗକୁ ଛଡ଼ାଇ ନେଇଥାଏ।



ଏହି ମାମଲା ସିଣ୍ଡିକେଟ ବ୍ୟାଙ୍କର ଜଣେ ଅସ୍ଥାୟୀ ବ୍ୟାଙ୍କ ଆଟେଣ୍ଡାଣ୍ଟଙ୍କୁ ନେଇ ଥିଲା। ଏହି ଚାକିରି କେବଳ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ପରେ ଜଣାପଡ଼ିଥିଲା ଯେ ଚାକିରି ପାଇଁ ଆବେଦନ କରିବା ସମୟରେ ସେହି ବ୍ୟକ୍ତିଜଣକ ନିଜେ ଜଣେ ଗ୍ରାଜୁଏଟ (ସ୍ନାତକ) ବୋଲି ପ୍ରକାଶ କରିନଥିଲେ। କୋର୍ଟ କହିଛନ୍ତି ଯେ ଏହା ଭୁଲ ଥିଲା ଏବଂ ଏହା ଚୟନ ପ୍ରକ୍ରିୟାର ସ୍ୱଚ୍ଛତାକୁ ପ୍ରଭାବିତ କରିଛି। କମ୍ ଯୋଗ୍ୟତା ବିଶିଷ୍ଟ ଲୋକଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ଚାକିରି ସଂରକ୍ଷିତ ରଖାଯାଇଥାଏ, ଯଦ୍ୱାରା ସେମାନେ ସରକାରୀ ନିଯୁକ୍ତିରେ ସମାନ ସୁଯୋଗ ପାଇପାରିବେ। ଯଦି ଅଧିକ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ ଆବେଦନ କରିବେ, ତେବେ ଏହା ସେହିମାନଙ୍କ ପାଇଁ ସୁଯୋଗ କମାଇଦେବ ଯେଉଁମାନଙ୍କ ପାଇଁ ପ୍ରକୃତରେ ଏହି ଚାକିରି ଉଦ୍ଦିଷ୍ଟ।

ଅଦାଲତ ଏକ ପୂର୍ବ ରାୟର ସନ୍ଦର୍ଭ ଦେଇ କହିଛନ୍ତି ଯେ ସରକାରୀ ଚାକିରିରେ ସର୍ବଦା ନିଯୁକ୍ତି ବିଜ୍ଞପ୍ତିରେ ଲେଖାଯାଇଥିବା ନିୟମାବଳୀକୁ ପାଳନ କରାଯିବା ଉଚିତ। ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟଙ୍କ ସେହି ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି, ଯେଉଁଥିରେ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବାକୁ କୁହାଯାଇଥିଲା। ଚାକିରିରୁ ତାଙ୍କୁ ବାହାର କରିବା ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ କାଏମ ରଖିଛନ୍ତି ଏବଂ କହିଛନ୍ତି ଯେ ଏହି ନିଯୁକ୍ତି ପ୍ରକ୍ରିୟା ନିଜେ ବୈଧ ନଥିଲା।



# ଜୀବନଚର୍ଯ୍ୟା





## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଅା। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଅା। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

..... ପରଦା ଖବର .....

# ହିନା ଖାନଙ୍କ ମଜାକ୍ ଉଡାଇଲେ ଶିଳ୍ପା ସିନ୍ଦେ

ଟିଭି ଅଭିନେତ୍ରୀ ଶିଳ୍ପା ସିନ୍ଦେ ସ୍ୱୀକାରପତ୍ର ମାମଲା ପରଠାରୁ ଆଜିକାଲି ଟ୍ରୋଲିଂର ଶିକାର ହେଉଛନ୍ତି । ଏହାରି ମଧ୍ୟରେ ସେ ଖୁଲାସା କରିଛନ୍ତି ଯେ, ଭାରତୀ ସିଂ ଏବଂ ହର୍ଷ ଲିମ୍ବାଚିୟାଙ୍କର ଏକ ପୋଡକାଷ୍ଟରେ ୨୦୧୬ ମସିହାରେ ଭାବିଜୀ ଘର ପର ହୈ ର ନିର୍ମାତାଙ୍କ ବିରୋଧରେ ମିଥ୍ୟା ଯୌନ ନିର୍ଯ୍ୟାତନା ମାମଲା ରୁଜୁ କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ତାଙ୍କର ସ୍ୱୀକାରପତ୍ର ମାମଲା କେବଳ ଟ୍ରୋଲିଂର ଶିକାର ନୁହେଁ ବରଂ ଅନେକ ସେଲିବ୍ରିଟିଙ୍କ ସମାଲୋଚନାର ମଧ୍ୟ ଶିକାର ହୋଇଛନ୍ତି ଯବିଗ୍ ବସ୍ ସିଜିନ୍ ୧୧ରେ ସହ-ପ୍ରତିଯୋଗୀ ହିନା ଖାନ୍ ଶିଳ୍ପା ସିନ୍ଦେଙ୍କ ଉପରେ କ୍ରୋଧ ପ୍ରକାଶ କରିଥିଲେ। ଶିଳ୍ପାଙ୍କ ସ୍ୱୀକାରପତ୍ର



ଉପରେ ପ୍ରତିକ୍ରିୟା ଦେଇ ହିନା ଏହାକୁ ଏକ ଅପରାଧ ବୋଲି କହିଥିଲେ । ଯାହାର ଜବାବରେ ଶିଳ୍ପା ତାଙ୍କ ନାମ ପ୍ରଚାର ପାଇଁ ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ ।ଏବେ ହିନା ପୁଣିଥରେ ଶିଳ୍ପାଙ୍କ ମନ୍ତବ୍ୟକୁ ସମାଲୋଚନା କରି ପ୍ରତିକ୍ରିୟା ଦେଇଛନ୍ତି ।ଏଥିସହ ଶିଳ୍ପା ଏକ ଭିଡିଓ ସେୟାର କରିଛନ୍ତି । ଯେଉଁଥିରେ ସେ ହିନାଙ୍କ ସ୍ୱୀକାରପତ୍ର ପରେ ତାଙ୍କୁ ସମାଲୋଚନା କରିଛନ୍ତି । ହିନାଙ୍କୁ କ୍ୟାନ୍ସର ରୋଗ ନାଁରେ ପବ୍ଲିସିଟି ଖୋଜୁଛନ୍ତି ବୋଲି ଶିଳ୍ପା ଅଭିଯୋଗ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ମୁଁ ଜାଣିନାହିଁ ଲୋକମାନେ ପବ୍ଲିସିଟି ପାଇବା ପାଇଁ ମୋ ନାମ ବ୍ୟବହାର କରିବା କେବେ ବନ୍ଦ କରିବେ। କିନ୍ତୁ ଚଳନ୍ତା ଟ୍ରେନରେ ଚଢ଼ନ୍ତୁ ନାହିଁ ନଚେତ୍ ଆପଣ ଆଘାତ ପାଇବେ । ପବ୍ଲିସିଟି ପାଇବା ପାଇଁ, ଆପଣ ଅସୁସ୍ଥ ଅଛନ୍ତି, ଆପଣଙ୍କ ପରିବାରରେ ମୃତ୍ୟୁ ହୋଇଛି, ତେବେ ଆପଣଙ୍କୁ ଶିଳ୍ପା ସିନ୍ଦେଙ୍କ ଆବଶ୍ୟକତା କାହିଁକି ଅଛି । ଆପଣ ତ ପୂର୍ବରୁ ବହୁତ ଲୋକପ୍ରିୟ ହୋଇଛନ୍ତି ।ଶିଳ୍ପା ମିଥ୍ୟା ଯୌନ ନିର୍ଯାତନା ମାମଲା ଦାୟର କରିବା ବିରୋଧରେ ଆହୁରି କହିଥିଲେ ଯେ, ସାମ, ଦାମ, ଦଣ୍ଡ, ଭେଦ ବିଷୟରେ ପଢ଼ନ୍ତୁ । ଯଦି ଆପଣ ଏହା ପଢିନାହାଁନ୍ତି, ତେବେ ମହାଭାରତ ଦେଖନ୍ତୁ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସେ ଏବେ ଖୋଲାଖୋଲି ଭାବରେ ସତ୍ୟ କହିଛନ୍ତି ଏବଂ କହିବାକୁ ଭୟ କରନ୍ତି ନାହିଁ । ଶିଳ୍ପା ଏହାରି ମଧ୍ୟରେ କହିଛନ୍ତି ଯେ ସେ ସେତେବେଳେ ଏକା ଲଢ଼ିଥିଲେ ଏବଂ ସମାଲୋଚନା ତାଙ୍କୁ ପ୍ରଭାବିତ କରିପାରିନଥିଲା ।

## ଅବଲମ୍ବନ କରନ୍ତୁ ପାଞ୍ଚଟି ଉପକାରୀ ନିୟମ



ଯୋଗରେ ପାଞ୍ଚଟି ଯମ, ପାଞ୍ଚଟି ନିୟମ ବିଷୟରେ କୁହାଯାଇଛି । ଯମ ନିୟମ ଏବଂ ପଞ୍ଚ ମହାବ୍ରତ ଅଥବା ଶୀଳ ଜୀବନରେ ସଂସ୍କାର ଭରି ଦେଇଥାଏ । ଫଳରେ ଜୀବନ ସୁଗଠିତ ହୁଏ । କିନ୍ତୁ ଏସବୁ ଶୁଦ୍ଧପୂର୍ଣ୍ଣ ଭାବେ ପାଳନ କଠିନ ହୋଇଥାଏ । ପାରମ୍ପରିକ ଯୋଗସାଧନାରେ ପ୍ରଚଳିତ ପାଞ୍ଚଟି ନିୟମକୁ ଆଧୁନିକ ଜୀବନରେ ନିମ୍ନୋକ୍ତ ୫ଟି ଭାଗରେ ଅବଲମ୍ବନ କରାଯାଇପାରେ । ଶ୍ରମଶୀଳତା : ଆରାମଦାୟକ ଜୀବନକୁ ଛାଡ଼ି ଶ୍ରମ କରିବା ଉଚିତ୍ । ତତ୍ପରତା ଏବଂ ତନ୍ମୟତାର ସହ ପରିଶ୍ରମ କରି ଜୀବନ ଅତିବାହିତ କରାଯିବା ଆବଶ୍ୟକ । ମିତବ୍ୟୟିତା : ଧନ, ଐଶ୍ୱର୍ଯ୍ୟର ପ୍ରଦର୍ଶନରେ ସମ୍ମାନ ମିଳିନଥାଏ, ଈର୍ଷା ଉତ୍ପନ୍ନ ହୋଇଥାଏ । ଏଣୁ କମ୍ ଖର୍ଚ୍ଚରେ ସାଧାରଣ ଜୀବନ ନିର୍ବାହ କରିବା ସହ ଉଚ୍ଚ ବିଚାରର ନୀତି ଆପଣାଇବା ଆବଶ୍ୟକ । ବଳକା ଧନ ଦୁଃସ୍ଥଙ୍କ ସହାୟତାରେ ବିନିଯୋଗ କରିବା ଉଚିତ୍ । ଶିଷ୍ଟତା : କଥାରେ ଅଛି, ଶାଳୀନତା ବିନା ମୂଲ୍ୟରେ ମିଳିଥାଏ, କିନ୍ତୁ ସେଥିରେ ସବୁକିଛି କିଣି ହୁଏ । ସୁବ୍ୟବସ୍ଥା : ସମୟ, ଶ୍ରମ, ମନୋବୃତ୍ତି, ଜୀବନକ୍ରମ, ଶରୀର, ସାମର୍ଥ୍ୟର ସୁବିନିଯୋଗ କରିବା ଜରୁରୀ । ଏଗୁଡ଼ିକର ସମୁଚିତ ଲାଭ ଜୀବନକୁ ଅଧିକ ବ୍ୟବସ୍ଥିତ କରିଥାଏ । ସହକାରିତା : ମିଳିମିଶି କାମ କରିବା ।

# କର୍ତ୍ତବ୍ୟ ପାଳନ ହିଁ ଆଧ୍ୟାତ୍ମିକତା

ଅନେକ ଦିନ ତଳର କଥା। ସନ୍ଥନଗରରେ ସୁପ୍ରସିଦ୍ଧ ସନ୍ଥ ଜ୍ଞାନେଶ୍ୱର ସକାଳୁ ପୂଜାର୍ଚ୍ଚନା ପରେ ଆଶ୍ରମ ସମ୍ମୁଖରେ ବହୁଥିବା ନଦୀ କୂଳରେ ଭ୍ରମଣ କରୁଥିଲେ। ଏହି ସମୟରେ ଏକ ଶିଶୁର କ୍ରନ୍ଦନ ଶୁଣିପାରିଲେ । ଜ୍ଞାନେଶ୍ୱରଙ୍କ ନଜର ଏକ ଶିଶୁ ଉପରେ ପଡ଼ିଲା। ସେ ଜଳରେ ବୁଡ଼ିଯାଉଥିଲା। ସେ ତୁରନ୍ତ ନଦୀଗର୍ଭକୁ କୁଦି ପଡ଼ିଲେ । ଶିଶୁକୁ ବଞ୍ଚାଇ କୂଳକୁ ନେଇ ଆସିଲେ। ସେ ଦେଖିଲେ ଯେ କୂଳରେ ଜଣେ ସାଧୁ ମହାତ୍ମା ବସି ଧ୍ୟାନ କରୁଛନ୍ତି । ତାଙ୍କୁ ଦେଖିବା ପରେ ଜ୍ଞାନେଶ୍ୱର ତାଙ୍କୁ ଡାକିଲେ। ସାଧୁ ଜଣକ ଆଖି ଖୋଲି ଦେଖିବାରୁ ମହାନ ସନ୍ଥ ଜ୍ଞାନେଶ୍ୱର ଛିଡ଼ା




ହୋଇଥିଲେ। ସେ ଜ୍ଞାନେଶ୍ୱରଙ୍କୁ ପ୍ରଣାମ କଲେ। ଜ୍ଞାନେଶ୍ୱର ପଚାରିଲେ, ତୁମେ ଏଠାରେ କ'ଣ କରୁଛ ? ସାଧୁ କହିଲେ, ମୁଁ ଏଠାରେ ଧ୍ୟାନ କରୁଥିଲି। ଜ୍ଞାନେଶ୍ୱର ପଚାରିଲେ, ତୁମେ କ'ଣ ପ୍ରକୃତରେ ଧ୍ୟାନସ୍ଥ ହୋଇପାରୁଥିଲ ? ସାଧୁ କହିଲେ, ନା ! ମୁଁ ଧ୍ୟାନ ଲଗାଇବାକୁ ଚେଷ୍ଟା କରୁଥିଲି କିନ୍ତୁ ମୋର ମନ ବିଚଳିଥିଲା। "ତୁମକୁ ସେହି ଶିଶୁର ଚିତ୍କାର ଶୁଭୁଥିଲା ନା ନାହିଁ ?" ଜ୍ଞାନେଶ୍ୱର ପ୍ରଶ୍ନ କଲେ। ସାଧୁ କହିଲେ ହଁ ଶୁଭୁଥିଲା। କିନ୍ତୁ ମୁଁ ତ' ଧ୍ୟାନ କରୁଥିଲି । ଧ୍ୟାନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଥିଲା। ସାଧୁଙ୍କ କଥା ଶୁଣି ଜ୍ଞାନେଶ୍ୱର ସ୍ମିତ ହସିଲେ ଏବଂ କହିଲେ, ତୁମ ଧ୍ୟାନ କିପରି ସଫଳ ହୋଇପାରିବ ! ଈଶ୍ୱର ତୁମକୁ କାହାର ସେବା କରିବାର ସୁଯୋଗ ଦେଇଛନ୍ତି ଏବଂ ତାହା ହିଁ ତୁମର ପ୍ରଥମ କର୍ତ୍ତବ୍ୟ ଥିଲା। ଯଦି ତୁମେ ଏହି କର୍ତ୍ତବ୍ୟର ପାଳନ କରିଥାନ୍ତ ତେବେ ତୁମର ଧ୍ୟାନ ଲଗାଇବାରେ ମନ ଲାଗିଥାଆନ୍ତା । ପ୍ରଭୁଙ୍କ ଦ୍ୱାରା ନିର୍ମିତ ଏହି ସଂସାରର ଆନନ୍ଦ ନେବାକୁ ହେଲେ ପ୍ରଥମେ ସଂସାରରୂପୀ ବଗିଚାର ଯତ୍ନ ନେବା ଶିଖିବାକୁ ପଡ଼ିବ। ତା'ହେଲେ ଯାଇ ତୁମେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରିବ । ନିଜ କଥାକୁ ସ୍ପଷ୍ଟ କରିବାକୁ ଯାଇ ଜ୍ଞାନେଶ୍ୱର କହିଲେ, ଆଧ୍ୟାତ୍ମ କେବେହେଲେ ନିଜ କର୍ତ୍ତବ୍ୟ ଠାରୁ ପଳାୟନ କରିବା ଶିଖାଏ ନାହିଁ । ସତ୍ୟ ଏହା ଯେ କର୍ତ୍ତବ୍ୟ ପାଳନ ହିଁ ବ୍ୟକ୍ତିକୁ ଆଧ୍ୟାତ୍ମ ଧାରଣ କରିବା ଲାଗି ଯୋଗ୍ୟ କରିଥାଏ । ଜ୍ଞାନେଶ୍ୱରଙ୍କ ଏପରି ସାରଗର୍ଭକ ଭାଷଣ ଶୁଣି ସାଧୁ ତାଙ୍କର ପାଦ ଧରିପକାଇଲେ ଏବଂ କହିଲେ, ମହାଭାଗ ! ଆଜି ଆପଣ ମୋ ଜୀବନର ଉଦ୍ଦେଶ୍ୟ ମୋତେ କହିଦେଇଛନ୍ତି, ମୋ ମନ ଏବେ ପୂର୍ଣ୍ଣ ସନ୍ତୁଷ୍ଟି ଲାଭ କରିବ ।

# ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ

ପ୍ରାକୃତିକ ବୈଭବ ଓ ଐତିହରେ ଭରପୁର ବୌଦ୍ଧ ଜିଲ୍ଲା । ଜିଲ୍ଲାରେ ରହିଛି ଅନେକ କିମ୍ବଦନ୍ତୀ ଓ ପୁରାଣ କଥା ବହନ କରୁଥିବା ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ।ସେଥି ମଧ୍ୟରୁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା କଞ୍ଚାମାଳ ବ୍ଲକ୍ ଉମା ପଞ୍ଚାୟତ ଅନ୍ତର୍ଗତ ରେଘମୁଣ୍ଡା ସ୍ଥିତ ଦେଢ଼ସୁର ଭାଇବୋହୂ ଭୀମ ପାହାଡ ଅନ୍ୟତମ । ପ୍ରାୟ ଦୁଇ ଶହ ଫୁଟ୍ ଉଚ୍ଚତାରେ ରହିଚି ଦୁଇଟି ପଥର । ଶ୍ରାବଣ ମାସରେ ଏଠାରେ ଥିବା ଗୁପ୍ତେଶ୍ୱର ବାବାଙ୍କ ଶୈବପୀଠ ଦର୍ଶନ କରିବା ସହ ପାହାଡ ଚଢ଼ିବାର ମଜା ନେଇଛନ୍ତି ଭକ୍ତ ଓ ପର୍ଯ୍ୟଟକ। ପାହାଡ଼ର ପାଦଦେଶ ତଳେ ପୂଜା ପାଉଛନ୍ତି ଦେବ ଦେବ ମହାଦେବ ଗୁପ୍ତେଶ୍ୱର ।ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତର ରେଘମୁଣ୍ଡା ସ୍ଥିତ ଭୀମ ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ । କିମ୍ବଦନ୍ତୀ ଅନୁସାରେ ପଞ୍ଚୁ ପାଣ୍ଡବ ଅଜ୍ଞାତବାସରେ ଥିବା ବେଳେ ଗୁପ୍ତରେ ଏଠାରେ ଶିବ ଉପାସନା କରୁଥିଲେ । ସେଇଥିପାଇଁ ବାବାଙ୍କ ନାମ ଗୁପ୍ତେଶ୍ୱର । ଏହି ସ୍ଥାନରେ ପଞ୍ଚୁ ପାଣ୍ଡବ ରହୁଥିବାର ଅନେକ ଛାପ ଏବେ ମଧ୍ୟ ରହିଛି । ବର୍ଷର ବିଭିନ୍ନ ସମୟରେ



ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ସମାଗାମ ହୋଇଥାଏ । ପ୍ରଭୁଙ୍କ ସବୁଠାରୁ ବଡ଼ ଉତ୍ସବ ମହାଶିବରାତ୍ରୀ । ଶ୍ରାବଣ ମାସର ପ୍ରତି ସୋମବାରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଦୂର ଦୂରଦୂରାନ୍ତରରୁ ମାନସିକ ପୂରଣ ପାଇଁ ଆସନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ମହାଦେବଙ୍କୁ ପୂଜା କଲେ ପୁଣ୍ୟଫଳ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ୪୧ ନମ୍ବର ରାଜ୍ୟ ସଡ଼କ ପଥରେ କଣ୍ଟାମାଳ- ବାଲିଗୁଡା ରାସ୍ତାର ଆମ୍ବଗାଁ ଛକରୁ ଆଠ କିଲୋମିଟର ପୂର୍ବ ଦିଗକୁ ଗଲେ ପଡେ ଗୁପ୍ତେଶ୍ୱର ପୀଠ । ଦେଢଶୁର ଭାଇବୋହୂ ପାହାଡ଼ ତଳେ ରହିଛି ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ।ବର୍ଷର ବିଭିଉ ସମୟରେ ଭକ୍ତଙ୍କ ସମାଗାମ ହୋଇଥାଏ । ଅନ୍ୟ ସମୟ ଅପେକ୍ଷା ଶ୍ରାବଣ ମାସରେ ଏହି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହରର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଗୋଟିଏ ପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ପାହାଡ଼ ଚଢିବାର ମଜା ନେବା ସହିତ ବାବା ଗୁପ୍ତେଶ୍ୱରଙ୍କ ନିକଟର ଜଳଲାଗି ସହ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ଦୁଇ ଶହ ଫୁଟ୍ ଉଚ୍ଚତାରେ ଥିବା ପାହାଡ ଉପରକୁ ଯିବା ପାଇଁ ବିପଦ ସଙ୍କୁଳ ଅବସ୍ଥାରେ ଯିବାକୁ ପଡ଼ିଥାଏ । ହେଲେ ଏଠାରେ ମହାଦେବଙ୍କ କୃପାରୁ କେବେ ବି କୌଣସି ଅଘଟଣ ଘଟି ନ ଥାଏ । ପ୍ରାକୃତିକ ଶୋଭାଜିତ ବିମଣ୍ଡିତ ଏହି ସ୍ଥାନକୁ ଯିଏ ବି ଯିବ ମହାଦେବଙ୍କ ଦର୍ଶନ କରିବା ସହ ଏହାର ସୋନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ।

# ମୂଳା ଖାଇବାର ଫାଇଦା



ମୂଳା ଖାଇବାକୁ ଭଲ ଲାଗେ ବୋଲି ଅଧିକ ଲୋକ ଖାଆନ୍ତି। କିନ୍ତୁ ଏହାର ଅନେକ ସ୍ୱାସ୍ଥ୍ୟଗତ ଗୁଣ ରହିଛି। ମୂଳା ଖାଇବା ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ। ଥଣ୍ଡା ଦିନରେ ପ୍ରତିଦିନ ମୂଳା ଖାଇଲେ କଣ କଣ ଲାଭ ମିଳିଥାଏ ଜାଣନ୍ତୁ।

ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ : ମୂଳାରେ ବହୁ ମାତ୍ରାରେ ଭିଟାମିନ-ସି ରହିଛି। ଯାହାଫଳରେ ଶୀତ ଦିନରେ ଥଣ୍ଡା କାଶରୁ ରକ୍ଷା ମିଳିଥାଏ। ମୂଳା ଶରୀରରେ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ଶରୀରରେ ଜ୍ୱଳନ ମଧ୍ୟ କମ କରିଥାଏ।

ରକ୍ତଚାପ ନିୟନ୍ତ୍ରଣ କରିଥାଏ : ମୂଳା ଶରୀରକୁ ପୋଟାସିୟମ ଯୋଗାଇଥାଏ ଯେଉଁଥିପାଇଁ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ। ଯଦି ହାଇପାରଟେନସନ ସମସ୍ୟା ଥାଏ ତାହେଲେ ମୂଳା ନିଶ୍ଚୟ ଖାଇବା ଉଚିତ। ଆୟୁର୍ବେଦ ଅନୁସାରେ ମୂଳା ରକ୍ତ ଉପରେ ଶୀତଳ ପ୍ରଭାବ ପକାଇଥାଏ।

ହୃଦୟ ରୋଗରୁ ରକ୍ଷା କରିଥାଏ: ମୂଳା ଏଂଥୋସାୟନିନର ଏକ ସ୍ରୋତ ଯାହା ଦ୍ୱାରା ହୃଦୟ ଭଲ ଭାବେ କାମ କରିଥାଏ। ପ୍ରତିଦିନ ମୂଳା ଖାଇଲେ ହୃଦୟ ରୋଗ ବିପଦ କମ ହୋଇଥାଏ। ମୂଳାରେ ଫୋଲିକ ଏସିଡ ଓ ଫ୍ଲେବୋନାୟଡ୍ସ ରହିଛି। ଯାହା ଅକ୍ସିଜେନ ମାତ୍ରା ବଢ଼ିଥାଏ ଓ ହୃଦୟ ରୋଗରୁ ରକ୍ଷା କରିଥାଏ।

ଫାଇବର ସ୍ରୋତ : ମୂଳାରେ ବହୁ ମାତ୍ରାରେ ଫାଇବର ରହିଛି। ମୂଳା ଖାଇବା ଦ୍ୱାରା ଶରୀରରେ ଫାଇବର ମାତ୍ରା କମିନଥାଏ। ଫାଇବର ମାତ୍ରା ଯୋଗୁଁ ପାଚନ ତନ୍ତ୍ର ଭଲ ଭାବେ କାମ କରିଥାଏ। ମୂଳା ଲିଭର ଓ ଗଲ ବ୍ଲାଡରକୁ ମଧ୍ୟ ସୁରକ୍ଷିତ ରଖିଥାଏ।

ରକ୍ତ ବାହକକୁ ମଜବୁତ କରିଥାଏ : ମୂଳାରେ କୋଲୋଜେନ ରହିଛି ଯାହା ମଣିଷ ଶରୀରରେ ରକ୍ତ ବାହକକୁ ମଜବୁତ କରିଥାଏ। ଯାହାଫଳରେ ଆଥେରୋସ୍କ୍ଲେରୋସିସ୍ ଭଳି ଗମ୍ଭୀର ରୋଗ ହେବାର ସମ୍ଭାବନା କମିଯାଇଥାଏ।

ମେଟାବୋଲିଜିମ୍ ବଢ଼ିଥାଏ : ମୂଳା ପାଚନ ତନ୍ତ୍ର ପାଇଁ ବହୁତ ଲାଭଦାୟକ। ତାଛଡା ଏସିଡ଼ିଟି, ମୋଟାପଣ, ଗ୍ୟାସ ସମସ୍ୟା ଓ ବାନ୍ତି ଭଳି ସମସ୍ୟା ମଧ୍ୟ ଠିକ କରିବାରେ ସାହାଯ୍ୟ କରିଥାଏ।

ତ୍ୱଚା ପାଇଁ ଲାଭଦାୟକ : ସୁନ୍ଦର ଓ ମସୃଣ ତ୍ୱଚା ପାଇଁ ପ୍ରତିଦିନ ମୂଳା ଜୁସ ପିଇବା ଉଚିତ। ମୂଳାରେ ଭିଟାମିନ-ସି ଓ ଫସଫରସ ଥିବାରୁ ଏହା ତ୍ୱଚାର ରୁଖାପଣ ଦୂର କରିଥାଏ। କେଶରେ ଲଗାଇଲେ ଉପି ସମସ୍ୟା ମଧ୍ୟ ଦୂର ହୋଇଥାଏ ଓ କେଶ ମଜଭୁତ ହୋଇଥାଏ।

ପୋଷାକ ତତ୍ୱରେ ଭରପୁର: ନାଲି ମୂଳାରେ ଭରପୁର ମାତ୍ରାରେ ଭିଟାମିନ-ଏ, ଇ, ସି, କେ ଓ ୬, ରହିଛି। ଏଥିରେ ବହୁ ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ, ଫାଇବର, ଜିଙ୍କ, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଆଇରନ୍ ଏବଂ ମାଙ୍ଗାନିଜ୍ ରହିଛି। ଏହିସବୁ ପୋଷାକ ତତ୍ୱ ଯୋଗୁଁ ଏହା ଶରୀରକୁ ସୁସ୍ଥ ରଖିଥାଏ।

# ଲୋକଭବନରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୫।୬(ମହାଭାରତ): ଭାରତର ଶକ୍ତି ଏହାର ସମୃଦ୍ଧ ବିବିଧତା ଏବଂ ସ୍ଥାୟୀ ଏକତାରେ ରହିଛି ଓ ଏଥି ପାଇଁ ନାଗରିକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ, ସଦଭାବ ଏବଂ ସାମୂହିକ ପ୍ରଗତିର ମୂଲ୍ୟବୋଧକୁ ବଜାୟ ରଖିବାକୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ।ମଙ୍ଗଳବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିବିଧ ସଂସ୍କୃତି, ପରମ୍ପରା ଏବଂ ଇତିହାସ ସତ୍ୱେ ଭାରତର ସ୍ପନ୍ଦନଶୀଳ ସଂଘୀୟ ମନୋଭାବ ଏବଂ ଦେଶକୁ ଏକତ୍ର ବାନ୍ଧି ରଖିବାର ମୂଲ୍ୟବୋଧକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳିତ କରୁଛି ।



ଏହି ତିନୋଟି ରାଜ୍ୟର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କର ଭିନ୍ନ ଇତିହାସ, ଭୌଗୋଳିକ ଅବସ୍ଥିତି ଏବଂ ସାଂସ୍କୃତିକ ପରମ୍ପରା ସତ୍ୱେ ତେଲେଙ୍ଗାନା, ଗୋଆ ଏବଂ ସିକିମ ଦେଶର ଅଭିବୃଦ୍ଧି ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ।

ତେଲେଙ୍ଗାନାକୁ ଆକାଂକ୍ଷା, ସ୍ଥିରତା ଏବଂ ଦ୍ରୁତ ପ୍ରଗତିର ପ୍ରତୀକ ଭାବରେ ବର୍ଣ୍ଣନା କରିବା ସହିତ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ନବସୃଜନ, ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ଉଦ୍ୟୋଗ କ୍ଷେତ୍ରରେ ଏହାର ସଫଳତା ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରିଥିଲେ । ଗୋଆ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ପର୍ଯ୍ୟଟନ, ଶିକ୍ଷା ଏବଂ ଆର୍ଥିକ ବିକାଶରେ ଏହି ରାଜ୍ୟର ଅବଦାନ ସହିତ ଇତିହାସ, ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଅନନ୍ୟ ମିଶ୍ରଣ ଏହାକୁ ଜାତୀୟ ଦୃଶ୍ୟପଟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶ ଏବଂ ଜୈବିକ କୃଷି ପ୍ରତି ସିକିମର ପ୍ରତିବଦ୍ଧତା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏହି ରାଜ୍ୟ ଏହାର ପରିବେଶ ଅନୁକୂଳ ପଦକ୍ଷେପ ଏବଂ ସମୃଦ୍ଧ ଜୈବ ବିବିଧତା ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି ।

ରାଷ୍ଟ୍ର ନିର୍ମାଣରେ ରାଜ୍ୟଗୁଡ଼ିକର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଦେଶର ପ୍ରଗତି ଏହାର ବିବିଧ ଅଂଚଳର ଅବଦାନ ଦ୍ୱାରା ଆକାର ପାଇଛି । ପ୍ରତ୍ୟେକ କ୍ଷେତ୍ର ଭାରତର ସାଂସ୍କୃତିକ ସମୃଦ୍ଧି ଏବଂ ବିକାଶ ଯାତ୍ରାରେ ଯୋଗଦାନ କରେ । ଯେତେବେଳେ ଆମେ ଏକ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ କରୁ, ଆମେ ଭାରତର ଏକ ଅଂଶକୁ ପାଳନ କରୁ ବୋଲି ରାଜ୍ୟପାଳ କହିଥିଲେ ।'ଏକ ଭାରତ ଶ୍ରେଷ୍ଠ ଭାରତ'ର ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ସାଂସ୍କୃତିକ ପ୍ରଶଂସା, ଭାବପ୍ରବଣ ସଂଯୋଗ ଏବଂ ପରସ୍ପର ମଧ୍ୟରେ ଉତମ ସମ୍ପର୍କ ମାଧ୍ୟମରେ ଜାତୀୟ ସଂହତି ସୁଦୃଢ଼ ହୁଏ । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ଦୀର୍ଘକାଳ ଧରି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ସମନ୍ୱୟ ଏବଂ ସାର୍ବଜନୀନ ଭାଇଚାରାର ଏକ ଆଲୋକପଥ ଭାବରେ ଠିଆ ହୋଇଛି ।

ଓଡ଼ିଶାକୁ ନିଜର ଦ୍ୱିତୀୟ ଘର କରିଥିବା ତେଲେଙ୍ଗାନା, ଗୋଆ ଏବଂ ସିକିମର ଲୋକମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କ ଅବଦାନ ରାଜ୍ୟର ସାମାଜିକ ଓ ସାଂସ୍କୃତିକ ଜୀବନକୁ ଋଦ୍ଧିମନ୍ତ କରିବା ସହ ଅର୍ଥନୀତିକୁ ସମୃଦ୍ଧ କରିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ ।ତେଲେଙ୍ଗାନାର ରାଜ୍ୟପାଳ ଶ୍ରୀ ଶିବ ପ୍ରତାପ ଶୁକ୍ଲା, ଗୋଆର ରାଜ୍ୟପାଳ ଶ୍ରୀ ପୁଷପତି ଅଶୋକ ଗଜପତି ରାଜୁ ଏବଂ ସିକିମର ରାଜ୍ୟପାଳ ଶ୍ରୀ ଓମ୍ ପ୍ରକାଶ ମାଥୁରଙ୍କ ଅଡିଓ-ଭିଜୁଆଲ୍ ବାର୍ତା ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ବନ ସଂରକ୍ଷକ (କେନ୍ଦୁ ପତ୍ର) ଶ୍ରୀମତୀ ଉମା ନନ୍ଦୁରୀଙ୍କ ସମେତ ଓଡ଼ିଶାରେ ରହୁଥିବା ଏହି ତିନୋଟି ରାଜ୍ୟର ମୂଳ ବାସିନ୍ଦାମାନେ ଓଡିଶା ରାଜ୍ୟରେ ରହିବାର ସେମାନଙ୍କର ଅଭିଜ୍ଞତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟର ୩ ଛାତ୍ରଛାତ୍ରୀ ଓପିଏସସିରେ ଉତୀର୍ଣ୍ଣ

ଭୁବନେଶ୍ୱର, ୫।୬(ମହାଭାରତ) ଓଡ଼ିଶାର ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟର (ଇଏମଆରଏସ୍) ସଫଳତାରେ ଯୋଡିହେଇଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ପରିବର୍ତନଶୀଳ ପ୍ରଭାବକୁ ପ୍ରଦର୍ଶନ କରି ଚଳିତ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ର ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଏହି ଅନୁଷ୍ଠାନର ତିନି ଜଣ ପୂର୍ବତନ ଛାତ୍ରଛାତ୍ରୀ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି ।

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ, ନୂଆଗାଁ ଗ୍ରାମର ଗଣ୍ଡ ଜନଜାତିର ସୁଶ୍ରୀ ନୀଳିମା କୁମାରୀ ନାୟକ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୯୪ତମ ରାଙ୍କ୍ ହାସଲ କରିଛନ୍ତି । କେନ୍ଦୁଝରର ଇଏମଆରଏସ୍ ରାଙ୍କିର ପୂର୍ବତନ ଛାତ୍ରୀ, ନୀଳିମା ୨୦୧୭ରେ ଏହି ଅନୁଷ୍ଠାନରୁ ତାଙ୍କର ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିଲେ । ବର୍ତମାନ ସହକାରୀ ଶ୍ରମ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ନିଳିମା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମାୟାଧର ନାୟକ ଏବଂ ମାଟ୍ରନ୍ ଶ୍ରୀମତୀ ହୀରାମଣୀ ନାୟକଙ୍କ ଝିଅ । ତାଙ୍କର ଏହି ଅସାଧାରଣ ସଫଳତା ସମଗ୍ର ରାଜ୍ୟରେ ଆଦିବାସୀ ଯୁବକମାନଙ୍କ ପାଇଁ ଏକ ପ୍ରେରଣା ସ୍ୱରୂପ ପାଲଟିଛି ।

ସେହିପରି ଆଉ ଜଣେ ଗର୍ବିତ କୃତିତ୍ୱ ହାସଲକାରୀ ହେଉଛନ୍ତି କେନ୍ଦୁଝର ଜିଲ୍ଲା ପଞ୍ଚୁଗୋଛିଆ ଗ୍ରାମ ସାନ୍ତାଳ ଜନଜାତିର କୃଷ୍ଣ ଚନ୍ଦ୍ର ହେମ୍ବ୍ରମ । ସେ ୨୦୧୭ ମସିହାରେ ଯାଜପୁର ଅନ୍ତର୍ଗତ ଇଏମଆରଏସ୍ ରାମପିଲୋରୁ ଦଶମ ଶ୍ରେଣୀ ପାସ୍ କରିଥିଲେ । ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୮୫ତମ ରାଙ୍କ୍ ହାସଲ କରିଛନ୍ତି । ବର୍ତମାନ ଇଏମଆରଏସ୍ ଭବାନୀପୁରରେ ଟିଜିଟି (ସାମାଜିକ ଅଧ୍ୟୟନ) ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା କୃଷ୍ଣ, ତାଙ୍କ ପିତାମାତା ସ୍ୱର୍ଗତ କୁଳମଣି ହେମ୍ବ୍ରମ ଏବଂ ସ୍ୱର୍ଗତ ଜାବା ହେମ୍ବ୍ରମଙ୍କୁ ହରାଇ ଜୀବନର ଅନେକ ବ୍ୟକ୍ତିଗତ କଷ୍ଟକୁ ଦୂର କରି ସଫଳ ହୋଇଛନ୍ତି । ଏହି କୃତିତ୍ୱ ତାଙ୍କର ଦୃଢ଼ତା, ସଂଘର୍ଷ ଏବଂ ସମର୍ପଣକୁ ପ୍ରତିଫଳିତ କରୁଛି ।

ଏଥିସହିତ, ନବରଙ୍ଗପୁର ଜିଲ୍ଲା ସାନବାର୍ଲି ଗ୍ରାମର ଭତ୍ରା ଜନଜାତିର କେଶବ ମାଝୀ ମଧ୍ୟ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୮୨ତମ ରାଙ୍କ୍ ହାସଲ କରି ସଫଳତା ପାଇଛନ୍ତି । ୨୦୧୭ ମସିହାରେ ନବରଙ୍ଗପୁରର ଇଏମଆରଏସ୍ ହିର୍ଲିରୁ ପାସ୍ କରି କେଶବ ବର୍ତମାନ ଜଣେ ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି । ଏକ ସାଧାରଣ ଚାଷୀ ପରିବାରରେ ଜନ୍ମଗ୍ରହଣ କରି ସେ ଆଜି ଗ୍ରାମୀଣ ଏବଂ ଆଦିବାସୀ ପୃଷ୍ଠଭୂମିର ଛାତ୍ରମାନଙ୍କ ପାଇଁ ଏକ ଆଦର୍ଶ ଭାବରେ ଉଭା ହୋଇଛନ୍ତି । ଏହି ସମସ୍ତ ପୂର୍ବତନ ଛାତ୍ରଛାତ୍ରୀଙ୍କ ଅସାଧାରଣ କୃତିତ୍ୱ ପ୍ରମାଣିତ କରିଛି ଯେ, ଉପାନ୍ତ ଅଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ଓ ପ୍ରଶାସନିକ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ସଶକ୍ତ କରିବାରେ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ବ୍ୟବସ୍ଥା ଏକ ପ୍ରମୁଖ ଓ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି ।

# ଶିମିଳିପାଳରେ ବାଘୁଣୀ ଜିନତ ୪ ଶାବକଙ୍କୁ ଜନ୍ମ ଦେଇଥିବାରୁ ଖୁସି ବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୬(ମହାଭାରତ): ଶିମିଳିପାଳରେ ବାଘୁଣୀ ଜିନତ ଚାରୋଟି ଶାବକଙ୍କୁ ଜନ୍ମ ଦେବା ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଏକ ଗୌରବମୟ ଅଧ୍ୟାୟ ଯୋଡିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।

ଏକ୍ସରେ ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଆଜି ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି । ମହାରାଷ୍ଟ୍ରର ଟାଡୋବା-ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ସ୍ଥାନାନ୍ତରିତ ହୋଇଥିବା ବାଘୁଣୀ 'ଜିନତ' ଶିମିଳିପାଳର ଅନୁକୂଳ ପରିବେଶରେ ଚାରୋଟି ଶାବକଙ୍କୁ ଜନ୍ମ ଦେଇଛି । ଏହି ସଫଳତା କେବଳ ରାଜ୍ୟରେ ବ୍ୟାଘ୍ର ସଂଖ୍ୟାରେ ବୃଦ୍ଧି ନୁହେଁ, ବରଂ ଜୈବ ବିବିଧତାର ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ପାଇଁ ଏକ ନିରାପଦ ଓ ସୁଦୃଢ଼ ବାସସ୍ଥାନ ସୃଷ୍ଟି କରିବାରେ ଆମ ପ୍ରଶାସନିକ ଦୂରଦୃଷ୍ଟିର ପ୍ରକୃଷ୍ଟ ନିଦର୍ଶନ ।

ମା' ଓ ଶାବକମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ସେମାନଙ୍କ ଗତିବିଧି ଉପରେ କ୍ରମାଗତ ନଜର ରଖାଯାଇଛି । ଆମ ବନ କର୍ମଚାରୀଙ୍କ ନିଷ୍ଠାପର ତଦାରଖ ଓ କାର୍ଯ୍ୟକ୍ଷମ ସଂରକ୍ଷଣ ନୀତି ଯୋଗୁଁ ଆଜି ଓଡ଼ିଶା ବନ୍ୟପ୍ରାଣୀଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି । ଶିମିଳିପାଳର ଏହି ଜୈବିକ ସନ୍ତୁଳନକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ରାଜ୍ୟର ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନାକୁ ଆଗାମୀ ଦିନରେ ଅଧିକ ସୁଦୃଢ଼ କରିବା ନେଇ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ।

# ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡଛି : ବିଜେଡି

ଭୁବନେଶ୍ୱର,୫।୬(ମହାଭାରତ): ବିଜେପି ସରକାରକୁ ଆସିବା ଦିନଠୁ ପ୍ରାୟ ସବୁ ପରୀକ୍ଷାରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ ହୋଇଛି । । ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରି ଥର ନିଟ୍ ପରୀକ୍ଷା ବାତିଲ୍ ହୋଇଥିବା ବେଳେ ସିବିଏସ୍ଇ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷାରେ ମଧ୍ୟ ବିଭ୍ରାଟ ସୃଷ୍ଟି ହୋଇଛି । ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାର ଉପରେ କ୍ଷୋଭ ପ୍ରକାଶ କରିଛି ବିଜୁ ଜନତା ଦଳ ।ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ନିଟ୍, ସିବିଏସ୍ଇ ପରୀକ୍ଷାରେ ବିଭ୍ରାଟ ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାରକୁ କଡ଼ା ସମାଲୋଚନା କରିଥିଲେ ।ଶ୍ରୀମତୀ ସୁଲତା ଦେଓ କହିଥିଲେ ଯେ, ବାରମ୍ବାର ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଗଭୀର ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ବର୍ଷ ବର୍ଷ ଧରି ପରିଶ୍ରମ କରି ପରୀକ୍ଷା ଦେଉଥିବା ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି । ୨୦୨୪ରେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେଲା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଦାୟିତ୍ୱରେ ଥିବା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଥମେ ଅସ୍ୱୀକାର କଲେ ଓ ପରେ ମାନିଲେ ଯେ, କିଛି ରାଜ୍ୟରେ ପେପର ଲିକ୍ ହୋଇଛି । ଚଳିତ ବର୍ଷ ନିଟ୍, ସିବିଏସ୍ଇ, ସିୟୁଟି ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ରହିଥିବା ବେଳେ କେତେକ ପିଲା ଆତ୍ମହତ୍ୟା କରିସାରିଲେଣି । ଏପରି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉତ୍ତରଦାୟିତ୍ୱ ରହିଥିଲେ ମଧ୍ୟ ସେ ଏହି ପ୍ରସଙ୍ଗରେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେବାରେ ବିଫଳ ହୋଇଛନ୍ତି ।ଶ୍ରୀମତୀ ଦେଓ ଆହୁରି କହିଥିଲେ, ସୋସିଆଲ ମିଡିଆରେ



ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସମ୍ପର୍କରେ ବିଭିନ୍ନ ତଥ୍ୟ ଓ ଅଭିଯୋଗ ପ୍ରଚାରିତ ହେଉଛି । ଏହି ଟ୍ରଷ୍ଟ ସହ କେନ୍ଦ୍ରମନ୍ତ୍ରୀଙ୍କ ଧର୍ମପତ୍ନୀ ଶ୍ରୀମତୀ ମୃଦୁଳା ପ୍ରଧାନଙ୍କ ନାମ ଜଡିତ ଥିବାରୁ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ବିଜୁ ନବୀନ ଇନ୍ସପିରେସନାଲ ଟ୍ରଷ୍ଟ ବିଷୟରେ ବିଭିନ୍ନ ସମୟରେ ଯେପରି ପ୍ରଶ୍ନ ଉଠିଥିଲା ଆମେ ସେଥିରେ ସ୍ୱଚ୍ଛତା ଦେଇଥିଲୁ, ସେହିପରି ଧର୍ମେନ୍ଦ୍ର ବାବୁ ମଧ୍ୟ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ ତାଙ୍କର କିମ୍ବା ତାଙ୍କ ପରିବାରର କି ପ୍ରକାର ସମ୍ପର୍କ ରହିଛି ତାହା ସ୍ପଷ୍ଟ କରନ୍ତୁ ।

ଡ଼ ଲେନିନ ମହାନ୍ତି କହିଥିଲେ ଯେ, ବିକଶିତ ଭାରତର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିଲା ଭାରତୀୟ ଜନତା ପାର୍ଟି । କିନ୍ତୁ ନିଟ୍, ସିବିଏସଇ ଏବଂ ସିୟୁଇଟି ଭଳି ଜାତୀୟ ସ୍ତରର ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଘଟୁଥିବାରୁ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସକୁ ଗଭୀର ଆଘାତ ଦେଇଛି । ଗୋଟିଏ ପରୀକ୍ଷାକୁ ସଠିକ ରୂପରେ ପରିଚାଳନା କରିବା ପାଇଁ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦକ୍ଷତା ନାହିଁ । ପେପର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏବଂ ଶିକ୍ଷା ମନ୍ତ୍ରଣାଳୟ ଏହାର ନୈତିକ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ । ବିଭିନ୍ନ ଗଣମାଧ୍ୟମ ଏବଂ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପରୀକ୍ଷା ପରିଚାଳନାରେ ଗୁରୁତର ବିଫଳତା ପରିଲକ୍ଷିତ ହୋଇଛି ।ଡ଼ ମହାନ୍ତି ଆହୁରି କହିଥିଲେ, ଆମେରିକାର ମେଲୋରସ୍ ସହରରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଝିଅ ଯେଉଁ ଘରେ ରହି ତାଙ୍କ ଏଲ୍ଏଲ୍ଏମ୍ ଶିକ୍ଷା ଗ୍ରହଣ କରୁଥିଲେ, ସେଠାରେ ତାଙ୍କୁ ଯେଉଁମାନେ ଭେଟୁଥିଲେ ସେହି ମାନଙ୍କ ଭିତରୁ କିଛି ଲୋକଙ୍କ ଶିକ୍ଷାଜନିତ ବ୍ୟବସାୟ ଅଛି କି ନାହିଁ ଏବଂ କମ୍ପ୍ୟୁଟେକ, ଏଡୁଟେକ୍ ସଂସ୍ଥାର ନିର୍ଦ୍ଦେଶକ ରାଧାକ୍ରିଷ୍ଣ ଜୟରମଣଙ୍କୁ ଆମେରିକାରେ ତାଙ୍କ ଝିଅଙ୍କ ସ୍ଥାନୀୟ ଅଭିଭାବକ ଭାବେ ଦର୍ଶାଯାଇଛି କି ନାହିଁ ତାହା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ପଷ୍ଟ କରନ୍ତୁ । ସିବିଏସ୍ଇ ପରୀକ୍ଷାର ଖାତା ଦେଖା ପାଇଁ ଏଡୁଟେକ୍ ସଂସ୍ଥାକୁ କାମ ଦେବା ପାଇଁ ତିନି ତିନି ଥର ଟର୍ମ ଆଣ୍ଡ କଣ୍ଡିସନ ଶ୍ରୀ ପ୍ରଧାନ ବଦଳାଇଥିଲେ ନା ନାହିଁ, ତାହାର ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ଅଛି । ନିଟ୍ ଓ ଅନ୍ୟାନ୍ୟ ପରୀକ୍ଷାରେ ଘଟିଥିବା ଅନିୟମିତତା ପାଇଁ ସ୍ୱାଧୀନ ଭାରତବର୍ଷରେ ସବୁଠୁ ବିଫଳ ଶିକ୍ଷାମନ୍ତ୍ରୀ ଭାବେ ଶ୍ରୀ ପ୍ରଧାନଙ୍କ ନାମ ଗଣାଯିବ ।

# ଜେଇଇ ଆଡଭାନ୍ସ ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୫।୬(ମହାଭାରତ): ଜେଇଇ ଆଡଭାନ୍ସ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇଛନ୍ତି । ଏକ ଶୁଭେଚ୍ଛା ବାର୍ତାରେ ରାଜ୍ୟପାଳ କହିଛନ୍ତି ଯେ ଜେଇଇ ଆଡଭାନ୍ସଡ୍ ପାଇଁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ । ଯେଉଁମାନେ ଯୋଗ୍ୟତା ଅର୍ଜନ କରିଛନ୍ତି ସେମାନେ କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ମାଧ୍ୟମରେ ଏକ ଉଲ୍ଲେଖନୀୟ ମାଇଲଖୁଂଟ ହାସଲ କରିଛନ୍ତି । ଯେଉଁମାନେ ଇଚ୍ଛିତ ଫଳାଫଳ ପାଇ ନାହାଁନ୍ତି, ନିରାଶ ହୁଅନ୍ତୁ ନାହିଁ । ଏହା ଆପଣଙ୍କ ଯାତ୍ରାରେ କେବଳ ଗୋଟିଏ ପାହାଚ । ପ୍ରତ୍ୟେକ ଛାତ୍ରଙ୍କ ସଫଳତା ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୫।୬(ମହାଭାରତ): ଆସନ୍ତା ଜୁନ୍ ୨୧ ତାରିଖରେ ପାଳିତ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ମହୋତ୍ସବ ସମିତି ଓ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ଟେନିସ ଅଡିଟୋରିୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୁନ୍ ୨୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କଳିଙ୍ଗ ଷ୍ଟାଡିୟମରେ ଏକ ବିଶାଳ ଯୋଗ ଶିବିର ଆୟୋଜନ କରିବା ସହିତ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟ, ବ୍ଲକ୍ ମୁଖ୍ୟାଳୟ ଏବଂ ପଞ୍ଚାୟତ ସ୍ତରରେ ଯୋଗ ଦିବସ ପାଳନ ପାଇଁ ବିସ୍ତୃତ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଥିଲା ।କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସୁଧାକର ନାୟକ ଏବଂ ଧୀରଜ ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିଭିନ୍ନ ସହଭାଗିତା ଓ ସମନ୍ୱୟ ଦିଗ ଉପରେ ଆଲୋକପାତ କରିଥିଲେ । ଯୋଗ ମହୋତ୍ସବ ସମିତି ପକ୍ଷରୁ ସଭାପତି ଆଲୋକ ଦାସ, ଉପସଭାପତି ଅସୀମ ସାହାଣୀ, କାର୍ଯ୍ୟକାରୀ ସମ୍ପାଦକ ସତ୍ୟଶୋଭନ ମିଶ୍ର ଓ ଜ୍ୟୋତି ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ଏବଂ ସଫଳ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ ।

# ଜାପାନର ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମରେ ରାଜ୍ୟର ୪ ମେଧାବୀ ଛାତ୍ରଛାତ୍ରୀ

ଭୁବନେଶ୍ୱର,୫।୬(ମହାଭାରତ): ଓଡ଼ିଶାର ବିଦ୍ୟାଳୟ ଶିକ୍ଷା କ୍ଷେତ୍ର ପାଇଁ ଏକ ଗର୍ବର ବିଷୟ ଯେ, ରାଜ୍ୟର ୪ ଜଣ ମେଧାବୀ ଛାତ୍ରଛାତ୍ରୀ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ତଥା ସମଗ୍ର ଦେଶର ନାମ ରଖିଛନ୍ତି । ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ 'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ ୨୦୨୬' ରେ ଭାରତର ପ୍ରତିନିଧିତ୍ୱ କରି ଓଡ଼ିଶାର ଚାରି ଜଣ ଛାତ୍ରଛାତ୍ରୀ ସଫଳତାର ସହ ନିଜର ଦଶଦିନିଆ (୨୧ ମେ ରୁ ୩୧ ମେ ୨୦୨୬) ଜାପାନ ଗସ୍ତ ସମାପ୍ତ କରି ଦେଶକୁ ଫେରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ସେହି ଗୌରବମୟ ଶିକ୍ଷାର୍ଥୀମାନେ ହେଲେ:

୧. ବିଷ୍ଣୁ ପ୍ରସାଦ ଜେନା – ବି.ଜେ.ବି ଜେ.ସ୍.ସ୍, ଭୁବନେଶ୍ୱର (ଖୋର୍ଦ୍ଧା), ୨. ଶୁଭମ୍ ନାୟକ– ସରକାରୀ ହାଇସ୍କୁଲ, କୋରାପୁଟ । ୩. ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ – ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓରିୟା, ତେଲକୋଇ (କେନ୍ଦୁଝର) । ୪. ଆଦ୍ୟାଶା ପଣ୍ଡା– ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରେଙ୍ଗାଲି (ସମ୍ବଲପୁର) । ଏହି ଜାପାନ ଗସ୍ତ



ସମୟରେ ଛାତ୍ରଛାତ୍ରୀମାନେ ଜାପାନର ପ୍ରସିଦ୍ଧ ସହର ତ୍ସୁକୁବା ଏବଂ ଆସାକୁସା ଭ୍ରମଣ କରିବା ସହ 'ଶିବାଉରା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' ଏବଂ 'କାଶିୱା ଜୁନିୟର ଆଣ୍ଡ ସିନିୟର ହାଇସ୍କୁଲ'ରେ ଆୟୋଜିତ ବିଭିନ୍ନ ଶୈକ୍ଷିକ ଏବଂ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ଚୟନିତ ଛାତ୍ରଛାତ୍ରୀମାନଙ୍କୁ ଜାପାନର ଶୀର୍ଷ ସ୍ତରର ବିଶ୍ୱବିଦ୍ୟାଳୟ ଏବଂ ପ୍ରମୁଖ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ପରିଦର୍ଶନ କରିବାର ଏକ ଅପୂର୍ବ ସୁଯୋଗ ମିଳିଥିଲା । ଏହା ସହିତ ସେମାନେ ଜାପାନର ନୋବେଲ ବିଜେତା ଏବଂ ବିଶିଷ୍ଟ ପ୍ରଫେସରମାନଙ୍କ ବକ୍ତବ୍ୟ ଶୁଣିବା ସହ ଜାପାନର ସମୃଦ୍ଧ ସଂସ୍କୃତି ଓ ଆଧୁନିକ ବୈଜ୍ଞାନିକ ପ୍ରଗତିକୁ ଅତି ନିକଟରୁ ଅନୁଭବ କରିଛନ୍ତି ।'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ' ହେଉଛି ଏକ ସ୍ୱତନ୍ତ୍ର ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଯେଉଁଥିରେ ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ପକ୍ଷରୁ ଏସୀୟ ଦେଶଗୁଡ଼ିକର ମେଧାବୀ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପ୍ରାୟ ଏକ ସପ୍ତାହ ପାଇଁ ଜାପାନ ଆମନ୍ତ୍ରଣ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ଭାରତରୁ ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୧୫ ବର୍ଷରୁ ଅଧିକ ବୟସର ଯୋଗ୍ୟ ଶିକ୍ଷାର୍ଥୀମାନଙ୍କୁ ଚୟନ କରାଯାଇ ଜାପାନର ଉନ୍ନତ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ସଂସ୍ପର୍ଶରେ ଆସିବାର ସୁଯୋଗ ପ୍ରଦାନ କରାଯାଏ ।

# ପୋଥି ଅଧ୍ୟୟନ, ଗବେଷଣା ଏବଂ ସଂରକ୍ଷଣ ସମସ୍ତଙ୍କ ଦାୟିତ୍ୱ

ଭୁବନେଶ୍ୱର,୫।୬(ମହାଭାରତ): କୌଣସି ଜାତିର ପରିଚୟ କେବଳ ତାହାର ଭୂଖଣ୍ଡ, ରାଜନୈତିକ ଇତିହାସ କିମ୍ବା ଅର୍ଥନୈତିକ ସମୃଦ୍ଧିରେ ନୁହେଁ; ବରଂ ତାହାର ସଂରକ୍ଷିତ ଜ୍ଞାନ, ସ୍ମୃତି ଓ ସାଂସ୍କୃତିକ ଉତରାଧିକାରରେ ନିହିତ । ସେହି ଉତରାଧିକାରର ସବୁଠାରୁ ପ୍ରାମାଣିକ ଓ ଜୀବନ୍ତ ଦଲିଲ ହେଉଛି ପୋଥି ଓ ପାଣ୍ଡୁଲିପି । ପୋଥି ସଂରକ୍ଷଣ, ଅଧ୍ୟୟନ ଓ ଗବେଷଣା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ପୋଥିବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଉଦଘାଟନ କରି ବିଶିଷ୍ଟ ପୋଥିବିଜ୍ଞାନୀ ତଥା ଜାତୀୟ ପାଣ୍ଡୁଲିପି ମିଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି ।

ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଏକାଡେମୀର ସଚିବ ଡ. ପ୍ରଦୀପ କୁମାର ରାଉତ ପାଣ୍ଡୁଲିପି ସମ୍ପଦର ସନ୍ଧାନ, ସର୍ବେକ୍ଷଣ, ସଂରକ୍ଷଣ, ଡିଜିଟାଲ ରୂପାନ୍ତରଣ, ବର୍ଣ୍ଣନାତ୍ମକ ସୂଚୀକରଣ, ସମ୍ପାଦନା, ପ୍ରକାଶନ ଏବଂ ଗବେଷଣାର ପ୍ରସାର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ପୋଥିବିତ ପ୍ରଫେସର ହରେକୃଷ୍ଣ ମିଶ୍ର କହିଥିଲେ ଯେ ପୋଥିଗୁଡିକର ସଠିକ ପଠନ ଦ୍ୱାରା ଭାରତୀୟ ଜ୍ଞାନ ପରମ୍ପରାର ସଂରକ୍ଷଣ ଓ ବିକାଶ ସମ୍ଭବ ହୋଇ ପାରିବ । ସେ କହିଥିଲେ ଯେ କର୍ମଶାଳାର ମୂଳ ଲକ୍ଷ୍ୟ କେବଳ ପାଣ୍ଡୁଲିପି ସମ୍ବନ୍ଧରେ ସାଧାରଣ ସୂଚନା ପ୍ରଦାନ କରିବା ନୁହେଁ; ବରଂ ପାଣ୍ଡୁଲିପି ଅଧ୍ୟୟନକୁ ଏକ ସୁସଂହତ ଶାସ୍ତ୍ରୀୟ ଅନୁଶୀଳନ ଭାବରେ ପ୍ରତିଷ୍ଠିତ କରିବା

ରାଜଧାନୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ତଥା ଏହି କର୍ମଶାଳାର ପାଠ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ବିଭୁତି ଭୂଷଣ ମହାପାତ୍ର ପାଣ୍ଡୁଲିପି ବିଜ୍ଞାନ, ଲିପିବିଜ୍ଞାନ, କୋଡିକୋଲୋଜି, ପାଠୋଦ୍ଧାର, ପାଠ ସଂଶୋଧନ, ସମାଲୋଚନାତ୍ମକ ସମ୍ପାଦନା, ବର୍ଣ୍ଣନାତ୍ମକ ସୂଚୀ ପ୍ରସ୍ତୁତି, ଡିଜିଟାଲ ସଂରକ୍ଷଣ ଓ ଗବେଷଣା ପ୍ରଣାଳୀ ଭଳି ବିଷୟଗୁଡ଼ିକୁ ଏହି କର୍ମଶାଳାରେ ସାମିଲ କରାଯାଇଛି ବୋଲି କହିଥିଲେ ।

ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ ସ୍ମୃତି ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଦେବାନନ୍ଦ ଭଞ୍ଜ, ବରିଷ୍ଠ ଅଧିକାରୀ ଶ୍ରୀନିବାସ ମିଶ୍ର ଅନ୍ୟ ବୈଷୟିକ ବିଶେଷଜ୍ଞମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଦଶ ଦିନ ଧରି ହେବାକୁ ଥିବା ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୬୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଦୈନିକ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବିଦ୍ୱାନମାନେ ବୈଷୟିକ ଅଧିବେଶନଗୁଡିକରେ ତାଲିମ ପ୍ରଦାନ କରିବେ ।

# ପୋଲିସ ବର୍ବରତା ଅତ୍ୟନ୍ତ ଉଦବେଗଜନକ : କଂଗ୍ରେସ

ଭୁବନେଶ୍ୱର,୫।୬(ମହାଭାରତ): ରାଜ୍ୟରେ ପୁଲିସ ପ୍ରଶାସନର ବର୍ବରତା ସବୁ ସୀମା ଟପି ସାରିଲାଣି । ଥାନା ଭିତରେ ନିର୍ଯାତନା ଏବଂ ହାଜତ ମୃତ୍ୟୁ ମାମଲା ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ପୁଲିସ ପ୍ରଶାସନ ବିଫଳ ହୋଇ ଥିବାବେଳେ ସାଧାରଣ ଲୋକଙ୍କୁ ହାଜତରେ ନିର୍ଯାତନା ଦେବା ନିନ୍ଦନୀୟ ବୋଲି ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ଏବଂ ମୁଖପାତ୍ର ଡ. ମନିଷା ଦାସ ପଟ୍ଟନାୟକ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ରାଜ୍ୟରେ ଆଇନଶୃଙ୍ଖଳା ସରକାରଙ୍କ ଆୟତ୍ତରେ ନାହିଁ । ଦିନକୁ ଦିନ ରାଜ୍ୟରେ ଅରାଜକତା, ହିଂସା, ହତ୍ୟା, ଧର୍ଷଣ, ସାଧାରଣ ଲୋକଙ୍କ ଉପରେ ନିର୍ଯ୍ୟାତନା, ପୋଲିସ ବର୍ବରତା ବଢି ଚାଲିଥିବା ନେଇ ଶ୍ରୀ ପ୍ରଧାନ ଉଦବେଗ ପ୍ରକାଶ କରିଥିଲେ । କବିସୂର୍ଯ୍ୟ ନଗରରେ ଘଟିଥିବା ହାଜତ ହତ୍ୟା ପାଇଁ ସରକାରଙ୍କ ଗୃହ ବିଭାଗ ଏବଂ ପୋଲିସର ଅପାରଗତା ଦାୟୀ ବୋଲି ସେ କହିଥିଲେ ଏବଂ ଉପଯୁକ୍ତ ତଦନ୍ତ ପାଇଁ ଦାବୀ କରିଥିଲେ । ସେହିପରି ମୁଖପାତ୍ର ଡ. ମନିଷା କହିଥିଲେ ପୁଲିସ ସାଧାରଣ ଲୋକଙ୍କୁ ଥାନାକୁ ଡକାଇ ଅକଥନୀୟ ନିର୍ଯାତନା ଦେଉଛି । ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ପୁଲିସ ଅଟକ ରଖି ନିର୍ଯାତନା ଦେବା ପରେ ସେ ଜୀବନ-ମରଣ ସହ ସଂଘର୍ଷ କରୁଛନ୍ତି । ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଭିତରେ ଆଇଆଇସି ଜଣେ ଗରିବ ମା' ଓ ପୁଅଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଥିଲେ । ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନାରେ ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଅକଥନୀୟ ନିର୍ଯାତନା ଦେଇ ହତ୍ୟା କରାଯାଇଛି । ଗତ ୨୦ ଦିନ ଭିତରେ ଗଞ୍ଜାମ ଜିଲାରେ ୧୦ଟି ହତ୍ୟାକାଣ୍ଡ ହେଲାଣି ।କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସଂସଦରେ ଉପସ୍ଥାପନ କରିଥିବା ରିପୋର୍ଟ ଅନୁଯାୟୀ; ୨୦୨୫-୨୬ ବର୍ଷରେ ଓଡ଼ିଶାରେ ହାଜତ ମୃତ୍ୟୁ ସଂଖ୍ୟା ୧୦ରେ ପହଂଚିଛି ।ଅନ୍ୟ ରାଜ୍ୟରେ ଏପରି ଘଟଣାରେ ପୋଲିସକୁ ଫାଶୀ ଦଣ୍ଡ ଦିଆଯାଉଥିଲା ବେଳେ ଓଡ଼ିଶାରେ ଅପରାଧୀ ପୋଲିସଙ୍କ ପାଇଁ ସରକାର ଏତେ ତତ୍ପର କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ ।

# ସକ୍ଷମାର ଖୋଲା ଆଲୋଚନା ଅନୁଷ୍ଠିତ

ଭୁବନେଶ୍ୱର,୫।୬(ମହାଭାରତ): ସତ୍ୟନଗର ସ୍ଥିତ, ତୋଷାଳି ଭବନ,ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶ୍ରୀମତୀ ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସକ୍ଷମାର ଏକ ଖୋଲା ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଶ୍ରୀମତୀ ଗୀତାଞ୍ଜଳି ନାୟକ, ଅତିରିକ୍ତ ଶାସନ ସଚିବ, ପଂଚାୟତିରାଜ ଓ ପାନୀୟଜଳ ବିଭାଗ,ଏହି ଖୋଲା ଆଲୋଚନରେ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ପଂଚାୟତିରାଜ ଓ ପାନୀୟଜଳ ବିଭାଗତରଫରୁ କଣ ସୁବିଧା ରହୁଛି ଏବଂ ତାର ପ୍ରାବଧାନ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେହିପରି ବିଜୟ ସ୍ୱାଇଁ, କ୍ରୀଡା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ, କ୍ରୀଡା କ୍ଷେତ୍ରରେ ବହୁ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ରାଜ୍ୟ ପାଇଁ ଯେଉଁ ଗର୍ବଗୌରବ ଆଣୁଛନ୍ତି ସେମାନଙ୍କ ନିମନ୍ତେ ବିଭାଗ ତରଫରୁ ଯେଉଁ ସୁବିଧା ସୁଯୋଗ ଦେବା କଥା ସେଥି ପାଇଁ ଆମେ ଚେଷ୍ଟା କରୁଛୁ । କ୍ରୀଡା ଓ ଯୁବସେବା ବିଭାଗ ତରଫରୁ ଭିନ୍ନକ୍ଷମମାନଙ୍କୁ ସାପୋର୍ଟ କଲାଭଳି ଏକ ଶୟନ ଗୃହ ଏବଂ ଷ୍ଟାଡିୟମ ନିର୍ମିତ କରାଯାଇଥିବା ସେ ପ୍ରକାଶ କରିଥିଲେ । ଏହା ସହ ପରବର୍ତୀ ସମୟରେ ଭିନ୍ନକ୍ଷମମାନଙ୍କୁ ସୁବିଧା କଲାଭଳି ଟୟଲେଟ, ରାମ୍ପ, ଲିଫ୍ଟ ତଥା ଅନ୍ୟାନ୍ୟ ସୁବିଧା ପାଇଁ ଚେଷ୍ଟା କରିବୁ ବୋଲି କହିଥିଲେ ।

# ଜନସଂଖ୍ୟା ବୃଦ୍ଧି

ଜନସଂଖ୍ୟା ଆଧାରରେ ଲୋକସଭାରେ ପ୍ରତିନିଧିତ୍ୱ ତଥା ସୀମା ପୁନର୍ନିର୍ଦ୍ଧାରଣ ବ୍ୟବସ୍ଥା ଏବେ ଓଡିଶା ସମେତ କେତେକ ରାଜ୍ୟ ପାଇଁ ମୁଣ୍ଡବ୍ୟାଥାର କାରଣ ହୋଇଥିବାବେଳେ ଦକ୍ଷୀଣ ଭାରତର ଦୁଇ ପ୍ରମୁଖ ରାଜ୍ୟ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଏବେ ଜନସଂଖ୍ୟା ବୃଦ୍ଧି ତଥା ଅଧିକରୁ ଅଧିକ ସନ୍ତାନ ସନ୍ତି ଜନ୍ମ ଉପରେ ଗୁରୁତ୍ୱ ଦେଇଛନ୍ତି। ତେବେ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ.ଚନ୍ଦ୍ରବାବୁ ନାଉଡୁ ପାଦେ ଆଗେଇ ଯାଇ ଅଧିକ ପିଲା ଜନ୍ମ ପାଇଁ ଦମ୍ପତିମାନଙ୍କ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରିବା ସରକାରଙ୍କ ରାଜନୈତିକ ଅଭିଳାଷ ବା ଆଭିମୁଖ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଦୀର୍ଘ ଦଶନ୍ଧି ଧରି ବଳବତର ଥିବା ନୀତିରେ ବ୍ୟତିକ୍ରମ ଘଟାଇ ମୁଖ୍ୟମନ୍ତ୍ରୀ ନାଇଡୁ ତିନୋଟି କିମ୍ବା ତର୍ଦ୍ଧୁତ ପିଲା ଜନ୍ମ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୋଟ ପ୍ରଜନନ ହାର (ଟୋଟାଲ ଫର୍ଟିଲିଟି ରେଟ ବା ଟିଏଫଆର) ନବେ ଦଶକରେ ପ୍ରାୟ ୩ଥିବା ବେଳେ ଏବେ ୧.୫କୁ ହ୍ରାସ ପାଇଛି, ଯାହାକି ଜାତୀୟ ଟିଏଫଆର ୨.୧ ତଳେ ରହିଛି। ଦେଶରେ ମଧ୍ୟ ଜାତୀୟ ଟିଏଫଆର ଏବେ ୧.୯କୁ ହ୍ରାସ ପାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ରିପୋର୍ଟରେ କୁହାଯାଇଛି। ସେହିପରି ଅନ୍ୟ କେତେକ ସର୍ଭେ ରିପୋର୍ଟରୁ ଜଣାଯାଇଛି ଯେ, ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ଦେଶର ଏକ ଚତୁର୍ଥାଂଶ ରାଜ୍ୟରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଶ୍ରମଶକ୍ତି ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ବରିଷ୍ଠ ନାଗରୀକଙ୍କ ନିର୍ଭରଶୀଳତା ଚାପ ବଢ଼ିବ। ତେବେ ଦକ୍ଷୀଣ ଭାରତୀୟ ରାଜ୍ୟଗୁଡିକରେ ଉତରଭାରତୀୟ ରାଜ୍ୟଗୁଡିକ ତୁଳନାରେ ଦୃତଗତିରେ ବରିଷ୍ଠ ନାଗରୀକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏହାର କାରଣ ହେଉଛି ଜାତୀୟ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଏହି ରାଜ୍ୟଗୁଡିକର ଆଶାତୀତ ସଫଳତା, ଯାହାକି ଏକ ଜାତୀୟ ଆହ୍ୱାନ ଥିଲା। ଏବେ କିନ୍ତୁ ଆନ୍ଧ୍ରପ୍ରଦେଶ ସରକାର ଦ୍ୱିତୀୟ ସନ୍ତାନ ପାଇଁ ୨୫,୦୦୦ ଟଙ୍କା, ତୃତୀୟ ସନ୍ତାନ ପାଇଁ ୩୦,୦୦୦ଟଙ୍କା,ଚତୁର୍ଥ ସନ୍ତାନ ପାଇଁ ୪୦,୦୦୦ ଟଙ୍କା ପ୍ରୋତ୍ସାହନ ସହ ଦମ୍ପତିଙ୍କୁ ୫ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ଟଙ୍କା ଲେଖାଏଁ ସହାୟତା, ୧୮ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷା, ମା'ମାନଙ୍କୁ ଘରୁ କାମ କରିବା ପାଇଁ ସୁଯୋଗ, 'ଥାଲୀକ୍ ବନ୍ଦନାମ'ଯୋଜନାର ପାଣ୍ଠି ବୃଦ୍ଧି ଯେଉଁ ଯୋଜନାରେ ଏବେ ସ୍କୁଲ ଯାଉଥିବା ପିଲାଙ୍କ ପ୍ରତି ୧୫,୦୦୦ ଟଙ୍କା ପ୍ରଦାନ କରାଯାଉଛି। ଦୀର୍ଘକାଳୀନ ମାତୃତ୍ୱ ଛୁଟି ଏବଂ ଅନ୍ୟାନ୍ୟ ତଥା ଅଙ୍ଗନୱାଡି ଓ ଶିଶୁଯତ୍ନ ସୁବିଧା ସୁଯୋଗ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ଗୋଟିଏ ଥର ପ୍ରୋତ୍ସାହନ ରାଶି ଗରିବ ଲୋକଙ୍କୁ ଅଧିକ ଶିଶୁ ଜନ୍ମ କରିବାକୁ ପ୍ରୋତ୍ସାହିତ କରିପାରେ। କିନ୍ତୁ ଆଜିର ଶିକ୍ଷିତ ଯୁବକ-ଯୁବତୀଙ୍କୁ ଏହା କେତେଦୂର ଉତ୍ସାହିତ କରିବ, ଭବିଷ୍ୟତ ହିଁ କହିବ। ଏହାର କରଣ ହେଉଛି ଆଜିର ଯୁବପିଢୀ ବିବାହ ବନ୍ଧନରେ ଆବଦ୍ଧ ହେବା ପରିବର୍ତେ ଲିଭ-ଇନ୍‌ରେ ରହିବାକୁ ପସନ୍ଦ କରନ୍ତି। ଯାହାକି ଏବେ ଏକ ଧାରା'ରେ ପରିଣତ ହୋଇଛି। କେବଳ ଏତିକି ନୁହେଁ, ସାଂସାରିକ ଜୀବନ, ପିଲାଙ୍କ ଜନ୍ମ, ପିଲାଙ୍କ ଲାଳନ ପାଳନ ପ୍ରତି ସେମାନେ ବିମୁଖ ଥିବା କେତେକ ସର୍ଭେ ରିପୋର୍ଟ କହେ। ଆହୁରି ମଧ୍ୟ ବାସଗୃହ, ଉତମ ଶିକ୍ଷା, ସ୍ୱାସ୍ଥ୍ୟ, ସୁଷମ ଖାଦ୍ୟ ଦୃଷ୍ଟିରୁ ବହୁ ପରିବାର ଛୋଟ ପରିବାର'ରେ ରୁଚି ରଖିଥାନ୍ତି। ଝିଅଙ୍କୁ ଛୋଟ ପରିବାରରେ ବିବାହ ଦେବାକୁ ପିତାମାତା ବ୍ୟାକୁଳ। ଶିକ୍ଷା ଓ ସ୍ୱାସ୍ଥ୍ୟ ଏବେ ବ୍ୟୟବହୁଳ ହୋଇଥିବାରୁ ଅଧିକ ଶିଶୁଙ୍କ ଉପଯୁକ୍ତ ଭାବେ ଗଢିବା ଏକ ଦୁରୁହ ବ୍ୟାପାର। ଆଜିର ଯୁଗରେ ବେକାରୀ, ଦରଦାମ, ବାସଗୃହ, ପାନୀୟଜଳ, ଖାଦ୍ୟ ସଂକଟ ଦୃଷ୍ଟିରୁ କୌଣସି ଯୁବଦମ୍ପତି ଅଧିକ ଶିଶୁ ଜନ୍ମ ପାଇଁ କେବେ ବି ଚିନ୍ତା କରିବେ ନାହିଁ। ଖାଦ୍ୟ, ବାସଗୃହ, କପଡା ସଂକଟକୁ ଦୃଷ୍ଟିରେ ରଖି ଅତୀତ ପରିବାର ନିୟନ୍ତ୍ରଣକୁ ଏକ ଜାତୀୟ ଯୋଜନା ଭାବେ ଗ୍ରହଣ କରାଯାଇଥିଲା। ଏହା ସତ୍ୟ ଯେ, ଜନ୍ମ ହାର କେବଳ ଭାରତ କିମ୍ବା ଦକ୍ଷୀଣ ଭାରତୀୟ ରାଜ୍ୟଗୁଡିକର ନୁହେଁ। ଚୀନ, ଜାପାନ, ଦକ୍ଷୀଣ କୋରିଆ, ଇଟାଲୀ, ଜର୍ମାନୀ, ଆମେରିକା, ୟୁରୋପୀୟ ଓ ନୋରାଡିକ୍ ରାଷ୍ଟ୍ରଗୁଡିକରେ ଜନ୍ମସଂଖ୍ୟା ହ୍ରାସର ବିପଦ ଦେଖାଦେଇଛି। ଯେଉଁ ଦେଶଗୁଡିକରେ ଟିଏଫଆର ୦.୭୫ ରୁ ୧.୯ ମଧ୍ୟରେ ରହିଛି। ଯାହାର ଅନ୍ତିମ ପରିଣତି କ'ଣ ହୋଇପାରେ ସହଜରେ ଅନୁମାନ କରାଯାଇପାରେ। ଟିଏଫଆର ହ୍ରାସ ଏବେ ଯୁବଶକ୍ତିର ହ୍ରାସ ଘଟାଇବାକୁ ଯାଉଥିବା ବେଳେ ବରିଷ୍ଠଙ୍କ ସଂଖ୍ୟା ବୃଦ୍ଧି ଦିଗରେ ଅଗ୍ରସର ହେଉଛି। ଏକ ଦଶନ୍ଧି ତଳେ ଚୀନ 'ଏକ ସନ୍ତାନ' ନୀତି ପ୍ରତ୍ୟାହାର କରି ଏକାଧିକ ସନ୍ତାନ ଉତ୍ପାଦନ ନୀତି ଆପଣାଇଛି। ଏଥିପାଇଁ ଚୀନ ପ୍ରୋତ୍ସାହନ ଦେବା ସହ କଠୋର ଆଇନ ମଧ୍ୟ ପ୍ରଣୟନ କରିଛି। ଗଲା ୧୦ବର୍ଷ ଭିତରେ ଚୀନ ଆଖି ଦୃଷିଆ ସଫଳତା ପାଇଥିବା ମନେହୁଏ ନାହିଁ। କେବଳ ଚୀନ ନୁହେଁ, ୟୁରୋପୀୟ ଓ ନୋରାଡିକ୍ ରାଷ୍ଟ୍ରଗୁଡିକ ସାର୍ବଜନୀନ ଶିଶୁଯତ୍ନ, ଉଚ୍ଚମାନର ସ୍କୁଲ ପ୍ରତିଷ୍ଠାରେ ବ୍ୟାପକ ପୁଞ୍ଜି ନିବେଶ ଏବଂ ଦମ୍ପତିଙ୍କ ସ୍ୱାର୍ଥ ରକ୍ଷା ଲାଗି ଆଇନ ପ୍ରଣୟନ କରିଥିବା ସତ୍ତ୍ୱେ ଟିଏଫଆରରେ ନିମ୍ନ ରହିଛନ୍ତି। ଏହା ନିସନ୍ଦେହ ଯେ, ସନ୍ତାନ ଜନ୍ମ ଦମ୍ପତିଙ୍କ ନିଜସ୍ୱ ନିଷ୍ପତି ହୋଇଥିବାବେଳେ ସେମାନଙ୍କର ସାମ୍ପ୍ରତିକ ମାନସିକତାରେ ପରିବର୍ତନ ଘଟାଇବା ନିଶ୍ଚିତ ଦୁରୁହବ୍ୟାପାର। ପ୍ରୋତ୍ସାହନ ରାଶି କିମ୍ବା ମାଗଣା ଯୋଜନା ଏଥିରେ ଉଲ୍ଲେଖନୀୟ ପରିବର୍ତନ ଆଣିବା ସମ୍ଭବପର ନଥିବା ମନେହୁଏ। ଶିଶୁଙ୍କ ଯତ୍ନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି ସରକାର ହାତକୁ ନେଲେ, ହୁଏତ ଏଥିରେ ସଫଳତା ମଳିପାରେ।

# କୃତ୍ରିମ ବୁଦ୍ଧିମତ୍ତା : ଆମ ଜୀବନରେ ସମ୍ଭାବନା ଓ ଆହ୍ୱାନ

**ସୁକାନ୍ତ ଛାଟୋଇ**

ମାନବ ଜାତିର ସମୃଦ୍ଧିରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବାସ୍ତବରେ ହେଉଛି ମେସିନଗୁଡ଼ିକ ଦ୍ୱାରା ମାନବୀୟ ବୁଦ୍ଧିରେ ଅନୁକରଣୀୟ। ଏହି ଅନୁକରଣର ସର୍ବୋଚ୍ଚ ଯନ୍ତ୍ରଟି ଏପରି ଏକ ବ୍ୟବସ୍ଥା ଯାହା ଆମେ ଯେମିତି ଭାବିଥାଉ, ଶିଖିଥାଉ, ଆଲୋଚନା, ବିଶ୍ଲେଷଣ ସମୀକ୍ଷା କରିପାରୁ ଏପରିକି ନିଷ୍ପତ୍ତି ମଧ୍ୟ ନେଇପାରୁ। ଏ ସବୁ କାମ ଏହି କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସମ୍ଭବ ହେଉଛି। କୃତ୍ରିମବୁଦ୍ଧିମତ୍ତା ହେଉଛି ଏକ ପ୍ରଯୁକ୍ତି ଯାହା ମେସିନ ଗୁଡ଼ିକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଶକ୍ତି ଦେଇଥାଏ। ଏହା ମାନବ ପରି ତଥ୍ୟ ବିଶ୍ଲେଷଣ କରି ଅନୁଭବରୁ ଶିଖି ନିଷ୍ପତ୍ତି ନେଇପାରେ।

କୃତ୍ରିମ ବୁଦ୍ଧିମତ୍ତା କମ୍ପ୍ୟୁଟର ବିଜ୍ଞାନର ଏକ ଶାଖା ରୂପେ ଆରମ୍ଭ ହୋଇଥିଲା। ଏହାର କାମ ଥିଲା ମେଶିନ ଗୁଡ଼ିକୁ ମଣିଷ ପରି ଆଚରଣ ବା ଚିନ୍ତା କରିବାର ତାଲିମ ଦେବା। ଏହା କମ୍ପ୍ୟୁଟର ଗୁଡ଼ିକକୁ ଅଭିଜ୍ଞତାରୁ ଶିଖିବା, ଆକୃତି ଚିହ୍ନିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ପ୍ରଦାନ କରେ। ଯେତେବେଳେ ଆପଣ ରାସ୍ତା ଖୋଜିବା ପାଇଁ ଗୁଗୁଲ ମେପସ ବ୍ୟବହାର କରନ୍ତି ବା ସ୍ମାର୍ଟଫୋନ ଆପଣଙ୍କ ମୁହଁକୁ ଚିହ୍ନି ଅନଲକ ହୁଏ, କିମ୍ବା ଯେତେବେଳେ ନେଟଫ୍ଲିକ୍ସ ଆପଣଙ୍କ ପସନ୍ଦର ଚଳଚ୍ଚିତ୍ର ସୁପାରିଶ କରେ ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତାଚୁପଚାପ ତାର କାମ କରୁଥାଏ। ଆମ ଅଜାଣତରେ ଆମର ଘର, ଫୋନ, ଅଫିସ ଏବଂ ଏପରିକି ଆମ କଳ୍ପନାରେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ପ୍ରବେଶ କରିସାରିଲାଣି।

ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ଯଥେଷ୍ଟ କ୍ଷେତ୍ରରେ ବଢ଼ିଛି। ପରିବେଶ ଉପରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ଏହାର ବ୍ୟବହାର ଏପରି ବ୍ୟବସ୍ଥିତ ଯାହାଦ୍ୱାରା ତାପଜ ବିଦ୍ୟୁତ ଉପରେ ନିର୍ଭର କରି ପରିବେଶ କ୍ଷେତ୍ରକୁ ଅଧିକ ବିକଶିତ କରିଥାଏ। ସୃଜନଶୀଳତା ହେଉଛି ମଣିଷର ସବୁଠାରୁ ଅନନ୍ୟ ଗୁଣ ମଧ୍ୟରୁ ଗୋଟିଏ। ଏହା ହେଉଛି ସ୍ଫୁଲିଙ୍ଗ, ଯାହା ଆମକୁ ଉଦ୍ଭାବନ, ଚିତ୍ର ଆଙ୍କିବା, ଗୀତ ଲେଖିବା ଏବଂ ନୂତନ ଉପାୟରେ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। ସୃଜନଶୀଳତା କେବଳ କଳାକାର କିମ୍ବା ଲେଖକଙ୍କ ମଧ୍ୟରେ ସୀମିତ ନୁହେଁ। ଜଣେ ଚାଷୀ ଯିଏ ଚାଷ କରିବାର ଏକ ଉତ୍ତମ ଉପାୟ ଖୋଜନ୍ତି, ଜଣେ ଶିକ୍ଷକ ଯିଏ ଶିକ୍ଷା ଦେବା ପାଇଁ ଏକ ମଜାଦାର ଉପାୟ ବାହାର କରନ୍ତି, କିମ୍ବା ଜଣେ ବୈଜ୍ଞାନିକ ଯିଏ ଏକ ନୂତନ ଔଷଧ ଆବିଷ୍କାର କରନ୍ତି ସମସ୍ତେ ନିଜର ସୃଜନଶୀଳତା ବ୍ୟବହାର କରନ୍ତି, ଯାହା କଳ୍ପନା, ଭାବନା ଏବଂ ଅଭିଜ୍ଞତାରୁ ଆସେ।

ବିଗତ ଅଳ୍ପ କିଛି ବର୍ଷ ମଧ୍ୟରେ ଏଆଇ ମାନବ ଜୀବନର ପ୍ରାୟ ସମସ୍ତ କ୍ଷେତ୍ରରେ ପ୍ରବେଶ କରିଛି ଏବଂ ଆର୍ଥିକଓ ସାମାଜିକ ପରିବର୍ତ୍ତନ ଆଣୁଛି। କୃଷି କ୍ଷେତ୍ରରେ ଏଆଇର ବ୍ୟବହାର ବ୍ୟାପକ ହେବାରେ ଲାଗିଛି। କୃଷି ଉତ୍ପାଦନ ଓ ପ୍ରଶାସନ କ୍ଷେତ୍ରରେ ଏଆଇ ଅନେକ ସହାୟତା କରିପାରୁଛି। ଡ୍ରୋନ ଓ ସେନସର ଦ୍ୱାରା ଫସଲର ଅବସ୍ଥା, ମାଟିର ଆର୍ଦ୍ରତା ଓ ଉର୍ବରତା ମାପ ଯାଇ ପାରୁଛି। ଉପଗ୍ରହ ତଥ୍ୟ ଓ ମେଶିନ ଲର୍ଣ୍ଣିଂ ମଡ଼େଲ ଦ୍ୱାରା ପାଣିପାଗ ଓ ଫସଲ ଉତ୍ପାଦନର ପୂର୍ବାନୁମାନ ସମ୍ଭବ ହୋଇଛି। ଏଆଇ ଆଧାରିତ ସ୍ମାର୍ଟ ଜଳ ସେଚନ ଓ କୀଟପତଙ୍ଗ ନିୟନ୍ତ୍ରଣ ପ୍ରଣାଳୀ ଚାଷୀଙ୍କୁ ବହୁ ପରିମାଣରେ ସାହାଯ୍ୟ କରୁଛି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦେଖିଲେ, ସ୍ୱାସ୍ଥ୍ୟ ସେବାରେ ଏଆଇର ଅବଦାନ ଅସାଧାରଣ। ରୋଗ ଚିହ୍ନଟରେ ଏଆଇ ଡାକ୍ତରମାନଙ୍କୁ ଅନେକ ମାତ୍ରାରେ ସହାୟତା କରୁଛି। ଯେପରି ଏକ୍ସରେ, ଏମଆରଆଇ ଓ ସିଟି ସ୍କାନରେ କ୍ୟାନସର କିମ୍ବା ଅନ୍ୟ ରୋଗ ଚିହ୍ନଟ ଏଆଇ ଦ୍ୱାରା ସହଜ ହୋଇଛି। ଏଥିସହିତ, ଏଆଇ ଦ୍ୱାରା ନୂଆ ଔଷଧ ଆବିଷ୍କାର ଓ ବ୍ୟକ୍ତିଗତ ଚିକିତ୍ସାରେ ଅଗ୍ରଗତି ହେଉଛି। ଭର୍ଚୁଆଲ ହେଲଥ ଆସିଷ୍ଟାଣ୍ଟ ଓ ଚାଟବଟ୍ ରୋଗୀମାନଙ୍କୁ ଅନେକ ସୁବିଧା ଯୋଗାଇ ଦେଉଛି। ଶିକ୍ଷା କ୍ଷେତ୍ର ମଧ୍ୟ ଏଥିରେ ପଛରେ ପଡ଼ିନାହିଁ। ଏଆଇର ସର୍ବାଧିକ ବ୍ୟବହାର ଶିକ୍ଷା କ୍ଷେତ୍ରରେ ହେଉଛି। ଉଭୟ ଛାତ୍ର ଓ ଶିକ୍ଷକ ଏଆଇରୁ ଅନେକ ମାତ୍ରାରେ ଲାଭବାନ ହୋଇପାରିଛନ୍ତି। ଭାଷା ଶିକ୍ଷା, ଅନଲାଇନ କୋର୍ସ ଓ ଶିକ୍ଷକ ସହାୟକରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି।

ଜଣେ ବିଶିଷ୍ଟ ବୈଜ୍ଞାନିକ ଷ୍ଟିଫେନ ହକିମ୍ ଆଶଙ୍କା ପ୍ରକାଶ କରିଥିଲେ ଯେ ଏଆଇ ଅଧିକ ସମ୍ମୁନତ ହେଲେ ଏହା ବୁଦ୍ଧିମତ୍ତାରେ ମନୁଷ୍ୟକୁ ଅତିକ୍ରମ କରିଯାଇ ଶେଷରେ ମନୁଷ୍ୟକୁ ନିଜର ଦାସ କରିରଖିପାରେ। ବର୍ତ୍ତମାନର ସମୟକୁ ଦେଖିଲେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଆଧିପତ୍ୟ ବିସ୍ତାର କରିବା ନିମିତ୍ତ ଏକ ଯୁଦ୍ଧର ସ୍ଥିତି ସୃଷ୍ଟି ହେବାକୁ ଯାଉଛି ଯାହାଦ୍ୱାରା ନୈତିକତା ଓ ସଠିକତାରେ କୃତ୍ରିମ ବୁଦ୍ଧିମତ୍ତାର ଏହି ବିରାଟ ସମ୍ଭାବନା ଅନ୍ଧାରକୁ ଚାଲିନଯାଉ। ଆର୍ଥିକ ଓ ବ୍ୟାଙ୍କିଂ କ୍ଷେତ୍ରରେ ମଧ୍ୟ ଏଆଇର ବ୍ୟବହାରିତା ବଢୁଛି। ଆର୍ଥିକ କ୍ଷେତ୍ରରେ ଏଆଇର ମୁଖ୍ୟ ପ୍ରୟୋଗ ହେଉଛି ଠକେଇ ଚିହ୍ନଟ, ବିଶ୍ଲେଷଣ ଓ ଆର୍ଥିକ ଉପଦେଶ। ବ୍ୟାଙ୍କ ଓ ବୀମା ସଂସ୍ଥାଗୁଡ଼ିକ ଏଆଇ ଆଧାରିତ ଚାଟବଟ୍ ଦ୍ୱାରା ଗ୍ରାହକ ସେବା ଦେଉଛନ୍ତି। ଅଲଗୋରିଥମିକ ଟ୍ରେଡିଂ ଦ୍ୱାରା ଅଳ୍ପ ସମୟରେ ବଡ଼ ବ୍ୟବସାୟିକ ନିଷ୍ପତ୍ତି ନିଆଯାଉଛି। ଉତ୍ପାଦନ ଓ ଶିଳ୍ପ କ୍ଷେତ୍ରରେ ଏଆଇର ଆଧାରିତ ରୋବୋଟିକ୍ସ ଦ୍ୱାରା ଶିଳ୍ପ କାର୍ଯ୍ୟ ଦ୍ରୁତ ଓ ନିଖୁଣ ଭାବରେ ହୋଇପାରୁଛି। ଯଥାନୁସମୟ ମରାମତି କାର୍ଯ୍ୟ ପ୍ରଣାଳୀ ଦ୍ୱାରା ଯନ୍ତ୍ର ଭାଙ୍ଗିବା ପୂର୍ବରୁ ତାହାକୁ ଚିହ୍ନଟ କରି ମରାମତି କରାଯାଉ ପାରୁଛି। ଜଟିଳ ଯନ୍ତ୍ରପାତି ଗୁଡ଼ିକର ସଠିକ ସମସ୍ୟା ଚିହ୍ନଟ ଦ୍ୱାରା ମରାମତି କାର୍ଯ୍ୟ ସ୍ୱଳ୍ପ ସମୟରେ କରାଯାଇ ପାରୁଛି। ଏହା ଉତ୍ପାଦନ ଖର୍ଚ୍ଚ କମାଏ ଓ ଦକ୍ଷତା ବଢ଼ାଏ। ପରିବହନ ଓ ଲଜିଷ୍ଟିକ ଏଆଇ ଆଧାରିତ ସ୍ୱୟଂ ଚାଳିତ ଯାନ ଓ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାପନରେ ପରିବହନ ବ୍ୟବସ୍ଥା ଅନେକ ମାତ୍ରାରେ ସୁଧୁରୁଛି। ସଠିକ ରାସ୍ତା ଚିହ୍ନଟ ଏବଂ ଦ୍ରବ୍ୟ ହସ୍ତାନ୍ତରରୁ ପୂର୍ବାନୁମାନ ଦ୍ୱାରା ଲଜିଷ୍ଟିକ କ୍ଷେତ୍ରରେ ସମୟ ଓ ଅର୍ଥ ଉଭୟ ସଞ୍ଚୟ ହୋଇପାରୁଛି। ଶାସନ ଓ ପ୍ରଶାସନ ମଧ୍ୟ ଏଆଇ ଦ୍ୱାରା ନିୟନ୍ତ୍ରଣର ଅଧିକ ବିଧିବ୍ୟବସ୍ଥା ସବୁ ଆସୁଛି। ଏଆଇ ଦ୍ୱାରା ପ୍ରଶାସନ ଓ ସାର୍ବଜନୀକ ସେବା ଅଧିକ ପ୍ରଭାବଶାଳୀ ହୋଇପାରେ। ତଥ୍ୟ ବିଶ୍ଲେଷଣ ଦ୍ୱାରା ସରକାରୀ ଯୋଜନା, ଯୋଗାଯୋଗ ଓ ନୀତି ନିର୍ଦ୍ଧାରଣ ସୁଧାରିପାରେ।

ଏହା ନିଶ୍ଚିନ୍ତ କୃତ୍ରିମ ବଦ୍ଧିମତ୍ତା ନୂତନ ସୃଜନଶୀଳ ଯୁଗର ଦ୍ୱାର ଖୋଲି ଦେଇଛି। କୃତ୍ରିମ ବୁଦ୍ଧିମତ୍ତା ବିକଶିତ ହେବାସହ ସୃଜନଶୀଳତନା ବା ନବ ସୃଜନ ମଧ୍ୟ ବିକଶିତ ହେବ। ଆସନ୍ତା କାଲିର କୃତ୍ରିମ ବୁଦ୍ଧିମତ୍ତା ଶକ୍ତିଶାଳୀ ହୋଇପାରେ କିନ୍ତୁ ଏହା ଜୀବନ୍ତ ନୁହେଁ। ଏମିତି ବି ହୋଇପାରେ ଶେଷରେ ମାନବ ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତ୍ତା ସହଭାଗିତା ଆମ ସମୟର ସବୁଠାରୁ ରୋମାଞ୍ଚକର କାହାଣୀ ଭିତରୁ ବି ହୋଇପାରେ ଗୋଟିଏ। ସୁତରାଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରସାର ଆମ ସମାଜ, ଅର୍ଥନୀତି, ପରିଚାଳନା ବ୍ୟବସ୍ଥା, ଦୈନନ୍ଦିନଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ। ଏହା ପୂର୍ବରୁ ସମସ୍ତଙ୍କୁ ଡିଜିଟାଲ ସାକ୍ଷରତା ଅନ୍ତର୍ଭୁକ୍ତ କରିବା ଜରୁରୀ। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କ୍ଷେତ୍ରରେ ବ୍ୟକ୍ତିଗତ ଡାଟା ସୁରକ୍ଷା, ଗୋପନୀୟତା ରକ୍ଷା ଓ ନ୍ୟାୟ ସଙ୍ଗତ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯିବା ଅବଶ୍ୟକ। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦ୍ୱାରା ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ସଙ୍କଟକୁ ଦୂରଦୃଷ୍ଟି ଦ୍ୱାରା ଏବେଠୁ ନିରୂପଣ କରି ସମାଧାନ ଓ ପ୍ରତିକାର ନିମନ୍ତେ ନିରାକରଣ ପ୍ରଣାଳୀ ବିକାଶ କରାଯିବା ଉଚିତ। ଏ ଦାୟିତ୍ୱ ଆମ ସମସ୍ତଙ୍କର।

ପୋପରଡ଼ା, ନୂଆବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧
E-mail : chhatoi.sukanta@yahoo.co.in

# ପ୍ରାଣକୃଷ୍ଣ ପରିଜା : ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି

**ଡ଼ଃ.ଅରୁନ୍ଧତୀ ଦେବୀ**

୧୯୪୩ ମସିହାରେ ତତ୍‌କାଳୀନ ରେଭେନ୍ସା ମହାବିଦ୍ୟାଳୟ ପରିସରରେ ଜନ୍ମ ନେଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ। ୧୯୪୩-୪୮ ପର୍ଯ୍ୟନ୍ତ ଏହାର ପ୍ରଥମ କୁଳପତି ଆସନ ଅଳଙ୍କୃତ କରିଥିବା ମହାନ୍ ଓଡ଼ିଆ ଜଣକ ହେଉଛନ୍ତି ଉଦ୍ଭିଦ ବିଜ୍ଞାନୀ ପ୍ରଫେସର ପ୍ରାଣକୃଷ୍ଣ ପରିଜା। ପ୍ରଫେସର ପରିଜା ହିଁ ଓଡ଼ିଶାର ଏହି ପ୍ରଥମ ବିଶ୍ୱବିଦ୍ୟାଳୟର ଲାଳନପାଳନ ଦାୟିତ୍ୱ ତୁଲାଇ, ଏହାକୁ ପରିଣତ ଅବସ୍ଥାକୁ ଆଣିଥିଲେ। ସେ ବିଭିନ୍ନ ସମୟରେ ମୋଟ ତିନି ଥର ଏହି ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇଥିବା ଜଣାଯାଏ। ଏହାପୂର୍ବରୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ। ଦାୟିତ୍ୱ ତୁଲାଇଥିଲେ ୧୯୩୮ରୁ ୧୯୪୫ ଯାଏ। ୧୯୨୧ରେ ସେ ରେଭେନ୍ସା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଭାବେ ଯୋଗଦେଇଥିଲେ। ତାଙ୍କ ଉଦ୍ୟମରେ ୧୯୨୪ରେ ଏଠାରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକ ସ୍ତରରେ ପାସ ପାଠ୍ୟକ୍ରମ ଖୋଲିଥିଲା। ସେହିପରି ୧୯୩୦ରେ ଖୋଲିଥିଲା ଅନର୍ସ। ପ୍ରଫେସର ପରିଜାଙ୍କ ଉଦ୍ୟମରେ ରେଭେନ୍‌ସା ସମଗ୍ର ଦେଶରେ ବିଶେଷ ସୁନାମ ଲାଭ କରିଥିଲା। ତାଙ୍କ କାର୍ଯ୍ୟକାଳରେ ରେଭେନ୍‌ସାର ଛାତ୍ରାବାସରେ ଗୋପାଳନର ବ୍ୟବସ୍ଥା କରାଯାଇଥିଲା। ଏହା ଦ୍ୱାରା ଛାତ୍ରମାନେ ଅଳ୍ପ ମୂଲ୍ୟରେ ବିଶୁଦ୍ଧ ଗୋ-ଦୁଗ୍ଧ ପାଉଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଏକଦା ସେ ଏହି ମହାବିଦ୍ୟାଳୟର ଛାତ୍ର ଥିଲେ। ତାଙ୍କ ସମୟରେ ରାଭେନ୍‌ସାରେ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ ନଥିଲା। ତେଣୁ କାଲକାତା ବିଶ୍ୱବିଦ୍ୟାଳୟ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଆଦିରେ ଉଚ୍ଚ ଶିକ୍ଷା, ଗବେଷଣା ଆଦି କରିଥିଲେ ସୁଦ୍ଧା ପ୍ରଫେସର ପରିଜା ସରଳ ଜୀବନଯାପନ କରୁଥିଲେ। ସମୟାନୁବର୍ତ୍ତିତା ଥିଲା ତାଙ୍କର ଏକ ବଡ଼ ଗୁଣ। ସାହିତ୍ୟ ପ୍ରିୟ ଥିଲେ। ଓଡ଼ିଆ ଭାଷା, ସଂସ୍କୃତି ଆଦିର ଆଦର କରୁଥିଲେ। ଏପରିକି ଉଦ୍ଭିଦ ବିଜ୍ଞାନ ସଂପର୍କିତ ତଥ୍ୟ ବୁଝାଉଥିବା ବେଳେ ମଧ୍ୟ ଓଡ଼ିଆ ଢ଼ଗ-ଢ଼ମାଳି ବ୍ୟବହାର କରୁଥିଲେ। ଥରେ ଜଣେ ଛାତ୍ରକୁ ପଚାରିଲେ, ଆଗେ ବୁଣ, ପଛେ ବୁଣ, ଗର୍ଭଣାକୁ ଟୁଣଟୁଣର ଅର୍ଥ କହ। ଛାତ୍ର ପାଟି ଆଁ କରି ଅନେଇରହିଲା। ପ୍ରଫେସର ପରିଜା ବୁଝାଇଦେଲେ ଗର୍ଭଣା ସଂକ୍ରାନ୍ତି ବେଳକୁ ଦିନ ଛୋଟ ହେଲେ, ଧାନରେ ଫୁଲ ହୁଏ। ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ନିକଟବର୍ତ୍ତୀ ଇଛାପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ। ୧୯୭୮ ଜୁନ୍ ଆଜିର ଦିନରେ ଏହି ମହାନ୍ ବିଜ୍ଞାନୀ ତଥା ଶିକ୍ଷାବିତ୍‌ଙ୍କ ଦେହାନ୍ତ ହୋଇଥିଲା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,ଦୂରଭାଷ : ୯୯୩୭୧୭୨୮୧୦

# ପ୍ରଥମ ଥର ପାଇଁ ଟପିବ ବିଶ୍ୱ ଉତ୍ତପ୍ତୀ କରଣ ସୀମା

**ଅଲେଖ ଚନ୍ଦ୍ର ସାମଲ**

ପ୍ରଚଣ୍ଡ ଝାଞ୍ଜି, ଗରମ ଏହା ଭିତରେ କେଉଁଠି ପ୍ରବଳ ଥଣ୍ଡା ଭଳି ଅଚାନକ ଚରମ ତାପମାତ୍ରାର ଉତ୍ଥାନ ପତନ ଯୋଗୁଁ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୩୪ ହଜାରରୁ ଅଧିକ ଲୋକଙ୍କର ଅକାଳରେ ଜୀବନ ନିର୍ବାପିତ ହୋଇଯାଇଛି ବୋଲି 'ଟେମ୍ପେରଚର' ପତ୍ରିକାରେ ଉଲ୍ଲେଖ ରହିଛି। ଭାରତୀୟ ପାଣିପାଗ ବିଭାଗ ଓ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ୨୦୦୧ରୁ ୨୦୧୯ ପର୍ଯ୍ୟନ୍ତ ପ୍ରାପ୍ତ ତଥ୍ୟକୁ ଗବେଷଣାତ୍ମକ ତର୍ଜମା ଓ ଗବେଷକମାନଙ୍କ ନିର୍ଯ୍ୟାସ ପ୍ରକାଶ କରିଛନ୍ତି। ଅନ୍ୟଏକ ଅଧ୍ୟୟନ ତଥ୍ୟ ମଧ୍ୟ ଉଲ୍ଲେଖ କରିଛିଯେ ପୁରୁଷ ଶ୍ରମଜୀବୀ ଓ ମହିଳା ଶ୍ରମଜୀବୀ ଉଭୟ ବର୍ଗ ଗରମ ପ୍ରବାହରୁ ସେମାନଙ୍କ ଜୀବନ ସଙ୍କଟାପନ୍ନ। ତେବେ ଏସବୁ ଭିତରେ ଭାରତର ରାଜଧାନୀର ଅଚାନକ ପାଣିପାଗ ଗଣମାଧ୍ୟମର ବଡ଼ ଖବର ଭାବେ ସ୍ଥାନିତ ହୋଇଛି। ନୂଆଦିଲ୍ଲୀ ସମେତ ଏନସିଆର ଅଞ୍ଚଳରେ ପାରମ୍ପରିକ ଗରମ ଓ ଶୁଷ୍କତା ଲାଗି ରହୁଥିବାବେଳେ ବର୍ଷା ଭିଜା ସମୟ ଗତ ତିନିମାସ ଭିତରେ ଦୁଇତିନିଥର ବ୍ୟତୀତ ଅଧିକ ରହିନାହିଁ। ତେବେ ବେଳେ ବେଳେ ଦିଲ୍ଲୀ ମହାନଗରୀରେ ଅଦିନରେ ମଧ୍ୟ ବର୍ଷା ହୋଇ ପରିବେଶକୁ ଅସଜଡ଼ା କରିଦେଉଛି। ପାଣିପାଗ ବିଶେଷଜ୍ଞ ମାନଙ୍କ ତଥ୍ୟ ଏକାଧିକ ପଶ୍ଚିମା ବିଶୃଙ୍ଖଳା ଏହାର କାରଣ ବୋଲି ମତ ଦେଇଥାନ୍ତି। ତେବେ ଦିଲ୍ଲୀରେ ଯେଉଁ କିଛି ଦିନ ଭିତରେ ଅଚାନକ ବର୍ଷା ହେଉଛି ଏହାର ବଡ଼ କାରଣ ହେଉଛି ସମୁଦ୍ର ବାୟୁରୁ ପ୍ରଚୁର ଆର୍ଦ୍ରତା ଗ୍ରହଣ କରି ଉତ୍ତର ଭାରତରେ ପହଞ୍ଚିବାପରେ ବର୍ଷା ଓ ପବନ ସୃଷ୍ଟି କରିଥାଏ ଯାହାଦ୍ୱାରା ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବର୍ଷା ଏପରିକି ବଜ୍ରପାତ ମଧ୍ୟ ହେବାର ରେକର୍ଡ଼ ରହିଛି।

ଭୀଷଣ ଗ୍ରୀଷ୍ମ ପ୍ରବାହଓ ଘାତକ ଝଡ଼ର ସମ୍ମୁଖୀନ ହୋଇଥିବା ଚଳିତ ୨୦୨୬ମସିହା ନିଶ୍ଚିତ ଭାବରେ ମଣିଷ ଦ୍ୱାରା ପଞ୍ଜୀକୃତ ସବୁଠୁ ଉଷ୍ମ ବର୍ଷ ହେବ ବୋଲି ୟୁରୋପୀୟ ଜଳବାୟୁ ସେବା ପକ୍ଷରୁ କୁହାଯାଇଛି। ବର୍ଷ ତମାମ ବିଶ୍ୱର ହାରାହାରି ତାପମାତ୍ରା ଶିଳ୍ପ ଯୁଗ ୧୮୫୦-୧୯୦୦ପୂର୍ବ ତାପମାତ୍ରା ଠାରୁ ଢ଼େର ଡିଗ୍ରୀ ସେଲସିୟସ ଉପରେ ରହିବା ସୀମାକୁ ଟପିଯିବ, ଫଳରେ ୨୦୨୬ ମସିହା ସେହି ପ୍ରତୀକାତ୍ମକ ସୀମାକୁ ଭାଙ୍ଗିବାର ପ୍ରଥମ କ୍ୟାଲେଣ୍ଡର ବର୍ଷ ହେବ। ଏପରି ଉଚ୍ଚ ତାପମାତ୍ରା ପାଇଁ 'ଏଲ ନିନୋ' ପରି ପ୍ରାକୃତିକ ଜଳବାୟୁ ଢ଼ାଞ୍ଚାର ଅବଦାନ କ୍ୱଚିତ ରହିଥିବା ବେଳେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନର ପ୍ରମୁଖ ଭୂମିକା ରହିଛି। ଅର୍ଥାତ୍ ୧.୫ଡିଗ୍ରୀ ସେଲସିୟସ ତାପମାତ୍ରା ସୀମାକୁ ଆଉ ନ ବଢ଼ାଇବା ଦିଗରେ ରାଷ୍ଟ୍ରମାନେ ବିହିତ ପଦକ୍ଷେପମାନ ନେବାକୁ ଏହା ଆହ୍ୱାନ କରିଛି।

ସୂଚନାଯୋଗ୍ୟ, ଚଳିତ ବର୍ଷର ପ୍ରଥମ ଦଶମାସ ଭିତରେ ହାରାହାରି ବୈଶ୍ୱିକ ତାପମାତ୍ରାଏତେ ଅଧିକ ରହିଆସିଛି ଯେ ଅନ୍ତିମ ଦୁଇ ମାସ ଭିତରେ ତାପମାତ୍ରାରେ ତୀବ୍ର ହ୍ରାସ ହେଲେ ହିଁ ଏକ ନୂତନ ରେକର୍ଡ଼ ସ୍ଥାପନକୁ ଏଡ଼ାଇ ହେବ। ପ୍ରକୃତରେ ୨୦୨୬, ଶେଷ ବେଳକୁ ହାରାହାରି ତାପମାତ୍ରା ଶିଳ୍ପ ଯୁଗ ତାପମାତ୍ରା ଠାରୁ ୧.୫୫ ଡିଗ୍ରୀ ସେଲସିୟସ ଅଧିକ ରହିବ ବୋଲି ଆକଳନ କରାଯାଉଛି। ୨୦୧୫ ପ୍ୟାରିସ ରାଜିନାମା ଅନୁଯାୟୀ ପ୍ରାୟ ୨୦୦ ପାଖାପାଖି ରାଷ୍ଟ୍ର ସେମାନଙ୍କର ଜୀବାଶ୍ମ ତୈଳଦହନ ପରିମାଣକୁ ହ୍ରାସ କରାଇବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତାହା ପାଳିତ ହେଉନଥିବାରୁ ତାପମାତ୍ରା ବୃଦ୍ଧି ସହ ଜଳବାୟୁ ପରିବର୍ତ୍ତନ ମଧ୍ୟ ଘଟି ଚାଲିଛି। ଚଳିତ ବର୍ଷପରି ଯଦି ତାପମାତ୍ରା ୧.୫ ସେଲସିୟସ ବୃଦ୍ଧି ସୀମାକୁ ଉଲ୍ଲଂଘନ କରିଚାଲେ, ତେବେ ଚଳିତ ଶତାବ୍ଦୀ ଶେଷ ବେଳକୁ ତାହା ୩ ଡିଗ୍ରୀ ସେଲସିୟସ ଠାରୁ ଅଧିକ ହୋଇଯିବ ବୋଲି ମିଳିତ ଜାତିସଂଘ ସତର୍କ କରାଇ ଦେଇଛି। ଅବଶ୍ୟ ଖୁବ ଶୀଘ୍ର 'ଏଲ ନିନୋ'ର ବିପରୀତ ପ୍ରଭାବ 'ଲା ନିନା' ଜନିତ ଶୀତ ପ୍ରବାହ ଯୋଗୁଁ ଆସନ୍ତା ବର୍ଷ ତାପମାତ୍ରାରେ ସାମୟିକ ହ୍ରାସ ଘଟିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି। ତେବେ ତାହା ଏହି ହାରାହାରି ସୀମାକୁ ନିୟନ୍ତ୍ରଣ କରିବାରେ ପର୍ଯ୍ୟାପ୍ତ ହେବନାହିଁ ବୋଲି ମଧ୍ୟ ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଣୁ ପାଣିପାଗ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ଯୋଗୁଁ ହେଉଥିବା ଖର୍ଚ୍ଚକୁ ବନ୍ଦ କରିବାର ଏକମାତ୍ର ଉପାୟ ହେଉଛି ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକୁ ଶୂନ କରି ବିଶ୍ୱ ତାପମାତ୍ରାରେ ସ୍ଥିରତା ଆଣିବା ବୋଲି ବିଶେଷଜ୍ଞମାନଙ୍କର ମତ।

ଏ କ୍ଷେତ୍ରରେ ଆମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ନିଜ ଘର ନୁହେଁ ପରିବେଶ ଓ ସମାଜର ସବୁ ଅଞ୍ଚଳ ପ୍ରଦୂଷଣମୁକ୍ତ ରହିବ, ବନାଗ୍ନି ସୃଷ୍ଟି ନ ହେବ, ବ୍ୟାପକ ବୃକ୍ଷରୋପଣ ସହିତ ବୃକ୍ଷ ସଂରକ୍ଷଣ ଓ ବିଶେଷକରି ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା। ନିଜ ଆଖପାଖ ଅଞ୍ଚଳ ସହିତ ସମ୍ପ୍ରସାରିତ ଜାଗା ଗୁଡ଼ିକ କିପରି ସବୁଜ ବନାନୀ ଭାବେ ହସି ଉଠିବ, ଆପଣ ଥଣ୍ଡା ଥଣ୍ଡା ଯେଉଁ ଦଲକାଏ ପବନ ପାଇବେ ଅନୁଭବ କରିବେ ବାସ୍ତବରେ ଏହି କଥା କହୁନଥିବା ଗଛଲତା ମାନଙ୍କର ମଧ୍ୟ ଜୀବନ ଅଛି। ସେମାନଙ୍କୁ କଷ୍ଟ ଲାଗୁଛି, ସେମାନଙ୍କ ଆଖିରୁ ଲୁହ ବାହାରୁଛି, ସମସ୍ତେ ଜାଣିଛେ ତଥାପି ଆମେ ଗଛଲତାକୁ ବାସ୍ତବରେ ଭଲପାଉଛେ ? ଜୀବନ ଧାରଣ ଓ ଶିଳ୍ପ ତଥା ବ୍ୟବସାୟ ପରି କିଛି ଜରୁରୀ କାର୍ଯ୍ୟକ୍ରମ ପାଇଁ ଅନୁମତି ଭିତ୍ତିକ ବୃକ୍ଷ ଛେଦନ ହୋଇପାରେ କିନ୍ତୁ ବୃକ୍ଷରୋପଣକୁ ବ୍ୟାପକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ବଡ଼ କାର୍ଯ୍ୟ। ପିଲାମାନଙ୍କୁ ବିଦ୍ୟାଳୟସ୍ତରୀୟ କେବଳ ବହି ପଢ଼ା ନରଖି ସେମାନେ ସବୁଜ ପରିବେଶ, କଂକ୍ରିଟ ପରିବେଶ ଭିତରେ ପ୍ରଭେଦ ଦେଖନ୍ତୁ। ଅନୁଭବ କରନ୍ତୁ ବାସ୍ତବ ଜୀବନରେ ଗଛଲତା ସେମାନଙ୍କ ପାଇଁ କେତେ ପରମ ଆନନ୍ଦଦାୟକ। ଦିନକୁ ଦିନ ଯେଉଁପରି ଭାବେ ଗଛ କଟା ଚାଲିଛି, ଜଳୀୟ ସ୍ରୋତ ପ୍ରଦୂଷଣରେ ଭର୍ତ୍ତି ହେଉଛି, ଅସଂଖ୍ୟ ବୋରିଂ ଠାରୁ ଜଳ ପ୍ରବାହର ସ୍ରୋତ ଅନେକ କ୍ଷେତ୍ରରେ ଅବିଚାରିତ ଭାବେ ଚାଲିଛି। ଏସବୁର ତୁରନ୍ତ ପରିଚ୍ଛେଦ ଦରକାର। କେବଳ ପ୍ରଶାସନ ଉପରେ ଦାୟିତ୍ୱ ନିର୍ବାହ ନକରି ନିଜ ଘରୁ, ସାହିରୁ, ଗ୍ରାମରୁ, ଜିଲ୍ଲା, ତମାମ ସମାଜ ସବୁ କ୍ଷେତ୍ରକୁ ସବୁଜମୟ କରିବା ସହ ଆମ ପାଇଁ ପ୍ରକୃତି ଓ ପ୍ରାକୃତିକ ସମ୍ପଦ କେତେ ଯେ ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଏହା ଅନ୍ୟମାନଙ୍କ ଭିତରେ ଉପଲବ୍ଧି କରାଇବା।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୬୧୨୩, E-mail : alekha007samal@gmail.com

# ଗଣତନ୍ତ୍ରର ପ୍ରାଧାନ୍ୟ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ରାଜ ପାଇଁ ଯେତେବେଳେ ଇଚ୍ଛାଶକ୍ତି ବଳବତ୍ତର ଶୀର୍ଷ ସ୍ତରକୁ ଉଠୁଛି ଓ ଅନେକ କୌଶଳକୁ ଖୋଜି ଜାଲ ଫାଶ, ଅଙ୍କୁଶ, ପ୍ରୟୋଗକରି ଅଦୃଶ୍ୟ ଖଣ୍ଡାରେ ବିଖଣ୍ଡିତ କରିବାକେବଳ ଦେଖାଯିବ। କରିଯାଉଥିବା କାର୍ଯ୍ୟାବଳୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଲା ତାକୁ ହଟାଇବା ପାଇଁ ଅଦୃଶ୍ୟ ଖଣ୍ଡା ବୁଲିବା ଆରମ୍ଭ ହୋଇଯାଏ। ଲୋକଙ୍କ ସାମୁହିକ ଅଭାବ ଅସୁବିଧାରେ ନିଜେ ଜଡ଼ସଡ଼ ହୋଇ ପୂର୍ବରୁ ଥିବା ସରକାର ଏ ସମସ୍ୟା ଅଣଦେଖା କରିଛନ୍ତି ଦର୍ଶାଇ ଜଣମତର ବାହାବାରେ ପୋତି ହୋଇ ପଡ଼ିବା ଓ ସାଥି ସାଥି ଯୋଜନର ଏକ ଦୀପ ଜଳାଯିବ ଆଉ ଏହାର ତେଜଣା ସମୟକୁ ଚଳାଇ ସ୍ୱ ହାତ ଚିକ୍କଣ କରାଯିବାରେ, ସ୍ୱକୁବେର ଭଣ୍ଡାର ବଢ଼ିବା ଉପାୟ ରାଜନୀତିର ଅଧ୍ୟାୟ ଗଣତନ୍ତ୍ରକୁ ଆସନ ଭିଡ଼ି ବସିବା ଦେଖାଗଲାଣି। କଂସ ରାଜୁତିରେ ଅଷ୍ଟମଲ୍ଲ କେଉଁଠୁ ଆସି ଯୋଡ଼ି ହୋଇ ପରି ଜଣତନ୍ତ୍ରରେ ପାୱାର ଅଛି ପଇସା ଅଛି, ଶ୍ରମସୃଷ୍ଟି କରାଇ ହେଉଛି, ଆଉ ଅଷ୍ଟ ଦିଗରୁ ଅଷ୍ଟ ପ୍ରକାର ଧୁରନ୍ଧର ମଲ୍ଲ ଘେରି ରଖିବେ ଏହା ଅତି ସରଳ କଥା। ସବୁସ୍ତରରେ ଆଠ ଦିଗ ସଂଶ୍ଲିଷ୍ଟ ଏହାବାଦ ଆଉ ଦୁଇଟି ଦିଗ ଅଧଃ ଉର୍ଦ୍ଧ୍ୱ ରହିଛି। ବଡ଼ ସରକାରଙ୍କର ଦଶ ଦିଗରେ ହାତ ଖଣି ଆଉ ବ୍ୟୋମଯାନ ଛୋଟ ସରକାର ରାଜ୍ୟ ସରକାରର ଆଠ ଦିଗ ହାତ, ଯଦି ଜଣଦନ୍ତ୍ର, ଗଣତନ୍ତ୍ରରେ ଉଦ୍ରେକ ହେବ ତେବେ ଏକ ଜଣ ପୁଣି ଆନୁଗତ୍ୟ ଅନେକ ଏକ ଏକ କ୍ଷୁଦ୍ର କ୍ଷେତ୍ର ସୃଷ୍ଟି କରି ରାଜପାଇଁ ଜନ ଆତଙ୍କମାନ ସୃଷ୍ଟି କରି ଜୀନା ହାରାମ କରିବେ କିଏବା ଜନତାଙ୍କ ଯନ୍ତ୍ରଣା ଦରଦୀ ଦୁଃଖ ବୁଝିବ, ଖଜୁରୀ ଗଛର କି ଗୁଣ ବର୍ଣ୍ଣିବି ମୂଳରୁ ପାହାଚ ପାହାଚ ଏ ହେଉଛି ଜଣତନ୍ତ୍ର, ଜଣତନ୍ତ୍ର ବଂଶାନୁକ୍ରମିକ ତନ୍ତ୍ର ପୂର୍ବରୁ ଗତି ଆସୁଥିଲା ଏହା ଶୋଧନ ହୋଇ ଗଣତନ୍ତ୍ର ରୂପ ନେଲା ହେଲେ ଏଥିରେ ମୁଖିଆ ହେଲେ ଯେଉଁ ଜଣ, ସେ ଆସିବାର କେତେ ଦିନ ପରେ ନିଜର ପ୍ରୌଢ଼ୀ ପ୍ରକାଶ କରୁଛନ୍ତି। ସେତେବେଳକୁ ସବୁ ଦିଗରୁ ମଲ୍ଲଗଣ ହାଜିରହୋଇ ନେଉଛନ୍ତି, ମଲ୍ଲ ମାଲିକ ଛୋଟରୁ ଅତିଶୀଘ୍ର ଆକାଶ ଛୁଆଁ ବରଗଛ ପୁଣି ତାଙ୍କର ଅନେକ ସ୍ତମ୍ଭ ମୂଳ, ଏ ଯୁଗର ସେ ଅକ୍ଷୟ ବଟ। ତାଙ୍କର ଭୁଲ, ଭୁଲ ନୁହଁ କାନୁନ ଏମିତି ମୋଡ଼ ନେବ ସେ ମିଷ୍ଟର କ୍ଲିନ। ଲେଡି, ପ୍ୟାଡ଼ି, ହେନ, ପେନ ସହଜରେ ସରଳରେ ଜଣତନ୍ତ୍ରରେ ମିଳିଯିବା ଦେଖା ଗଲାଣି, ଖାଲି କିଛି ମୂଳ ପୁଞ୍ଜିରେ ଜୀହାଁ ଆମ୍ବ ଗଛରେ ପଣସ ଫଳିଛି କଥାରେ କହିଲେ ହେଲା, ଶୂନ୍ୟ ଶୂନ୍ୟ ମହାଶୂନ୍ୟରୁ କେମିତି ଠଣ ସୁନ୍ଦର ଆକୃତି ହୋଇ ପାରୁଛି ଏହା ସମସ୍ତେ ଦେଖିପାରୁଛନ୍ତି, ଜଣତନ୍ତ୍ରରେ ଲହଡ଼ି ଗଣିଧନୀ ହେବା ପଦ୍ଧତି ଲାଗୁ ହୋଇ ଗଲାଣି, ଗାଈ ପାଳନ ନାହିଁ ଦୁଗ୍ଧ ଘୃତ ପ୍ରଚୁର, ଚାଷ ନାହିଁ, ଖାଦ୍ୟ ଅଭାବ ନାହିଁ, ପାଠ ପଢ଼ା ନାହିଁ ମହାଳିଆରେ ଡେକ୍ଟଟ, ଗାଡ଼ି ବାଡ଼ି ଅଭବା ନାହିଁ, ଏହିସବୁ ଜଣତନ୍ତ୍ର ମହିମାରୁ ସମ୍ଭବ ହୋଇଯାଉଛି।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବିଶ୍ୱ ପରିବେଶ ଦିବସରେ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ଚାରା ବଣ୍ଟନ

ପାରାଦୀପ, (ମହାଭାରତ) : ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପାରାଦୀପର ଅଗ୍ରଣୀ ପରିବେଶ ଧର୍ମୀ ସଂଗଠନ 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ପକ୍ଷରୁ ଥାନା ଛକ ପ୍ରେସ ଗ୍ୟାଲେରୀ ନିକଟରେ ବୃକ୍ଷରେ ଜଳ ସିଞ୍ଚନ ଓ ସାଧାରଣରେ ଚାରା ବଣ୍ଟନ କରାଯାଇଥିଲା । ବନ୍ଦର ନଗରୀ ପାରାଦୀପରେ ବହୁଳ ପ୍ରଦୂଷଣ ଯୋଗୁଁ ବୃକ୍ଷର ଡାଳ ପତ୍ରରେ କୋଇଲା ଓ ଆଇରନ ଗୁଣ୍ଡ ଉଡି ଏହା ଉପରେ ଆସ୍ତରଣ ଜମି ସବୁଜ ଡାଳପତ୍ର ନାଲି ଓ କଳା ରଙ୍ଗରେ ପରିଣତ ହୋଇଛି । ଏତଦବ୍ୟତୀତ ପ୍ରଚଣ୍ଡ ରୌଦ୍ର ତାପରେ କିଛି ଗଛ




ଝାଉଁଳି ପଡ଼ିଥିବା ଦେଖାଯାଇଛି । ତେବେ ଏହାକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ଆଜି ସକାଳେ ପ୍ରେସ ଛକ ନିକଟରେ ଥିବା ଗଛ ମାନଙ୍କରେ ଜଳ ସିଞ୍ଚନ କରିବା ସହ ପାରାଦୀପ ରେ ପରିବେଶ ସୁରକ୍ଷା ସହ ସବୁଜମୟ କରିବା ଉଦ୍ଦେଶ୍ୟରେ ଚାରା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପଦେଷ୍ଟା ଶଶାଙ୍କ ଆଚାର୍ଯ୍ୟ, କ୍ଷୀରୋଦ ସ୍ୱାଇଁ, ସଦସ୍ୟ ଭାଗିରଥି ମଲ୍ଲିକ, ସୁଧାଂଶୁ ନାୟକ, ପ୍ରଭାକର ସାହୁ, ସଞ୍ଜୟ ମିଶ୍ର, ଆଲୋକ ମହାପାତ୍ର, ସନ୍ତୋଷ ଭାରତୀ, ନାରାୟଣ ବେହେରା, ବିବେକାନନ୍ଦ ରାଉତ, ସୁରେଶ ସ୍ୱାଇଁ, ପ୍ରୀତି ରଞ୍ଜନ ମହାପାତ୍ର, ପ୍ରଭାସ କୁମାର ଦାସ, ଦୀପକ ଦାସ, ସଂଗ୍ରାମ ରାଉତ, ବିରଜା ତ୍ରିପାଠୀ, ପ୍ରଶାନ୍ତ ସ୍ୱାଇଁ, ଦୀପ୍ତିମୟୀ ବିଶ୍ୱରଞ୍ଜନ, ଅଜିତ ଦାସ, ଶିଶୁ ସଦସ୍ୟା ହର୍ଷିତା ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ମୃତ୍ତିକା କ୍ଷୟ ପ୍ରତିରୋଧ ପାଇଁ ପୌରପାଳିକା ପକ୍ଷରୁ ହେନ୍ତାଳ ବୃକ୍ଷ ରୋପଣ

ପାରାଦୀପ, (ମହାଭାରତ) : ବିଶ୍ୱ ପରିବେଶ ଦିବସ-୨୦୨୬ ଉପଲକ୍ଷେ ପାରାଦ୍ୱୀପ ପୌରପାଳିକା ପକ୍ଷରୁ ୨ ନମ୍ବର ୱାର୍ଡ ସ୍ଥିତ ବିଜୟଚାନ୍ଦପୁର ନଦୀଘାଟ ନିକଟରେ ବାତ୍ୟା ପ୍ରତିରୋଧ ଓ ମୃତ୍ତିକା ସାରଂକ୍ଷଣ ନିମନ୍ତେ ଶୁକ୍ରବାର ସକାଳେ ହେନ୍ତାଳ ବୃକ୍ଷ ରୋପଣ



କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂହ, ବିଶିଷ୍ଟ ପରିବେଶବିତ୍ ଇଞ୍ଜିନିୟର ଅମରେଶ ନରେଶ ସାମନ୍ତ, ପାରାଦ୍ୱୀପ ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ଅଜିତ କୁମାର ଷଡଙ୍ଗୀ, ସୁଶାନ୍ତ ଦାସ, କବିତା ସାହୁ, ନୀଳଚକ୍ର ୟୁଥ କ୍ଲବର ଦେବ ମଣ୍ଡଳ ଓ ସଭ୍ୟ, ସାତ୍ୱିକ ସୋଲ ଫାଉଣ୍ଡେସନର ବିଶ୍ୱଜିତ ସାମଲ ଓ ସାଥି, ବିବେକାନନ୍ଦ ୟୁଥ କ୍ଲବର ଜଗନ୍ନାଥ ହାଲଦାର ଓ ସଭ୍ୟ ଏବଂ ପୌର ଉପାଧ୍ୟକ୍ଷଙ୍କ ସମେତ ସମସ୍ତ ପାରିଷଦ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହାପରେ ସମସ୍ତ ପାରିଷଦ ରଙ୍ଗିଆଗଡ ଠାରେ ଅବସ୍ଥିତ ଗୋଶାଳା, ସମ୍ପଦ କେନ୍ଦ୍ର ଓ ବାୟୋଗ୍ୟାସ ପ୍ଲାଣ୍ଟ ପରିଦର୍ଶନ କରିଥିଲେ । ଶେଷରେ ଦିନ ୧୧ ଟା ସମୟରେ ପୌରପାଳିକା ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ -୨୦୨୬ ସମ୍ବନ୍ଧରେ ଆଲୋଚନା କରାଯାଇ ପ୍ରସ୍ତାବ ପାରିତ ହୋଇଥିଲା । ଏହି ସଭାରେ ପୌରାଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ସମେତ ସମସ୍ତ ପାରିଷଦ ପାରାଦୀପ ବିଧାୟକଙ୍କ ପାରାଦୀପ ପ୍ରତିନିଧି, ନିର୍ବାହୀ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ସେଠୀ, ମୁଖ୍ୟ ସହାୟକ ଦୀପକ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ବିଭୁତି ତ୍ରିପାଠୀ ଓ ଅନ୍ୟ ପୌର କର୍ମଚାରୀ ଉପସ୍ଥିତ ଥିଲେ ।।

## ଡାଲମିଆ ଭାରତ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ

ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : ପରିବେଶ ଓ ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭାରତର ଅଗ୍ରଣୀ ସିମେଂଟ କମ୍ପାନୀ ଡାଲମିଆ ଭାରତ ଲିମିଟେଡ ଏକାଧିକ ସଚେତନତା ଓ ସମୁଦାୟ ସମ୍ପୃକ୍ତି ଅଭିଯାନ ମାଧ୍ୟମରେ ରାଜଗାଙ୍ଗପୁରଠାରେ ବିଶ୍ୱ ପରିବେଶ ଦିବସ ୨୦୨୬ର ପାଳନ କରିଛି । ଏହି ଉତ୍ସବ କର୍ମଚାରୀ, ଛାତ୍ରଛାତ୍ରୀ, ପରିବାର ଓ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କ ସମେତ ୨୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିଥିଲା, ଯିଏ ପରିବେଶ ସଂରକ୍ଷଣ ଓ ଜଳବାୟୁ ପ୍ରତି ଦାୟିତ୍ୱ ଦିଗରେ ସାମୂହିକ ପଦକ୍ଷେପକୁ ପ୍ରୋତ୍ସାହିତ କରିଛନ୍ତି । ଏହି ଉତ୍ସବର ଅଂଶ ଭାବେ କମ୍ପାନୀ ପକ୍ଷରୁ ଏକ ବୃହତ ବୃକ୍ଷରୋପଣ ଓ ପରିବେଶ ସଚେତନତା ଅଭିଯାନର ଆୟୋଜନ କରାଯାଇଥିଲା ଯାହା ଜଳବାୟୁ ସମ୍ପର୍କିତ ପଦକ୍ଷେପ ଓ ପ୍ରାକୃତିକ ସଂଶାଧନ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲା । କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଓ ସମୁଦାୟ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ସହିତ କାରଖାନା, ସହରାଂଚଳ ଓ ଖଣି ଅଂଚଳ ଆଖପାଖରେ ଥିବା ଗ୍ରାମଗୁଡିକରେ ସ୍ଥାନୀୟ ଜଙ୍ଗଲ ପ୍ରଜାତି ଓ ଫଳ ପ୍ରଦାନକାରୀ ବୃକ୍ଷ ସମେତ ୧୧୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଡାଲମିଆ ବିଦ୍ୟା ମନ୍ଦିର (ଡିଭିଏମ)ର ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ଓ କ୍ୱିଜ ପ୍ରତିଯୋଗିତା, ଟାଉନସିପ ପରିବାରଗୁଡିକ ପାଇଁ ହୋମ୍ ଗାର୍ଡେନ ଓ ୱେଷ୍ଟ-ଟୁ-ରିସୋର୍ସ ପ୍ରତିଯୋଗିତାଏବଂ ଏକ ବାର୍ଡ-ନେଷ୍ଟିଙ୍ଗ ଅଭିଯାନ ମଧ୍ୟ ସାମିଲ ଥିଲା । ଏକ ଅଭିନବ ପଦକ୍ଷେପରେ କମ୍ପାନୀ ପକ୍ଷରୁ ସଚେତନତା ବୃଦ୍ଧି କରିବା ଏବଂ ଏହାର ସବୁଜ ପଦକ୍ଷେପଗୁଡିକ ସହ ଯୋଗଦାନ ବୃଦ୍ଧି କରିବା ପାଇଁ ରାଜଗାଙ୍ଗପୁର ସାଇଟରେ ରୋପଣ କରାଯାଇଥିବା ବୃକ୍ଷଗୁଡିକର କ୍ୟୁଆର-କୋଡ-ସକ୍ଷମ ଡିଜିଟାଲ ଡିସ୍ପ୍ଲେ ଆରମ୍ଭ କରାଯାଇଥିଲା । ମିଳିତ ଭାବେ ଏହି ପଦକ୍ଷେପଗୁଡିକ ସମୁଦାୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥିଲା ଏବଂ ସ୍ଥାୟିତ୍ୱ ଓ ଦାୟିତ୍ୱପୂର୍ଣ୍ଣ ପରିବେଶୀୟ ଅଭ୍ୟାସଗୁଡିକର ଏକ ସଂସ୍କୃତି ବିକଶିତ କରିଥିଲା । ଏହି ଅବସରରେ ଡିସିବିଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ରାଜଗାଙ୍ଗପୁରର ୟୁନିଟ୍ ହେଡ୍ ଚେତନ ଶ୍ରୀବାସ୍ତବ



କହିଛନ୍ତି, "ପରିବେଶର ଯତ୍ନ କେବଳ ପ୍ରକୃତିକୁ ସୁରକ୍ଷା ଦେବା ସହ ଜଡିତ ନୁହେଁ ବରଂ ଏହା ଆମର ସାମୂହିକ ଭବିଷ୍ୟତକୁ ସମର୍ଥନ କରୁଥିବା ସଂଶାଧନ, ଇକୋସିଷ୍ଟମ ଓ ସମୁଦାୟଗୁଡିକୁ ସୁରକ୍ଷିତ ରଖିବା ସମ୍ପର୍କିତ ଅଟେ । ସ୍ୱଚ୍ଛ ବାୟୁ, ଜଳ ସୁରକ୍ଷା, ଜୈବବିବିଧତା ଓ ଜଳବାୟୁ ସ୍ଥିରତା ଆଦି ସ୍ଥାୟୀ ବିକାଶ ଏବଂ ଭବିଷ୍ୟତ ପିଢିର କଲ୍ୟାଣ ପାଇଁ ମୌଳିକ ଆବଶ୍ୟକତା ଅଟେ । ଡାଲମିଆ ଭାରତରେ ଆମେ ଆମର ଦାୟିତ୍ୱକୁ ବ୍ୟବସାୟ ପରିଚାଳନାରୁ ଆଗକୁ ବିସ୍ତାର କରିଛୁ ଏବଂ ଆମେ ଦୀର୍ଘସ୍ଥାୟୀ ପରିବେଶୀୟ ଓ ସାମାଜିକ ମୂଲ୍ୟ ସୃଷ୍ଟି କରିବା ପ୍ରତି ପ୍ରତିବଦ୍ଧ ରହିଛୁ । ବିଶ୍ୱ ପରିବେଶ ଦିବସ ଏହି ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିବା ଏବଂ ଆମ ସମସ୍ତଙ୍କ ପାଇଁ ଏକ ସବୁଜ ଓ ଅଧିକ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବା ଦିଗରେ ସାମୂହିକ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଛି ।

# ନାରୀ ଅଧିକାର ଅଭିଯାନ: ଖୋର୍ଦ୍ଧାରେ ବିଜେଡିର ଶୋଭାଯାତ୍ରା ଓ ପ୍ରତିବାଦ ସଭା

## ସାମିଲ୍ ହେଲେ ହେଭିୱେଟ୍ ନେତୃବର୍ଗ

ଖୋର୍ଦ୍ଧା, (ମହାଭାରତ) : ରାଜ୍ୟରେ ବିଜେପି ସରକାର ତାର ଦୁଇବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ସାରା ରାଜ୍ୟରେ ବିରୋଧୀ ଦଳ ବିଜେଡି ଅନ୍ୟପଟେ ନାରୀ ମାନଙ୍କ ବିରୁଦ୍ଧରେ ବଢୁଥିବା ଅତ୍ୟାଚାର, ଦରଦାମ୍ ବୃଦ୍ଧି ବିରୁଦ୍ଧରେ ସମାବେଶ, ଶୋଭାଯାତ୍ରା ଆୟୋଜନ କରୁଛି । ଏହି ପରିପେକ୍ଷୀରେ ବିଜୁ ଜନତା ଦଳର ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଖୋର୍ଦ୍ଧାରେ ବିଜେଡିର ବିଶାଳ ମହିଳା ସମାବେଶ ଆୟୋଜିତ ହୋଇ ଯାଇଛି । ଦଳର ସାଂସଦ, ବିଧାୟକ, ରାଜ୍ୟର ଯୁବ, ଛାତ୍ର, ମହିଳା ନେତୃତ୍ୱଙ୍କ ସହିତ ହଜାର ହଜାର ମହିଳା ଓ କର୍ମୀ ଏକାଠି ହୋଇଥିବାର ଦେଖିବାକୁ ମିଳିଥିଲା । ଖୋର୍ଦ୍ଧା ପୌର ପରିଷଦର ଅନେକ ଦଳୀୟ କର୍ମୀଙ୍କ ସମେତ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ, ବୋଲଗଡ, ଚିଲିକା, ଜଟଣୀ ବ୍ଲକର ଶତାଧିକ ବିଜେଡି କର୍ମୀ ଗୀତା ଭବନ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥଲେ । ରାଜ୍ୟ ସଭା ସାଂସଦ ସୁଲତା ଦେଓ, ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜେଡି ମହିଳା ଉପ ସଭାନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ



- ମୋହନ ସରକାର ବିରୁଦ୍ଧରେ ବର୍ଷିଲେ ରାଜ୍ୟ ସ୍ତରୀୟ ନେତୃବର୍ଗ
- ବିଭୂତି ଓ ରୂପଶ୍ରୀ ସଭାରେ ହେଲେନାହିଁ ଉପସ୍ଥିତ
- ପ୍ରଚଣ୍ଡ ରୌଦ୍ରତାପକୁ ଭୃକ୍ଷେପ ନକରି ଦୁଇ କିଲୋମିଟର ଚାଲିଲେ ମହିଳା
- ଶକ୍ତି ପ୍ରଦର୍ଶନର ସୁଯୋଗ ହାତଛଡ଼ା କଲେନି ରାଜେନ୍ଦ୍ର ଓ ସମର୍ଥକ

ବିଜେଡି ମହିଳା ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ କୁମାର ସାହୁ ଓ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି କ୍ୟାପଟେନ ମନ୍ମଥ କୁମାର ରାଉତରାୟ ପ୍ରମୁଖଙ୍କ ସହିତ ବେଗୁନିଆ ବୋଲଗଡ ବିଧାୟକ ପ୍ରଦୀପ କୁମାର ସାହୁ, ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ଼ ଅଧ୍ୟକ୍ଷ ଉଲ୍ଲାସ ପ୍ରଧାନ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରିଷ୍ଣା ମାନ୍ଧାତାଙ୍କ ସମେତ ଖୋର୍ଦ୍ଧା ପୌର ପରିଷଦର ସମସ୍ତ ବିଜେଡି କାଉନସିଲର ଓ ହଜାର ହଜାର ସଂଖ୍ୟାରେ ଯୁବ, ଛାତ୍ର, ମହିଳା, କର୍ମୀ, ଜନ ସାଧାରଣ ଏକାଠି ହୋଇଥିବାର ଦେଖିବାକୁ ମିଳିଥିଲା । ସହରର ମୁଖ୍ୟ ରାସ୍ତା ଜନସମୁଦ୍ର ପାଲଟିଥିଲା । ନବୀନ ପଟ୍ଟନାୟକ ଜିନ୍ଦାବାଦ୍, ନବୀନ ପଟ୍ଟନାୟକ ତୁମେ ଫେରିଆସ ନାରାରେ ସାରା ଅଞ୍ଚଳ ପ୍ରକମ୍ପିତ ହେଉଥିଲା ।

ଏହି ଅବସରରେ ଜିଲ୍ଲା ଯୁବ ବିଜେଡି ଉପ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ପୌରହିତ୍ୟରେ ଆୟୋଜିତ ସମାବେଶରେ ରାଜ୍ୟ ଓ ଜିଲ୍ଲା ନେତୃ ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ ପଦର୍ଶନ କରିବା ସହିତ ମୋହନ ମାଝୀଙ୍କ ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ରାଜ୍ୟରେ ନାରୀ ଅସୁରକ୍ଷିତ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ଦରଦାମ ଅଣନିୟନ୍ତ୍ରିତ, ତୈଳ ସଙ୍କଟ, ବୃଦ୍ଧ,ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରିବା, ଆଞ୍ଚଳିକ ସମସ୍ୟା କ୍ଷେତ୍ରରେ ସରକାରଙ୍କ ବିଫଳତା, ବିଦ୍ୟୁତ୍ ଦର ବୃଦ୍ଧି ଓ ବିଭ୍ରାଟ ସହିତ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଏସବୁକୁ ମୁଦ୍ଦା କରି ଆଜି ଜିଲ୍ଲା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରାଜ୍ୟରେ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ପ୍ରବାଦପୁରୁଷ ବିଜୁବାବୁ ହିଁ ଯୁଗ ପ୍ରବର୍ତ୍ତକ ଥିଲେ । ପଞ୍ଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩% ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଯାଇଛନ୍ତି । ବିଜୁ ବାବୁଙ୍କ ଆଦର୍ଶରେ ନବୀନ ପଟ୍ଟନାୟକଙ୍କ ସରକାର ପଞ୍ଚାୟତରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦%କୁ ବୃଦ୍ଧି କରିଥିଲେ । ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ୧୪ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲପାଳ ପ୍ରତାପ ଚନ୍ଦ୍ର ବେଉରିଆଙ୍କୁ ଦଳର ରାଜ୍ୟ ନେତବୃନ୍ଦ ପ୍ରଦାନ କରିଥଲେ । ଆଗକୁ ଏହି ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ଜିଲ୍ଲା ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ସହ ବିଜେଡିର ରାଜ୍ୟସ୍ତରୀୟ ନେତୃବୃନ୍ଦ ସରକାରଙ୍କୁ ମଧ୍ୟ ଚେତାବନୀ ଦେଇଥିଲେ । ତେବେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ନେତୃବୃନ୍ଦ ସାମିଲ୍ ହେବାର ସୁଯୋଗକୁ ହାତଛଡ଼ା କରିବାକୁ ପଛେଇ ନଥିବା ବେଳେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଓ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହଙ୍କ ସହିତ ଗୁମାନସିଂହଙ୍କ ସହିତ ଖୋର୍ଦ୍ଧା ବ୍ଲକ୍ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ର ଉପସ୍ଥିତ ନ ରହିବା ଦଳୀୟ କର୍ମୀଙ୍କ ମଧ୍ୟରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳିତ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଏହାର ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ-୩ (ଏସଟିପି-୩) କମ୍ପ୍ଲେକ୍ସରେ ଶୁକ୍ରବାର ଦିନ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳିତ ହୋଇଯାଇଛି । ସ୍ଥାୟୀ ବିକାଶ, ପରିବେଶଗତ ପରିଚାଳନା ଏବଂ ଜଳବାୟୁ କାର୍ଯ୍ୟ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି ପାରାଦୀପ ବନ୍ଦର । ଏହି ଉତ୍ସବ ୨୦୨୬ ପାଇଁ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଥିମ୍, 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ' ଉପରେ ଆଧାରିତ ଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ, ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀ ଏବଂ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ହରନାଦ ପ୍ରକୃତି-ଆଧାରିତ ସମାଧାନ ଏବଂ ସ୍ଥାୟୀ ପ୍ରଯୁକ୍ତିବିଦ୍ୟାକୁ ବନ୍ଦର କାର୍ଯ୍ୟରେ ସାମିଲ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ପାରାଦୀପ ବନ୍ଦରକୁ ଏକ ଆଧୁନିକ, ପରିବେଶଗତ ଦାୟିତ୍ୱପୂର୍ଣ୍ଣ ଏବଂ ଜଳବାୟୁ-ପ୍ରତିରୋଧୀ ସାମୁଦ୍ରିକ କେନ୍ଦ୍ରରେ ପରିଣତ କରିବା ପାଇଁ ପାରାଦୀପ ବନ୍ଦର ର ଦୃଷ୍ଟିକୋଣକୁ ଦୋହରାଇ ଥିଲେ । ଏସଟିପି-୩ ରେ ଉନ୍ନତ ପରିବେଶଗତ ଇକୋଲୋଜିକାଲ ଇଞ୍ଜିନିୟରିଂକୁ ଉପଯୋଗ କରି,



ପାରାଦୀପ ବନ୍ଦର କେବଳ ବର୍ଜ୍ୟଜଳକୁ ବିଶୋଧନ କରୁନାହିଁ; ଏହା ପ୍ରକୃତି-ଆଧାରିତ ସମାଧାନ କାର୍ଯ୍ୟକାରୀ କରି କାର୍ବନ କୁ ହ୍ରାସ କରୁଛି, ମୂଲ୍ୟବାନ ସମ୍ବଳ ସଂରକ୍ଷଣ ସହ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଯୋଗଦାନ ଦିଏ,'ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ । ଅଧ୍ୟକ୍ଷ ନବସୃଜନଶୀଳ ପରିବେଶ ପରିଚାଳନା ଅଭ୍ୟାସ, ସମ୍ବଳ-ଦକ୍ଷ ଭିତ୍ତିଭୂମି ଏବଂ ସ୍ଥାୟୀ କାର୍ଯ୍ୟକ୍ଷମ ରଣନୀତି ମାଧ୍ୟମରେ ଏକ ସ୍ୱୟଂଚାଳିତ, କାର୍ବନ-ନିରପେକ୍ଷ ଏବଂ ସବୁଜ ବନ୍ଦର ଇକୋସିଷ୍ଟମ ଗଠନ ଦିଗରେ ବନ୍ଦର କର୍ତ୍ତୃପକ୍ଷଙ୍କ ଜାରି ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସେ ପରିବେଶଗତ ଚ୍ୟାଲେଞ୍ଜର ମୁକାବିଲା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ବିଶ୍ୱ ପରିବେଶ ଦିବସ ଅବସରରେ, ପାରାଦୀପ ବନ୍ଦର ଏବଂ ଆଖପାଖ ସମ୍ପ୍ରଦାୟଗୁଡ଼ିକରେ ପରିବେଶ ସଚେତନତା, ସମ୍ପଦ ସଂରକ୍ଷଣ ଏବଂ ଜଳବାୟୁ-ସଚେତନ ଅଭ୍ୟାସକୁ ପ୍ରୋତ୍ସାହିତ କରି 'ସବୁଜ ହୁଅ, ସ୍ୱଚ୍ଛ ହୁଅ' ବାର୍ତ୍ତା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ । ଆଗାମୀ ବର୍ଷଗୁଡ଼ିକରେ ନବୀକରଣୀୟ ଶକ୍ତି ଗ୍ରହଣ, ଜଳ ସଂରକ୍ଷଣ, ବନୀକରଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଭଳି ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରାଯିବ ବୋଲି ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ପରିବେଶ ସୁରକ୍ଷା, କାର୍ବନ ନିର୍ଗମନ ହ୍ରାସ, ପ୍ରାକୃତିକ ସମ୍ପଦ ସଂରକ୍ଷଣ ଏବଂ ଏକ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ମିଳିତ ଭାବରେ କାମ କରିବା ପାଇଁ ସମସ୍ତ ଅଂଶଗ୍ରହଣକାରୀଙ୍କ ସାମୂହିକ ପ୍ରତିଶ୍ରୁତି ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ଆଇଜିଆଇଟି ସରାଙ୍ଗକୁ 'ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା' ଦେବା ପାଇଁ ଚିଠି ଲେଖିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ପରଜଙ୍ଗ, (ମହାଭାରତ) : ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ବିକାଶ ତଥା ଢେଙ୍କାନାଳ ଓ ଅନୁଗୋଳ ଭଳି ଶିକ୍ଷାଞ୍ଚଳର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଢେଙ୍କାନାଳ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ 'ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' (ଆଇଜିଆଇଟି), ସରାଙ୍ଗକୁ ଏକ ସ୍ୱତନ୍ତ୍ର ଏକକ ବିଶ୍ୱବିଦ୍ୟାଳୟ ଭାବେ ଅପଗ୍ରେଡ୍ କରିବା ପାଇଁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ।ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କ ବଜେଟ୍ ୨୦୨୬-୨୭ରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଏବଂ ଭୁବନେଶ୍ୱରର ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)କୁ ବିଶ୍ୱସ୍ତରୀୟ ବୈଷୟିକ



ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ପ୍ରଶଂସନୀୟ । ଏହି କ୍ରମରେ ଆଇଜିଆଇଟି, ସରାଙ୍ଗକୁ ମଧ୍ୟ ସମାନ ଭାବେ ଉନ୍ନତ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୮୨ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ପ୍ରାୟ ୪୫ ବର୍ଷର ଏକ ସମୃଦ୍ଧ ସେବା ଓ ଗୌରବର ଇତିହାସ ରହିଛି । ଏହା ବର୍ତ୍ତମାନ ୟୁଜିସି ଦ୍ୱାରା ସ୍ୱୟଂଶାସିତ ମାନ୍ୟତା ପ୍ରାପ୍ତ, ଏଆଇସିଟିଇ ଦ୍ୱାରା ଅନୁମୋଦିତ ଏବଂ ଏନବିଏ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମଧ୍ୟ । ଏହା ସହିତ ଏହି ଅନୁଷ୍ଠାନ ବୈଷୟିକ ଶିକ୍ଷା ଗୁଣବତ୍ତା ସୁଧାର କାର୍ଯ୍ୟକ୍ରମ (ଟିଇକ୍ୟୁଆଇପି) ଦ୍ୱାରା ମଧ୍ୟ ସହାୟତା ପ୍ରାପ୍ତ, ଯାହା ଏହାର ଶିକ୍ଷାଗତ ବିଶ୍ୱସନୀୟତା ଓ ସାଂଗଠନିକ ଦକ୍ଷତାକୁ ଦର୍ଶାଉଛି । ଏହି ପ୍ରତିଷ୍ଠିତ ଅନୁଷ୍ଠାନରେ ପିଏଚ.ଡି, ଏମ.ଟେକ, ଏମସିଏ, ବି.ଟେକ, ବ୍ୟାଚଲର ଅଫ୍ ଆର୍କିଟେକଚର , ଏମ.ଏସସି ଏବଂ ଡିପ୍ଲୋମା ଭଳି ବିଭିନ୍ନ ଉଚ୍ଚକୋଟୀର ପାଠ୍ୟକ୍ରମର ସୁବିଧା ରହିଛି । ଏସବୁ ଯୋଗ୍ୟତାସମ୍ପନ୍ନ ଓ ଅଭିଜ୍ଞ ଅଧ୍ୟାପକ ତଥା ଦୃଢ଼ ଏକାଡେମିକ ଭିତ୍ତିଭୂମି ଦ୍ୱାରା ପରିଚାଳିତ ହେଉଛି । ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏହି ଅନୁଷ୍ଠାନ ଆଇଆଇଟି, ବମ୍ବେ ସହ ଏହାର 'ଭର୍ଚୁଆଲ ଲ୍ୟାବ୍' କାର୍ଯ୍ୟକ୍ରମ ପାଇଁ ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସହ ଇଣ୍ଟର୍ନସିପ୍ ସୁଯୋଗ କ୍ଷେତ୍ରରେ ସଫଳତାର ସହ ଭାଗିଦାରୀ ରଖିଛି କ୍ଷ ଆଇଜିଆଇଟି ସରାଙ୍ଗ, ଢେଙ୍କାନାଳ ଏବଂ ଅନୁଗୋଳର ବୃହତ ଶିକ୍ଷାଞ୍ଚଳ ମଧ୍ୟରେ ଅବସ୍ଥିତ ଥିବାରୁ ଏହା ଶିକ୍ଷ ଆଧାରିତ ଜ୍ଞାନ, ଗବେଷଣା, ଇନୋଭେସନ ମାଧ୍ୟମରେ ସ୍ଥାନୀୟ ଶିଳ୍ପ ପରିସଂସ୍ଥାନକୁ ଅଧିକ ବ୍ୟାପକ କରାଇବାର ମଧ୍ୟ ସମ୍ଭାବନା ରଖୁଛି । ଏହାକୁ ଏକକ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିଲେ ଅନୁଷ୍ଠାନର ଏକାଡେମିକ ସ୍ୱାୟତ୍ତତା ବୃଦ୍ଧି ପାଇବ, ଉନ୍ନତ ଗବେଷଣା ଓ ଇନୋଭସନକୁ ପ୍ରୋତ୍ସାହନ ମିଳିବ । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ମିଳିବା ସହ ଦକ୍ଷ ପ୍ରଫେସରମାନଙ୍କୁ ଏଠାକୁ ଆସିବା ପାଇଁ ଆକୃଷ୍ଟ କରିବ, ଅନୁଷ୍ଠାନକୁ ଅଧିକ ପାଣ୍ଠି ମିଳିବା ସହ ଭାଗିଦାରୀ ମଧ୍ୟ ବଢ଼ିବାର ସମ୍ଭାବନା ରହିଛି । ଆଇଜିଆଇଟି, ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନତ କଲେ, ଏହା କେବଳ ଓଡ଼ିଶାର ବୈଷୟିକ ଶିକ୍ଷା ଦୃଶ୍ୟପଟ୍ଟକୁ ମଜଭୂତ୍ କରିବ ନାହିଁ, ବରଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ଗବେଷଣା ଏବଂ ଉଦ୍ଭାବନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । 'ବିକଶିତ ଓଡ଼ିଶା ୨୦୩୬'ର ସଂକଳ୍ପ ଅନୁଯାୟୀ ଏହି ଅନୁଷ୍ଠାନକୁ ଅନ୍ତର୍ଜାତୀୟ ବୈଷୟିକ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ବଦଳିବ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡର ରୂପରେଖ

ଖୋର୍ଦ୍ଧା, (ମହାଭାରତ) : ୧୯୯୪ ମସିହାରେ ଉଦଘାଟିତ ପଲ୍ଲୀ ନୂଆ ବସଷ୍ଟାଣ୍ଡ ଦୀର୍ଘଦିନ ଧରି ଅବ୍ୟବସ୍ଥା ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ଏବେ ଏହାର ରୂପରେଖ ବଦଳିବାକୁ ଯାଉଛି । ୧୧୭ କୋଟି ବିନିମୟରେ ଏଠାରେ ନିର୍ମାଣ ହେବ ଅତ୍ୟାଧୁନିକ ଅଟଳ ବସଷ୍ଟାଣ୍ଡ । ଏହି ନୂତନ ବସଷ୍ଟାଣ୍ଡରେ ଯାତ୍ରୀମାନେ ବିମାନବନ୍ଦର ଭଳି ସୁବିଧାସୁଯୋଗ ପାଇ ପାରିବେ । ରାଜ୍ୟ ପୋଲିସ ହାଉସିଂ କର୍ପୋରେସନ ପକ୍ଷରୁ ଏ ନେଇ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇ ସାରିଛି । ତିନିଟି ପର୍ଯ୍ୟାୟରେ କାମ ସମ୍ପନ୍ନ ହେବାକୁ ଥିବା ବେଳେ ଦୁଇବର୍ଷ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।୩୨ ବର୍ଷ ତଳେ ଏହି ବସଷ୍ଟାଣ୍ଡ ଖୋର୍ଦ୍ଧା ସହରକୁ ଗମନାଗମନ ପାଇଁ ଲୋକାର୍ପଣ ହୋଇଥିଲେ ସୁଦ୍ଧା ରାଜନୈତିକ ଓ ପ୍ରାଶାସନିକ ଇଚ୍ଛାଶକ୍ତିର ଅଭାବରୁ ଅଧିକାଂଶ ବେସରକାରୀ ବସ୍ ବସଷ୍ଟାଣ୍ଡ ଭିତରକୁ ନଆସି ଜାତୀୟ ରାଜପଥରେ ଯାତାୟାତ କରୁଛି । ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସ୍ୱଚ୍ଛତା, ସୁରକ୍ଷା ଓ



- ୧୧୭ କୋଟି ବିନିମୟରେ ତିଆରି ହେବ ଅତ୍ୟାଧୁନିକ ଅଟଳ ବସଷ୍ଟାଣ୍ଡ
- ଉଚ୍ଛେଦ ପୂର୍ବରୁ ଥଇଥାନକୁ ପ୍ରାଥମିକତା ଦେବାକୁ ଉଠିଲା ଦାବୀ

ମୌଳିକ ସୁବିଧାର ଅଭାବ ଯୋଗୁଁ ହନ୍ତସନ୍ତ ମଧ୍ୟ ହେଉଛନ୍ତି ।

ନୂଆ ପ୍ରକଳ୍ପ ସଂହତି ରିପୋର୍ଟ (ଡିପିଆର) ଅନୁସାରେ ଏହି ଜରାଜୀର୍ଣ୍ଣ ଅବସ୍ଥାରେ ବସଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ ରୂପେ ହଟାଯାଇ ଉକ୍ତ ସ୍ଥାନ ସମେତ ସାନପଲ୍ଲୀ ମୌଜାର ପ୍ରାୟ ୫ ଏକର ଜମିରେ ନିର୍ମାଣ ହେବ ଏହି ଅତ୍ୟାଧୁନିକ ଅଟଳ ବସଷ୍ଟାଣ୍ଡ । ବିଶାଳ ୫ ମହଲା ବିଶିଷ୍ଟ ଯାତ୍ରୀ ପ୍ରତୀକ୍ଷାଳୟ ଏହାର ମୁଖ୍ୟ ଆକର୍ଷଣ ହେବ ।

ନୂଆ ବସଷ୍ଟାଣ୍ଡରେ ରହିବ ଯାତ୍ରୀଙ୍କ ପାଇଁ ରହିବ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ସୁବିଧା । ବାତାନୁକୂଳିତ ଓ ଆରାମଦାୟକ ପ୍ରତୀକ୍ଷାଳୟ ସହିତ ସ୍ୱଚ୍ଛ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା, ବସଷ୍ଟାଣ୍ଡ ମଧ୍ୟକୁ ପ୍ରବେଶ କରୁଥିବା ବସ୍ ଗୁଡିକର ସମୟସୂଚୀ ନିମିତ୍ତ ଡିଜିଟାଲ ଡିସପ୍ଲେ ବୋର୍ଡ ଓ ସୂଚନା କେନ୍ଦ୍ର, ଟିକେଟ କାଉଣ୍ଟର, ବିଭିନ୍ନ ପ୍ରକାରର ବାଣିଜ୍ୟିକ ଷ୍ଟଲ, ସୁଭଦ୍ରା କାଫେ ଓ ଫୁଡକୋର୍ଟ ସହିତ ମା' ଓ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ସ୍ତନ୍ୟପାନ କକ୍ଷ ପାଇଁ ନକ୍ସା ପ୍ରସ୍ତୁତ ହୋଇଅଛି । ସେହିପରି ଶିଶୁମାନଙ୍କ ଆମୋଦ ପ୍ରମୋଦ ଓ ମନୋରଞ୍ଜନ ପାଇଁ ଚାଇଲ୍ଡ-ଫ୍ରେଣ୍ଡଲି ଜୋନ, ପାର୍ସଲ ଗୋଦାମ ଓ କାର୍ଯ୍ୟାଳୟ, ଏଟିଏମ୍ ? କାଉଣ୍ଟର, ମୋବାଇଲ ଚାର୍ଜିଂ ପଏଣ୍ଟ ଓ ଅପେକ୍ଷାରତ ଯାତ୍ରୀଙ୍କ ପାଇଁ ମାଗଣା ୱାଇ-ଫାଇର ସୁବିଧା ମଧ୍ୟ ରହିବ । ସମ୍ପୂର୍ଣ୍ଣ ବସଷ୍ଟାଣ୍ଡ ଅଞ୍ଚଳକୁ ସିସିଟିଭି ଓ ଆଧୁନିକ ସୁରକ୍ଷା ବ୍ୟବସ୍ଥା ଦିଗରେ ବିଶେଷ ଧ୍ୟାନ ଦେବାକୁ ଯୋଜନା କରଯାଇଛି । ସମରୂପରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ପର୍ଯ୍ୟାପ୍ତ ପାର୍କିଂ ଓ ଇ-ଭେହିକଲ ଚାର୍ଜିଂ ବ୍ୟବସ୍ଥା ମଧ୍ୟ ବସଷ୍ଟାଣ୍ଡରେ ରହିବ ପାଇଁ ପ୍ଲାନ୍ ପ୍ରସ୍ତୁତ ହୋଇଅଛି । ଖୋର୍ଦ୍ଧାରେ ନିର୍ମାଣ ହେବାକୁ ଥିବା ଏହି 'ଏ-ଟାଇପ' ଅଟଳ ବସଷ୍ଟାଣ୍ଡ ରାଜ୍ୟର ଅନ୍ୟତମ ବୃହତ୍ ବସ୍ ଟର୍ମିନାଲ ଭାବେ ଗଢ଼ି ଉଠିବ ମଧ୍ୟ କୁହାଯାଉଛି । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଖୋର୍ଦ୍ଧା ଜିଲାର ଯାତାୟାତ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିବା ବେଳେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପୂର୍ବରୁ ପୁରୁଣା ବସଷ୍ଟାଣ୍ଡକୁ ହଟାଯିବା ସହିତ ବସଷ୍ଟାଣ୍ଡ ସହ ସଲଂଗ୍ନ ପୌର ପରିଷଦ ଦ୍ୱାରା ନିର୍ମିତ ଦୋକାନଗୃହ ଭଙ୍ଗାଯିବା ଆଲୋଚନାକୁ ନେଇ ଏବେ ଅନେକ ବ୍ୟବସାୟୀ ରୋଜଗାର ହରେଇବାର ଆଶଙ୍କା କରିଛନ୍ତି । କାରଣ ବିଗତ ଦିନରେ ସହର ମଧ୍ୟରୁ କ୍ୟାବିନ ହଟା ଯାଇଥିଲା, କିନ୍ତୁ ଭିତ୍ତିଭୂମି ଅଭାବରୁ ଦୋକାନଗୃହ ନିର୍ମାଣରେ ଅହେତୁକ ବିଳମ୍ବ କାରଣରୁ ଅନେକ କ୍ୟାବିନ ବ୍ୟବସାୟୀ ରୋଜଗାର ହରେଇ ବାରଦୁଆର ଗୁଣ୍ଡିପିଣ୍ଡା ହେଉଛନ୍ତି । ଏଣୁ ଦୁଇବର୍ଷ ପର୍ଯ୍ୟନ୍ତ ଜୀବିକା ହରେଇବା ଚିନ୍ତାରେ ବ୍ୟବସାୟୀ । ବସଷ୍ଟାଣ୍ଡରୁ ଦୋକାନ ଉଚ୍ଛେଦପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ପ୍ରଥମେ ଥଇଥାନକୁ ପ୍ରାଥମିକତା ଦେବାକୁ ବ୍ୟବସାୟୀ ମାନେ ଦାବୀ କରିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ବ୍ୟକ୍ତିତ୍ୱ ବିକାଶ ଶିବିର ଉଦ୍‌ଘାଟନ କଲେ ଗଜପତି ମହାରାଜ



ଅସ୍ତରଙ୍ଗ(ମହାଭାରତ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଞ୍ଚାୟତ ବରପଦା ଗ୍ରାମ ଭାଗବତ ପଡିଆ ରେ ସାପ୍ତାହିକ ପାରାୟଣ ସହିତ ପାଞ୍ଚ ଦିନିଆ ବ୍ୟକ୍ତିତ୍ୱ ବିକାଶ ଶିବିର ବୁଧବାର ଦିନ ସନ୍ଧ୍ୟା ସମୟ ରେ ପୁରୀ ଗଜପତି ମହାରାଜ ନବକୋଟି କର୍ଣ୍ଣାଟ କାଳବର୍ଗେଶ୍ୱର ୧୦୮ ଶ୍ରୀ ଶ୍ରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ କରକମଳ ରେ ଉଦଘାଟିତ ହୋଇଯାଇଛି। ଏହି ବ୍ୟକ୍ତିତ୍ୱ ବିକାଶ ଶିବିର ର ମୂଳ ଉଦ୍ଦେଶ୍ୟ ବର୍ତ୍ତମାନ ସମାଜ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗୋଟେ ସୁନ୍ଦର ପୂର୍ଣ୍ଣାଙ୍ଗ ସମାଜ ଗଠନ କରିବା, ଆଜିର ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ କଲେଜ ରେ ଭୌତିକ ଶିକ୍ଷା ଗ୍ରହଣ କରୁଛନ୍ତି ଯାହା ସେମାନଙ୍କ ଜୀବନ ର ଲକ୍ଷ ସାଧନା ପାଇଁ ନିମିତ୍ତ ମାତ୍ର ଏହା ସହ ଆଧାତ୍ମିକ ଜ୍ଞାନ ଗ୍ରହଣ କଲେ ସେ ନିଜକୁ ଗୋଟେ ସୁନ୍ଦର ବ୍ୟକ୍ତିତ୍ୱ ହିସାବରେ ସମାଜ ରେ ପ୍ରତିଷ୍ଠା କରିପାରିବ, ଏହି ଲକ୍ଷ ନେଇ ପ୍ରାଚ୍ୟ ପରମ୍ପରା ଗୁରୁକୁଳ ର ଆଦର୍ଶ ର ଐତିହାସିକ ପୌରାଣିକ ତଥ୍ୟ କୁ ଉପସ୍ଥିତ ପୁରୀ ଜିଲ୍ଲା ର ହଜାର ହଜାର ଛାତ୍ର ଛାତ୍ରୀ ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗଜପତି ମହାରାଜ, ଜୀବନଶୈଳୀ ରେ ପରିବର୍ତ୍ତନ, ଯୋଗ, ଆଧାତ୍ମିକ ଢଙ୍ଗ ରେ ପରିଚାଳିତ, ଶାସ୍ତ୍ର ଜ୍ଞାନ, ଉପଦେଶ ଏହିଭଳି ଜ୍ଞାନ ଓଡିଶା ର ପରିଚିତ ଆଚାର୍ଯ୍ୟ ମାନଙ୍କ ଦ୍ୱାରା ପିଲା ମାନଙ୍କୁ ପାଞ୍ଚ ଦିନ ଧରି ପ୍ରଶିକ୍ଷଣ ଦିଆଯିବ, ଏହା ସହ ଏକ ସପ୍ତାହ ଧରି ଭାଗବତ ପାରାୟଣ, ଜଗନ୍ନାଥ ଙ୍କ ଭଜନ କୀର୍ତ୍ତନ ଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ,ଏହି କାର୍ଯ୍ୟକ୍ରମ ରେ ବିଶିଷ୍ଟ ଅତିଥି ସଚ୍ଚିଦାନନ୍ଦ ଦାସ ମହାରାଜ, ମୁଖ୍ୟ ବକ୍ତା ମାଧବାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ବକ୍ତା ସ୍ୱାମୀ ଜଗଦିଶାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ମହନ୍ତ ଶ୍ରୀ ରାମକୃଷ୍ଣ ଦାସ ମହାରାଜ ଥିବା ବେଳେ ମଞ୍ଚପରିଚାଳନା କରିଥିଲେ ପୂଜ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜ, ଏହି କାର୍ଯ୍ୟକ୍ରମ ରେ ପୁରୀ ଜିଲ୍ଲା ର ବିଭିନ୍ନ ସ୍ଥାନରୁ ୭୬୦ ଛାତ୍ର ଛାତ୍ରୀ ପଞ୍ଜୀକରଣ କରିଛନ୍ତି ।

## ଗୁଡାରି ରେଞ୍ଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଗୁଡାରି: ଗୁଡାରି ରେଞ୍ଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଗୁଡାରି ରେଞ୍ଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକ ବିଶାଳ ବାଇକ ରାଲିର ଆୟୋଜନ କରାଯାଇଥିଲା। ଏହି ରାଲିରେ ବନ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଯୋଗଦେଇ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଚାର କରିଥିଲେ। ପରିବେଶ ସୁରକ୍ଷା ଉପରେ ଆଧାରିତ ପଥପ୍ରାନ୍ତ ନାଟକ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ପ୍ରଦର୍ଶିତ କରାଯାଇଥିଲା ।ରାଲିଟି ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରି ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ନେଇ ଜନସାଧାରଣଙ୍କୁ ସଚେତନ କରିଥିଲା। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ପରିବେଶର ସୁରକ୍ଷା ଓ ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ ।କାର୍ଯ୍ୟକ୍ରମ ଶେଷରେ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ ।ବାଇକ ରାଲି ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ ଜାରି କରିଛନ୍ତି । ଏହି ବିଶ୍ୱ ପରିବେଶ ସଚେତନ କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଗୁଡାରି ରେଞ୍ଜ ଅତିରିକ୍ତ ରେଞ୍ଜର ଗଙ୍ଗାଧର ମିଶ୍ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ

ମୋହନା (ମହାଭାରତ): ସାରା ବିଶ୍ୱ ଆଜି ବିଶ୍ୱ ପରିବେଶ ଦିବସ ପାଳନ କରୁଥିବା ବେଳେ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ସେକ୍ସନ ଅଞ୍ଚଳରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଛି। ବନବିଭାଗର ଉଦ୍ୟମରେ ହଜାର ହଜାର ଚାରା ରୋପଣ କରାଯାଇଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀ ଓ ସାମାଜିକ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ। ବିଶ୍ୱ ପରିବେଶ ଦିବସ ଅବସରରେ ଗଜପତି ଜିଲ୍ଲା ଚନ୍ଦ୍ରଗିରି ସେକ୍ସନ ଅଞ୍ଚଳରେ ବନବିଭାଗ ପକ୍ଷରୁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚନ୍ଦ୍ରଗିରି ବନପାଳ ଗଣେଶ ପ୍ରଧାନଙ୍କ ନେତୃତ୍ୱରେ ଚନ୍ଦ୍ରଗିରି ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲ। ଏହି ଅଭିଯାନରେ ୩ ହଜାରରୁ ଅଧିକ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଜଙ୍ଗଲର ସବୁଜିମା ବୃଦ୍ଧି ସହ ପରିବେଶ ସନ୍ତୁଳନ ରକ୍ଷା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ।କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଜନୀ ପ୍ରଧାନ, ସମିତି ସଭ୍ୟ, ଚନ୍ଦ୍ରଗିରି ତିବତୀୟ ସେଟଲମେଣ୍ଟ



ଅଫିସର କର୍ମା ଲୁମ୍ବୁଡ଼ ଶାମ୍ବ, ଅବସରପ୍ରାପ୍ତ ବନପାଳ ତଥା ଫ୍ରିଡମ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ତ୍ରିନାଥ ବିଷୋୟୀରତ୍ନଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତିଉପସ୍ଥିତ ରହିଥିଲେ। ସମସ୍ତେ ମିଳିମିଶି ଚାରା ରୋପଣ କରିବା ସହ ସାଧାରଣ ଲୋକଙ୍କୁ ଅଧିକରୁ ଅଧିକ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ସମୟରେ ବଢୁଥିବା ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବୃକ୍ଷରୋପଣର ଆବଶ୍ୟକତା ଅଧିକ ଅନୁଭୂତ ହେଉଛି। ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା ପାଇଁ ସମାଜର ସମସ୍ତ ବର୍ଗର ଲୋକଙ୍କୁ ଏକତ୍ରିତ କରିବାକୁ ବନବିଭାଗର ପ୍ରୟାସ ଜାରି ରହିଛି ।

## ପାନୀୟ ଜଳ ସମସ୍ୟାକୁ ନେଇ ଜାତୀୟ ରାଜପଥ ୩୨୬ ଅବରୋଧ



ରାୟଗଡା: ଦୀର୍ଘ ଦିନ ହେଲା ପାନୀୟ ଜଳ ସମସ୍ୟା ସମାଧାନ ହେଉ ନଥିବାରୁ ଆଜି ସକାଳୁ କୋରାପୁଟ ରାୟଗଡା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥିତ କୁମ୍ଭିକୋଟା ଗ୍ରାମ ଠାରେ ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରିଛନ୍ତି। ପାନୀୟ ଜଳ ସମସ୍ୟାକୁ ନେଇ ରାୟଗଡ଼ାଜିଲ୍ଲା ସଦର ବ୍ଲକ୍ କୁମ୍ଭିକୋଟା ଗାଁରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପିଇବା ପାଣି ଯୋଗାଣ ଦାବିରେ ଶତାଧିକ ଗ୍ରାମବାସୀ କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଅଟକି ରହିଛି। ଦୀର୍ଘଦିନ ଧରି ଜଳ ସଙ୍କଟ ଲାଗି ରହିଥିବା ବେଳେ ପ୍ରଶାସନକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ□ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆଲୋଚନା ଆରମ୍ଭ କରିଛନ୍ତ। ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ କୁମ୍ଭିକୋଟା ଗାଁରେ ପାନୀୟ ଜଳ ସମସ୍ୟା ଉଗ୍ର ରୂପ ନେଇଛି। ଶତାଧିକ ଗ୍ରାମବାସୀ ଗରା ଓ ବାଲ୍ଟି ଧରି କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ଗାଁରେ ପାନୀୟ ଜଳ ସଙ୍କଟ ଲାଗି ରହିଛି। ସମସ୍ୟା ସମାଧାନ ପାଇଁ ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇନାହିଁ। ପାଣି ଯୋଗାଣ ନହେଲେ ରାସ୍ତାରୁ ହଟିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ ଜିଦ୍ ଧରି ବସିଛନ୍ତି ।ଘଟଣାକୁ ନେଇ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା କହିଛନ୍ତି ଯେ ସେହି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ରହିଛି ଏବଂ ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ। ବର୍ତ୍ତମାନ ରାୟଗଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି। ବାରମ୍ବାର ବିଜୁଳି କାଟ ସମସ୍ୟା ହେଉଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ରାୟଗଡ଼ାରେ ବିଳମ୍ବିତ ରାତ୍ରିରେ ଛୁରାମାଡ଼




ରାୟଗଡ଼ା: ବିଳମ୍ବିତ ରାତିରେ ଟାଇଲ କଟିଙ୍ଗ ମେସିନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇ ଜଣଙ୍କୁ ଛୁରାମାଡ଼ ହୋଇଛି ଓ ଛୁରାମାଡ଼ ପରେ ଗୁରୁତର ଅବସ୍ଥାରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି ।ଗୁରୁତର ହୋଇଥିବା ଯୁବକ ଜଣକ ହେଲେ ବିହାର ରାଜ୍ୟର ଏମ ଡି ସରଫରାଜ ଓସୂଚନାରୁ ଜଣାପଡ଼ିଛି ରାୟଗଡ଼ା କସ୍ତୁରୀ ନଗର ଅଞ୍ଚଳରେ ବିହାର ରାଜ୍ୟର ବେଲା ଅଞ୍ଚଳର କିଛି ଯୁବକ ସହରରେ ରହି ଟାଇଲ କାମ କରୁଥିଲେ ଓ ସରଫରାଜଙ୍କ ପଡୋଶୀ ଏମ ଡି ସୟଦ ତାଙ୍କ ଠାରୁ ଟାଇଲ କଟିଙ୍ଗ ମେସିନ ନେଇ ଫେରାଉ ନଥିଲେ ଓ ଉକ୍ତ ଘଟଣାକୁ ନେଇ ସରଫରାଜ ଓ ସୟଦ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ସୟଦ ଛୁରୀରେ ଶରୀରର ବିଭିନ୍ନ ସ୍ଥାନରେ ଭୁସି ଦେଇଥିଲେ ଓ ଗୁରୁତର ଅବସ୍ଥାରେ ସରଫରାଜଙ୍କ ସହଯୋଗୀ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏନେଇ ରାୟଗଡ଼ା ଥାନାରେ ସୂଚନା ଦେବା ପରେ ରାୟଗଡ଼ା ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ପୌର ପରିଷଦରର ସାଧାରଣ ବୈଠକରେ ଯୋଗଦେଲେ ବିଧାୟକ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ ବୈଠକ ଗୃହରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ଯୋଗଦେଇଥିଲେ , ପ୍ରଥମେ ବିଧାୟକ ଙ୍କୁ ସମସ୍ତ ସଦସ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ବୈଠକ ରେ ମୁଖ୍ୟ ପ୍ରସଙ୍ଗ ଥିଲା ଜିଲ୍ଲା ର ହୋଇଥିବା ସହିଦ ମାନଙ୍କ ସ୍ମୃତିପୀଠ ବା ସ୍ମୃତିସ୍ତମ୍ଭ ପାରଳା ରେ ସ୍ଥାପିତ କରିବା ପାଇଁ ପ୍ରସ୍ତାବ ରହିଛି। ଆଗାମୀ ଦିନ ରେ ସହର ର ଆକର୍ଷଣ ସ୍ଥାନ ରେ କରାଯିବ ବୋଲି ବିଧାୟକ ଜଣାଇଛନ୍ତି, ସେଇ ଭଳି ସହର ର ପରିବେଶ କୁ ସଫା ରଖିବା ସହ ନାଳ ମରାମତି ଉପରେ ଧ୍ୟାନ ଦିଆଯିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକ ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀଙ୍କ ନେତୃ ରେ ଅନୁଷ୍ଠିତ ହୋଇଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନର ବ୍ୟାପକ ପ୍ରଚାର ପାଇଁ ବିଶେଷ ପଦକ୍ଷେପ



ଉଦଳା(ମହାଭାରତ): ଉଦଳା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଏହାର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ସହଯୋଗ କରିବା ପାଇଁ ଉପଖଣ୍ଡ ପ୍ରଶାସନ ତରଫରୁ ଉଦଳା ଅଟୋ ମାଲିକ ସଂଘକୁ ଅନୁରୋଧ କରାଯାଇଥିଲା । ପ୍ରଶାସନର ଅନୁରୋଧ ରକ୍ଷା କରି ଅଟୋ ମାଲିକ ସଂଘ ତରଫରୁ ପ୍ରାୟ ୬୦ ଗୋଟି ଅଟୋ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚାଇବା ପରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଅଟୋରେ ପୋଷ୍ଟର ଲଗାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଏବଂ ତତ୍ପରେ ଅଟୋ ଗୁଡ଼ିକ ଉଦଳା ସହରରୁ ତାଙ୍କର ବିଭିନ୍ନ ଗନ୍ତବ୍ୟ ସ୍ଥଳୀକୁ ବାହାରିଥିଲେ। ଅନୁରୂପ ଭାବେ ଉପଖଣ୍ଡ ପ୍ରଶାସନ ତରଫରୁ ଘରୋଇ ବସ ମାଲିକ ସଂଘଙ୍କୁ ମଧ୍ୟ ଏଥି ନିମନ୍ତେ ସହଯୋଗର ହାତ ବାଢ଼ିବା ପାଇଁ ଅନୁରୋଧ କରାଯାଇଥିଲା। ବସ ମାଲିକ ସଂଘ ତରଫରୁ ମଧ୍ୟ ପ୍ରାୟ ୪୦ ଗୋଟି ବସରେ ପୋଷ୍ଟର ମାରିବା କାର୍ଯ୍ୟକ୍ରମ ଆସନ୍ତାକାଲି ରଖା ଯାଇଛି ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଥିଲେ । ଡେ଼ପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଏବଂ ସହକାରୀ ଜିଲ୍ଲାପାଳଙ୍କ ପ୍ରବୀଣ କୁମାର ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରାଧାନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୂରଲୀଧର ଚନ୍ଦ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମାନସ ନାୟକ, ରାଉତରାୟ ମୁର୍ମୁ, ସତ୍ୟପ୍ରକାଶ ପାତ୍ର, ଅନୁଭବ ରାଉତ, ଶ୍ରୀତମ ମହାନ୍ତି, ତାପ:ସ ପ୍ରଧାନ, ତପୁରଞ୍ଜନ ପାତ୍ର, ଭବାନୀଶଙ୍କର ପଣ୍ଡା, ଇଭାନ ଦଳେଇ, ଦୁଷ୍ମନ୍ତ ନାଏକ ଏବଂ ଅନ୍ୟାନ୍ୟ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ। ।

## ଜିଲ୍ଲାପାଳଙ୍କ ଦ୍ୱାରା ଗ୍ରୀଷ୍ମ ଶିକ୍ଷା ଶିବିର ପରିଦର୍ଶନ

## ଦଶମ ପିଲାଙ୍କୁ ଦେଲେ ସଫଳତାର ମନ୍ତ୍ର



ମାଲକାନଗିରି,(ମହାଭାରତ) :ଶିକ୍ଷା କ୍ଷେତ୍ରରେ ବଡ଼ ସଂସ୍କାର ଓ ପିଲାଙ୍କ ମନୋବଳ ବଢ଼ାଇବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ ଶିର୍କେ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଚାଲିଥିବା ୨୦ଦିନିଆ ଦଶମ ଶ୍ରେଣୀ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଅନ୍ତର୍ଗତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ୍ୟଛାତ୍ରଛାତ୍ରୀଙ୍କ ସହ ସେ ସେମାନଙ୍କ ପାଠପଢ଼ା ଓ ଭବିଷ୍ୟତ ଲକ୍ଷ୍ୟ ବିଷୟରେ ସିଧାସଳଖ ଆଲୋଚନା କରିଥିଲେ। ଆଲୋଚନା ବେଳେ ପଢୁଥିବା ବିଷୟକୁ କେବଳ ଘୋଷିବା ପରିବର୍ତ୍ତେ ତାର୍କିକ ରୂପେ ବୁଝିବା ଓ ବର୍ତ୍ତମାନ ସମୟର ସଦୁପଯୋଗ କରିବାକୁ ଜିଲାପାଳ ଉପଦେଶ ଦେଇଥିଲେ। ଏଥିସହ ଦଶମ ଶ୍ରେଣୀ ପାଠକୁ ଟିକେ ଆଗୁଆ ସାରି ପରୀକ୍ଷା ପୂର୍ବରୁ ଅଭ୍ୟାସ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ସେ ସେଠାରେ ଉପସ୍ଥିତ ଶିକ୍ଷକ ଗଣଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।ଏହି ସ୍ପେଶାଲ ଭିଜିଟ୍ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାହୀରଥି ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରାଙ୍କ ସହ ପ୍ରଧାନ ଶିକ୍ଷକ ଈଶ୍ୱର ରାଓ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିଲ୍ଲାପାଳଙ୍କ ଏହି ହଠାତ ପରିଦର୍ଶନ ଓ ପ୍ରେରଣାଦାୟୀ ବାର୍ତ୍ତା ପରେ ଶିବିରରେ ଥିବା ପିଲାମାନଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି।

# ରୋଜଗାର ଦେଉଛି ଜାମୁକୋଳି



ବୈଶିଙ୍ଗା : ବର୍ଷା ଋତୁ ଆସିଲେ ଗାଁ ଗହଳିରେ ଜାମୁକୋଳିର ଚାହିଦା ବଢ଼ିଯାଏ। ଏହି ସମୟରେ ଛୋଟ ଛୋଟ ପିଲାମାନେ ଗାଁ ନିକଟସ୍ଥ ଜଙ୍ଗଲ ଓ ରାସ୍ତାକଡ଼ରେ ଥିବା ଜାମୁ ଗଛରୁ କୋଳି ସଂଗ୍ରହ କରି ବିକ୍ରି କରି ଭଲ ରୋଜଗାର କରୁଛନ୍ତି । ଏହି କ୍ରମରେ ସକାଳୁ ପାହିଲେ ବୈଶିଙ୍ଗା ବଜାର ମଧ୍ୟ ଦେଇ ଯାଇଥିବା ଓଭରବ୍ରିଜ ଦୁଇ ପାର୍ଶ୍ୱରେ ଦେଖିବାକୁ ମିଳୁଛି ଛୋଟଛୋଟ ପିଲା ମାନଙ୍କର ଜାମୁକୋଳି ପସରା। ଆଉ ତାକୁ କିଣିବାକୁ ଲୋକମାନଙ୍କ ଭିତରେ ବେଶ ଆଗ୍ରହ ବି ଦେଖିବାକୁ ମିଳୁଛି ।ସକାଳୁ ସକାଳୁ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ପରିବାରର ପିଲାମାନେ ଦଳବଦ୍ଧ ଭାବେ ବୈଶିଙ୍ଗା ଆଖପାଖ ଗାଁ ଗହଳି ଭିତରେ ଥିବା ଜାମୁ ଗଛ ନିକଟକୁ ଯାଇ ପାଚିଲା ଜାମୁକୋଳି ସଂଗ୍ରହ କରୁଛନ୍ତି। ପରେ ସେଗୁଡ଼ିକୁ ଛୋଟ ଛୋଟ ପାତ୍ର କିମ୍ବା ପଲିଥିନରେ ଭରି ସ୍ଥାନୀୟ ଦାହିବାଡି ହାଟ, ବୈଶିଙ୍ଗା ବଜାର ଓ ରାସ୍ତା କଡ଼ରେ ବିକ୍ରି କରୁଛନ୍ତି। ପ୍ରତିଦିନ ଜଣେ ପିଲା ୧୦୦ ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଦେଖାଯାଉଛି। ଏହି ଆୟରୁ ସେମାନେ ନିଜର ପାଠପଢ଼ା ସାମଗ୍ରୀ କିଣିବା ସହ ପରିବାରକୁ ମଧ୍ୟ ସହାୟତା କରୁଛନ୍ତି ବୋଲି କହିଛନ୍ତି ବୁଦ୍ଧିରାମ ସିଂୟ ଜାମୁକୋଳିର ଚାହିଦା ଅଧିକ ଥିବାରୁ ବିକ୍ରି ମଧ୍ୟ ସହଜରେ ହୋଇଯାଉଛି। ସେହିଭଳି ବିଗତ କିଛିଦିନ ଧରି ସ୍ଥାନୀୟ ଯୁବକ ରାଜୁ ସିଂ ମଧ୍ୟ ଭଲ ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି ବୋଲି କହିଛନ୍ତି। ବିଶେଷକରି ବୈଶିଙ୍ଗା ବଜାର ଓ ଆଖପାଖ ଗ୍ରାମ ହାଟରେ ଏହି ଫଳ ପ୍ରତି ଲୋକଙ୍କ ମଧ୍ୟରେ ଆକର୍ଷଣ ଅଧିକ ରହିଛି । ଅନ୍ୟପଟେ ମଧୁମେହ ଆକ୍ରାନ୍ତ ରୋଗୀ ମାନେ ଏହାକୁ ଆଗଭର ହୋଇ କିଣି ନେଉଥିବାର ମଧ୍ୟ ଦେଖିବାକୁ ମିଳୁଛି। ଯାହା ଫଳରେ ଜାମୁକୋଳି କେବଳ ଏକ ସୁସ୍ୱାଦୁ ଫଳ ନୁହେଁ, ବରଂ ସ୍ଥାନୀୟ ଅଞ୍ଚଳର ଯୁବକ ଓ ଛୋଟ ପିଲାମାନଙ୍କ ପାଇଁ ଏକ ଅସ୍ଥାୟୀ ରୋଜଗାରର ମାଧ୍ୟମ ପାଲଟିଛି। ଗ୍ରୀଷ୍ମ ଓ ବର୍ଷା ଋତୁରେ ଏହି ପ୍ରାକୃତିକ ସମ୍ପଦ ଅନେକ ପରିବାରର ଆର୍ଥିକ ସହାୟକ ଭାବେ କାମ କରୁଛି ।ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ଏଭଳି ଉଦ୍ୟମୀ ମନୋଭାବ ଛୋଟ ବୟସରୁ ପିଲାମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଓ ପରିଶ୍ରମର ମୂଲ୍ୟବୋଧ ସୃଷ୍ଟି କରୁଛି। ସେହିଭଳି ଜାମୁକୋଳି କେବଳ ଏକ ସ୍ୱାଦିଷ୍ଟ ଫଳ ନୁହେଁ, ବରଂ ଗ୍ରାମୀଣ ଯୁବକ ଓ ଚାଷୀମାନଙ୍କ ପାଇଁ ରୋଜଗାରର ଏକ ସଶକ୍ତ ମାଧ୍ୟମ । ସରକାରଙ୍କ ଦ୍ୱାରା ଯଥାର୍ଥ ପ୍ରୋତ୍ସାହନ ଓ ପରିଚାଳନା ମାଧ୍ୟମରେ ଜାମୁକୋଳି ଚାଷ ଆଗାମୀ ଦିନରେ ଆର୍ଥିକ ଉନ୍ନତିର ଏକ ପ୍ରମୁଖ ଆଧାର ହୋଇପାରିବ ବୋଲି କହିଛନ୍ତି ସ୍ଥାନୀୟ ଅଞ୍ଚଳର ଯୁବଚାଷୀ ମନୋଜ ଜେନା। ଓଡ଼ିଶାର ଅନ୍ୟ ସ୍ଥାନ ଭଳି ଯଦି ବେତନଟୀ ବ୍ଲକର ବିଭିନ୍ନ ସ୍ଥାନରେ ଜାମୁକୋଳି ଚାଷ ଓ ଏହାର ବିଭିନ୍ନ ଉତ୍ପାଦ ପ୍ରସ୍ତୁତି ଉପରେ ସରକାର ଓ ସ୍ଥାନୀୟ ଜନପ୍ରତିନିଧି ବିଶେଷ ଧ୍ୟାନ ଦିଅନ୍ତେ ତାହେଲେ ସ୍ଥାନୀୟ ଅନେକ ଲୋକଙ୍କ ପାଇଁ ରୋଜଗାରର ନୂଆ ଦ୍ୱାର ଖୋଲିଯିବ। ଜାମୁକୋଳି ଗଛ କମ୍ ଯତ୍ନରେ ବଢ଼ିଥାଏ ଏବଂ ଦୀର୍ଘ ବର୍ଷ ଧରି ଫଳ ଦେଇଥାଏ। ଏହାର ଫଳ ବଜାରରେ ଭଲ ଦରରେ ବିକ୍ରି ହେଉଥିବାରୁ ଚାଷୀମାନେ ଅଧିକ ଲାଭ ମଧ୍ୟ ପାଇବେୟ ଜାମୁକୋଳିରୁ ଜୁସ୍, ଜେଲି, ସ୍କ୍ୱାସ୍, ଜାମ୍, ଭିନେଗାର ଏବଂ ଔଷଧ ପ୍ରସ୍ତୁତ କରାଯାଉଥିବା ପ୍ରକ୍ରିୟାକରଣ ଶିଳ୍ପ ମାଧ୍ୟମରେ ଅନେକ ଯୁବକ ଓ ମହିଳା ସ୍ୱୟଂରୋଜଗାରର ସୁଯୋଗ ମଧ୍ୟ ପାଇବେ।

# ମହାରାଷ୍ଟ୍ରକୁ ଏବେ ଦରକାର ପଡ଼ିଲେଣି ପୁଅ, ଜାତୀୟ ହାର ତୁଳନାରେ ଝିଅଙ୍କ ସଂଖ୍ୟା ସର୍ବାଧିକ



ମହାରାଷ୍ଟ୍ର : ମହାରାଷ୍ଟ୍ରକୁ ଦେଶର ସବୁଠାରୁ ଧନୀ ଏବଂ ଆଧୁନିକ ରାଜ୍ୟମାନଙ୍କ ମଧ୍ୟରେ ଗଣାଯାଏ। ମୁମ୍ବାଇ ଏବଂ ପୁଣେ ଭଳି ଚକାଚକ୍ୟପୂର୍ଣ୍ଣ ସହର ଏହି ରାଜ୍ୟରେ ଅବସ୍ଥିତ। କିନ୍ତୁ ଏହି ମହାରାଷ୍ଟ୍ରର ଆଉ ଏକ ଚିତ୍ର ମଧ୍ୟ ରହିଛି। ଶିଶୁ ଜନ୍ମ ସମ୍ବନ୍ଧୀୟ ନୂତନ ସରକାରୀ ତଥ୍ୟ, ଅର୍ଥାତ୍ ଏସଆରଏସ୍ ରିପୋର୍ଟ, ରାଜ୍ୟର ଏକ ଅନ୍ଧକାର ଦିଗକୁ ସାମ୍ନାକୁ ଆଣିଛି। ତଥ୍ୟ ଅନୁଯାୟୀ, ୨୦୨୦ ରୁ ୨୦୨୨ ମଧ୍ୟରେ ମହାରାଷ୍ଟ୍ରରେ କନ୍ୟା ସନ୍ତାନଙ୍କ ଜନ୍ମ ହାର ଦେଶର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅନେକ କମ୍ ରହିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ପ୍ରତି ୧,୦୦୦ ପୁଅ ଶିଶୁ ଜନ୍ମରେ ମାତ୍ର ୮୯୯ କନ୍ୟା ଶିଶୁ ଜନ୍ମ ନେଇଛନ୍ତି। ଅନ୍ୟପଟେ, ସମଗ୍ର ଦେଶର ହାର ୯୧୮ ରହିଛି। ଏହି ତଥ୍ୟ ମହାରାଷ୍ଟ୍ର ବିଧାନସଭାରେ ମେ ମାସର ଶେଷ ସପ୍ତାହରେ ଉପସ୍ଥାପିତ ହୋଇଥିବା ରିପୋର୍ଟରୁ ସାମ୍ନାକୁ ଆସିଛି। ଅର୍ଥାତ୍, ଏତେ ଆର୍ଥିକ ଉନ୍ନତି ସତ୍ତ୍ୱେ ମଧ୍ୟ ମହାରାଷ୍ଟ୍ର ଏହି କ୍ଷେତ୍ରରେ ଜାତୀୟ ହାରଠାରୁ ଅନେକ ପଛରେ ରହିଛି। ଏହା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ସମାଜରେ ପୁଅ ଏବଂ ଝିଅଙ୍କ ମଧ୍ୟରେ ଭେଦଭାବ ଏବେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇନାହିଁ। ଏପରି ସ୍ଥିତି କାହିଁକି ସୃଷ୍ଟି ହୋଇଛି ? ଏହି ରିପୋର୍ଟରେ ଆମେ ବିଶେଷଜ୍ଞମାନଙ୍କ ମତାମତ ଜାଣିବା ସହ ପ୍ରଥମେ ଏହା ବୁଝିବାକୁ ଚେଷ୍ଟା କରିବା ଯେ ସରକାରୀ ତଥ୍ୟଗୁଡ଼ିକ ପ୍ରକୃତରେ କ'ଣ କହୁଛି। ଏହି ସମଗ୍ର ରିପୋର୍ଟରେ ସବୁଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ଓ ଚିନ୍ତାଜନକ ବିଷୟ ହେଉଛି ସହର ଏବଂ ଗ୍ରାମ ମଧ୍ୟରେ ଥିବା ପାର୍ଥକ୍ୟ। ସାଧାରଣତଃ ଆମେ ଭାବୁଥାଉ ଯେ ସହରର ଲୋକମାନେ ଅଧିକ ଶିକ୍ଷିତ, ସେଠାରେ ଆଧୁନିକ ସୁବିଧା ଅଧିକ ରହିଛି, ତେଣୁ କନ୍ୟା ସନ୍ତାନଙ୍କ ପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀ ମଧ୍ୟ ଅଧିକ ସକାରାତ୍ମକ ହେବ। କିନ୍ତୁ ସରକାରୀ ତଥ୍ୟ ଏହି ଧାରଣାକୁ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ କରିଛି। ମହାରାଷ୍ଟ୍ରର ଗ୍ରାମାଞ୍ଚଳରେ ସ୍ଥିତି ପୂର୍ବ ତୁଳନାରେ ଅନେକ ସୁଧାର ହୋଇଛି। ଗତ ଦଶକରେ ଯେଉଁଠାରେ ଗ୍ରାମାଞ୍ଚଳର ଲିଙ୍ଗାନୁପାତ ୮୮୮ ଥିଲା, ବର୍ତ୍ତମାନ ତାହା ସୁଧାରି ପ୍ରତି ୧,୦୦୦ ପୁଅ ଶିଶୁ ଜନ୍ମରେ ୯୧୦ କନ୍ୟା ଶିଶୁ ଜନ୍ମ ପର୍ଯ୍ୟନ୍ତ ପହଞ୍ଚିଛି। ଅର୍ଥାତ୍ ଗ୍ରାମାଞ୍ଚଳର ଲୋକଙ୍କ ମାନସିକତା ଧୀରେ ଧୀରେ ପରିବର୍ତ୍ତନ ହେଉଛି। କିନ୍ତୁ ଯେତେବେଳେ ଆମେ ଆଧୁନିକତା ଓ ଚକାଚକ୍ୟରେ ଭରିଥିବା ସହରଗୁଡ଼ିକୁ ଦେଖୁ, ସେଠାର ଚିତ୍ର ସମ୍ପୂର୍ଣ୍ଣ ବିପରୀତ ଦେଖାଯାଏ। ସହରାଞ୍ଚଳରେ ଏହି ଅନୁପାତ ସୁଧାରିବା ପରିବର୍ତ୍ତେ ଆହୁରି ଖରାପ ହୋଇଛି। ଗତ ଦଶକରେ ସହରଗୁଡ଼ିକରେ ପ୍ରତି ୧,୦୦୦ ପୁଅ ଶିଶୁ ଜନ୍ମରେ ୯୦୮ କନ୍ୟା ଶିଶୁ ଜନ୍ମ ହେଉଥିଲା, କିନ୍ତୁ ବର୍ତ୍ତମାନ ଏହି ସଂଖ୍ୟା ଚିନ୍ତାଜନକ ଭାବରେ ହ୍ରାସ ପାଇ ମାତ୍ର ୮୮୫ରେ ପହଞ୍ଚିଛି। ଅର୍ଥାତ୍ ଆର୍ଥିକ ଉନ୍ନତି, ଉଚ୍ଚ ଶିକ୍ଷା ଏବଂ ଆଧୁନିକ ଜୀବନଶୈଳୀ ସତ୍ତ୍ୱେ ମଧ୍ୟ ସହରାଞ୍ଚଳରେ କନ୍ୟା ସନ୍ତାନଙ୍କ ପ୍ରତି ଭେଦଭାବ ଗ୍ରାମାଞ୍ଚଳ ତୁଳନାରେ ଅଧିକ ଗମ୍ଭୀର ରୂପ ନେଉଥିବା ପ୍ରତୀତ ହେଉଛି। ଏହି ତଥ୍ୟ କେବଳ ସାମାଜିକ ମାନସିକତା ଉପରେ ପ୍ରଶ୍ନ ଉଠାଏ ନାହିଁ, ବରଂ ଏହା ମଧ୍ୟ ସୂଚାଇଥାଏ ଯେ ଆଧୁନିକତା ସବୁବେଳେ ସାମାଜିକ ସମାନତାର ଗ୍ୟାରେଣ୍ଟି ନୁହେଁ। ମହାରାଷ୍ଟ୍ରର ସ୍ଥିତିକୁ ବୁଝିବା ପାଇଁ ଯେତେବେଳେ ଆମେ ଦେଶର ଅନ୍ୟ ବଡ଼ ରାଜ୍ୟଗୁଡ଼ିକର ତଥ୍ୟ ଉପରେ ନଜର ପକାଉ, ସେତେବେଳେ ଜଣାପଡ଼େ ଯେ ଆର୍ଥିକ ଭାବେ ପଛୁଆ ବୋଲି ଗଣାଯାଉଥିବା କିଛି ରାଜ୍ୟ ଏହି କ୍ଷେତ୍ରରେ ବହୁତ ଭଲ କାମ କରିଛନ୍ତି। ସବୁଠାରୁ ଉପରେ ରହିଛି ଛତିଶଗଡ଼, ଯେଉଁଠାରେ ପ୍ରତି ୧,୦୦୦ ପୁଅ ଶିଶୁ ଜନ୍ମରେ ୯୭୮ କନ୍ୟା ଶିଶୁ ଜନ୍ମ ନେଇଛନ୍ତି। ଏହାର ଠିକ୍ ପଛକୁ ରହିଛି କେରଳ, ଯେଉଁଠାରେ ଏହି ଅନୁପାତ ୯୭୪ ରହିଛି। ଛତିଶଗଡ଼ ଏବଂ କେରଳ ଭଳି ରାଜ୍ୟଗୁଡ଼ିକଠାରୁ ମହାରାଷ୍ଟ୍ରକୁ ବହୁତ କିଛି ଶିଖିବାର ଆବଶ୍ୟକତା ରହିଛି। କାରଣ ଆର୍ଥିକ ବିକାଶରେ ଆଗରେ ଥିଲେ ମଧ୍ୟ କନ୍ୟା ସନ୍ତାନଙ୍କୁ ସୁରକ୍ଷା ଦେବା ଏବଂ ଲିଙ୍ଗ ସନ୍ତୁଳନ ବଜାୟ ରଖିବା କ୍ଷେତ୍ରରେ ମହାରାଷ୍ଟ୍ର ପଛରେ ପଡ଼ି ଯାଇଛି। ଅନ୍ୟପଟେ, ଉତ୍ତରାଖଣ୍ଡର ସ୍ଥିତି ସମଗ୍ର ଦେଶରେ ସବୁଠାରୁ ଅଧିକ ଚିନ୍ତାଜନକ। ସେଠାରେ ଜନ୍ମ ସମୟରେ ଲିଙ୍ଗାନୁପାତ ହ୍ରାସ ପାଇ ମାତ୍ର ୮୭୨ରେ ପହଞ୍ଚିଛି, ଯାହା ଦେଶରେ ସବୁଠାରୁ କମ୍। ଏହା ବ୍ୟତୀତ ହରିଆଣାରେ ଏହି ହାର ୮୮୫ ଏବଂ ଦିଲ୍ଲୀରେ ୮୭୬ ରହିଛି, ଯାହା ମଧ୍ୟ ଗଭୀର ଚିନ୍ତାର ବିଷୟ। ଏହି ସମଗ୍ର ପ୍ରବୃତ୍ତିକୁ ନେଇ ଯେତେବେଳେ ଦେଶର ପ୍ରଖ୍ୟାତ ଅର୍ଥନୀତିଜ୍ଞ, ଲେଖିକା ଏବଂ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସର ପୂର୍ବତନ ପ୍ରଫେସର ବନ୍ଦନା ସୋନାଲକରଙ୍କ ସହ ଆଲୋଚନା କରାଯାଇଥିଲା, ସେ ଏହି କଠୋର ବାସ୍ତବତା ଉପରୁ ପରଦା ହଟାଇଥିଲେ। ପ୍ରଫେସର ସୋନାଲକରଙ୍କ କହିବା ଅନୁସାରେ, "ମହାରାଷ୍ଟ୍ରର ଏହି ପ୍ରବୃତ୍ତି କୌଣସି ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ।" ସେ କହିଛନ୍ତି ଯେ ଆର୍ଥିକ ଭାବେ ସମୃଦ୍ଧ ଏବଂ ସହରୀକୃତ ଅଞ୍ଚଳଗୁଡ଼ିକରେ ଲିଙ୍ଗ ନିର୍ଣ୍ଣୟ ପ୍ରଯୁକ୍ତିର ଅଧିକ ପହଞ୍ଚ ଥିବାରୁ ଅନେକ ସମୟରେ କନ୍ୟା ଭ୍ରୂଣ ନଷ୍ଟ ହେବାର ଘଟଣା ବଢ଼ିଯାଏ। ଏହା ଫଳରେ ଜନ୍ମ ସମୟରେ ଲିଙ୍ଗାନୁପାତ ଅସ୍ୱାଭାବିକ ଭାବେ କମିଯାଏ। ସେମାନଙ୍କ ମତରେ, ସମସ୍ୟା କେବଳ ଦାରିଦ୍ର୍ୟ କିମ୍ବା ଅଶିକ୍ଷା ନୁହେଁ, ବରଂ ସମାଜରେ ଏବେ ମଧ୍ୟ ରହିଥିବା 'ପୁଅ ପ୍ରାଧାନ୍ୟ' ମାନସିକତା ଏହାର ମୂଳ କାରଣ। ଯେପର୍ଯ୍ୟନ୍ତ ଏହି ମାନସିକତା ବଦଳିବ ନାହିଁ, ସେପର୍ଯ୍ୟନ୍ତ କେବଳ ଆର୍ଥିକ ବିକାଶ ଦ୍ୱାରା ଏହି ସମସ୍ୟାର ସମାଧାନ ସମ୍ଭବ ନୁହେଁ। ଯଦିଓ ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ, ତଥାପି ବାସ୍ତବତା ହେଉଛି ଯେ ଏହି ଅବୈଧ କାର୍ଯ୍ୟରେ କିଛି ଡାକ୍ତର ମଧ୍ୟ ସିଧାସଳଖ ଭାବେ ଜଡ଼ିତ ଥିବାର ଅଭିଯୋଗ ରହିଛି। ଲିଙ୍ଗ ନିର୍ଣ୍ଣୟ ପରୀକ୍ଷା ଏବଂ କନ୍ୟା ଭ୍ରୂଣ ନଷ୍ଟ କରିବା ଆଇନ ଅନୁଯାୟୀ ଅପରାଧ ହୋଇଥିଲେ ମଧ୍ୟ, ଏହି ପ୍ରଥା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ। ସରକାରୀ ରିପୋର୍ଟ ଅନୁଯାୟୀ, ମହାରାଷ୍ଟ୍ରରେ ବର୍ତ୍ତମାନ ଲୋକମାନେ ଛୋଟ ପରିବାର ନୀତିକୁ ଅଧିକ ଗ୍ରହଣ କରୁଛନ୍ତି। ରାଜ୍ୟର ଟୋଟାଲ ଫର୍ଟିଲିଟି ରେଟ୍ ବର୍ତ୍ତମାନ ୧.୫କୁ ଖସି ଆସିଛି। ଏହାର ସରଳ ଅର୍ଥ ହେଉଛି, ବର୍ତ୍ତମାନ ଜଣେ ମହିଳା ହାରାହାରି ଏକ କିମ୍ବା ଦୁଇଟି ସନ୍ତାନକୁ ଜନ୍ମ ଦେଉଛନ୍ତି। ଅଥଚ ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଏହି ହାର ୨.୧ ହେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଥାନ୍ତି।

ଜନସଂଖ୍ୟା ବିଶେଷଜ୍ଞଙ୍କ ମତରେ, ଏଠାରେ ଏକ ନୂଆ ସାମାଜିକ ସମସ୍ୟା ସୃଷ୍ଟି ହେଉଛି। ଲୋକମାନେ ପରିବାରକୁ ଛୋଟ ରଖିବାକୁ ଚାହୁଁଛନ୍ତି, କିନ୍ତୁ ସେହି ସମୟରେ ତାଙ୍କ ମନରେ "ଅତି କମରେ ଗୋଟିଏ ପୁଅ ହେବା ନିଶ୍ଚିତ" ବୋଲି ଧାରଣା ମଧ୍ୟ ରହିଛି। ଫଳସ୍ୱରୂପ, ପରିବାରର ସନ୍ତାନ ସଂଖ୍ୟା କମିବା ସହିତ କନ୍ୟା ସନ୍ତାନଙ୍କ ଜନ୍ମ ହାର ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି। ଆଧୁନିକ ଚିକିତ୍ସା ପ୍ରଯୁକ୍ତିର ଦୁରୁପଯୋଗ ଏବଂ ପୁଅ ପ୍ରତି ସାମାଜିକ ପକ୍ଷପାତ ମିଶି ଏହି ସମସ୍ୟାକୁ ଆହୁରି ଗମ୍ଭୀର କରୁଛି। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଏହା କେବଳ ଜନସଂଖ୍ୟା କିମ୍ବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ନୁହେଁ, ବରଂ ଏହା ଗଭୀର ସାମାଜିକ ମାନସିକତା ସହ ଜଡ଼ିତ ଏକ ପ୍ରଶ୍ନ। ଯେପର୍ଯ୍ୟନ୍ତ ପୁଅ ଏବଂ ଝିଅଙ୍କୁ ସମାନ ଦୃଷ୍ଟିରେ ଦେଖିବାର ମାନସିକତା ବିକଶିତ ହେବ ନାହିଁ, ସେପର୍ଯ୍ୟନ୍ତ କେବଳ ଆଇନ କିମ୍ବା ଆର୍ଥିକ ବିକାଶ ଦ୍ୱାରା ଏହି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ହେବ ନାହିଁ।

# ବିଜେପିରୁ ଇସ୍ତଫା ପରେ ନୂଆ ଦଳ ଗଢିବେ ଅନ୍ନାମଲାଇ, ତାମିଲନାଡୁରେ ଆଗାମୀ ବିଧାନସଭା ନିର୍ବାଚନରେ ଦେବ ପ୍ରାର୍ଥୀ

ଚେନ୍ନାଇ : ତାମିଲନାଡୁ ରାଜନୀତିରେ ବଡ଼ ବିସ୍ଫୋରଣ। ବିଜେପିରୁ ଇସ୍ତଫା ଦେବା ପରେ ନୂଆ ଆଞ୍ଚଳିକ ଦଳ ଗଢିବା ପାଇଁ କହିଛନ୍ତି ଅନ୍ନାମଲାଇ। ଅନ୍ନାମଲାଇ ପ୍ରେସ କନଫରେନ୍ସ କରି ନିଜର ଭବିଷ୍ୟ ବିଷୟରେ କହିଛନ୍ତି। ବିଜେପିରୁ ଇସ୍ତଫା ଦେବା ପରେ କେ ଅନ୍ନାମଲାଇ କହିଛନ୍ତି, ମୁଁ ବିଜେପିରୁ ଇସ୍ତଫା ଦେଇଛି। ଆଜିଠାରୁ ନୂଆ ଯାତ୍ରା ଆରମ୍ଭ ହେବ। ୪ ଡିସେମ୍ବର ୨୦୨୫ରେ ଇସ୍ତଫା ଦେବାକୁ ଦଳକୁ ଜଣାଇଥିଲେ। ନିର୍ବାଚନ ଶେଷ ହେବା ପରେ ବିଜେପି ଯିବାକୁ କହିଥିଲା। ଆମର ରାଜନୈତିକ ଦଳ ତାମିଲନାଡୁରେ ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି କହିଛନ୍ତି ଅନ୍ନାମଲାଇ। ବିଜେପି ଜାତୀୟ ସଭାପତି ନିତିନ ନବୀନ ତାଙ୍କର ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ଅନ୍ନାମଲାଇ କହିଛନ୍ତି ଯେ, ରାଜନୈତିକ ଲକ୍ଷ୍ୟ ଏବେ ପୂର୍ବ ଅପେକ୍ଷା ବହୁତ ବଡ଼ ହୋଇଯାଇଛି। ଲୋକଙ୍କୁ ସାଥୀରେ ନେଇ ଆଗକୁ ବଢିବାକୁ ହେବ। ବିଜେପିରେ ଥିବା ସମୟରେ ସେ କେବେ ତାମିଲନାଡୁର ପରିଚୟ, ସଂସ୍କୃତି ଏବଂ ରାଜ୍ୟର ଜଳ ଅଧିକାର ଭଳି ପ୍ରସଙ୍ଗରେ ସାଲିସ୍ କରିନାହାଁନ୍ତି। ବହୁତ ଭାବିଚିନ୍ତି ବିଜେପି ଛାଡ଼ିବା ନିଷ୍ପତ୍ତି ନେଇଛି। ୨୦୨୦-୨୧ ମସିହାରେ ବିଜେପିରେ ଯୋଗଦେବା ପରେ ଅନ୍ନାମଲାଇ ଅତି କମ୍ ସମୟ ମଧ୍ୟରେ ରାଜ୍ୟରେ ଦଳର ସବୁଠାରୁ ଜନପ୍ରିୟ ଓ ପ୍ରଭାବଶାଳୀ ନେତା ହୋଇଥିଲେ। ଗତ ଜୁନ୍ ୨ ତାରିଖରେ ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଜାତୀୟ ସଭାପତି ନୀତିନ ନବୀନ ଏବଂ ବି.ଏଲ୍. ସନ୍ତୋଷଙ୍କ ଭଳି ଶୀର୍ଷ ନେତୃତ୍ୱଙ୍କ ସହ ଦୀର୍ଘ ଆଲୋଚନା କରିବା ପରେ ସେ ନିଜର ଇସ୍ତଫା ପତ୍ର ଦେଇଥିଲେ। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜେପିର ଆଶାନୁରୂପ ପ୍ରଦର୍ଶନ ହୋଇନପାରିବା ଏବଂ ଏଆଇଏଡିଏମକେ ସହ ମେଣ୍ଟକୁ ନେଇ ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ତାଙ୍କର ମତଭେଦ ରହିଥିଲା। ଆନ୍ନାମଲାଇ ତାମିଲନାଡୁରେ ବିଜେପିକୁ କୌଣସି ଆଞ୍ଚଳିକ ଦଳର ସାହାରା ନନେଇ ସ୍ୱତନ୍ତ୍ର ଭାବେ ଗଢ଼ିବାକୁ ଚାହୁଁଥିଲେ, ଯାହାକୁ ନେଇ ଦଳ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଚାଲିଥିଲା। ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ତୀବ୍ର ହେଉଛି ଆନ୍ଦୋଳନ ! କକ୍ରୋଚ ଜନତା ପାର୍ଟି (ସିଜେପି) ଶନିବାର ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ବଡ଼ଧରଣର ଆନ୍ଦୋଳନ କରିବାକୁ ଘୋଷଣା କରିଥିବାବେଳେ ସଙ୍ଗଠନ ପ୍ରତି ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କଙ୍କ ସମର୍ଥନ ବଢ଼ିବାରେ ଲାଗିଛି।

# ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ତୀବ୍ର ହେଉଛି ଆନ୍ଦୋଳନ !

ନୂଆଦିଲ୍ଲୀ : କକ୍ରୋଚ ଜନତା ପାର୍ଟି (ସିଜେପି) ଶନିବାର ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ବଡ଼ଧରଣର ଆନ୍ଦୋଳନ କରିବାକୁ ଘୋଷଣା କରିଥିବାବେଳେ ସଙ୍ଗଠନ ପ୍ରତି ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କଙ୍କ ସମର୍ଥନ ବଢ଼ିବାରେ ଲାଗିଛି। ଆସନ୍ତାକାଲିର ଆନ୍ଦୋଳନ ପାଇଁ ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପ୍ କେ ଆମେରିକାରୁ ନୂଆଦିଲ୍ଲୀ ଅଭିମୁଖେ ତାଙ୍କ ଯାତ୍ରା ଆରମ୍ଭ କରିଛନ୍ତି। ନିଟ୍ ୨୦୨୬ ପ୍ରଶ୍ନପତ୍ର ଲିକ୍ ଓ ସିବିଏସ୍‌ଇ ପରୀକ୍ଷା ତ୍ରୁଟିକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଡକାଯାଇଛି। ସିଜେପିକୁ ସମର୍ଥନ ଜଣାଇଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ପରିବେଶ କର୍ମୀ ତଥା ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକ୍, ଅଭିନେତା ପ୍ରକାଶ ରାଜ ଓ ଶିବସେନା ନେତା ଆଦିତ୍ୟ ଠାକ୍‌ରେ ଅଛନ୍ତି। ଜୁନ୍ ୫ ତାରିଖ ସୁଦ୍ଧା ଯଦି ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦିଅନ୍ତି ତାହାହେଲେ ସେ ଜୁନ୍ ୬ ତାରିଖରେ ଦିଲ୍ଲୀର ଯନ୍ତରମନ୍ତଠୋରେ ଆନ୍ଦୋଳନରେ ଯୋଗ ଦେବେ ବୋଲି ୱାଙ୍ଗଚୁକ୍ ଘୋଷଣା କରିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାର ଅବସ୍ଥା ଓ ଦେଶରେ ଯେଉଁ ଭାବେ ଶିକ୍ଷା ସଂସ୍କାର ଲାଗୁ କରାଯାଉଛି ସେ ବିରୋଧରେ ସେ ଆନ୍ଦୋଳନରେ ଯୋଗଦେବେ ବୋଲି କହିଛନ୍ତି। ସିଜେପି ୱାଙ୍ଗଚୁକ୍‌ଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛି। ଅଭିନେତା ପ୍ରକାଶ ରାଜ ଆନ୍ଦୋଳନକୁ ତାଙ୍କର ସମର୍ଥନ ଘୋଷଣା କରିଛନ୍ତି। 'ଏକ୍ସ'ରେ ଏକ ପୋଷ୍ଟ କରି ପ୍ରକାଶ ରାଜ କହିଛନ୍ତି, ଫିଲ୍ମ ସୁଟିଂରେ ବ୍ୟସ୍ତ ଥିବା ସତ୍ତ୍ୱେ ସେ ଦିଲ୍ଲୀରେ ଶନିବାର ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକ୍‌ରେ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଠାକରେ କହିଛନ୍ତି, ସେମାନେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଚାହୁଁଛନ୍ତି। ନିଟ୍-ୟୁଜି ଓ ସିବିଏସ୍‌ଇ ବିବାଦ ପ୍ରଶାସନିକ ଶୂନ୍ୟତା ଓ ମନ୍ତ୍ରୀଙ୍କ ଦାୟିତ୍ୱହୀନତାର ଅଭାବକୁ ଦର୍ଶାଉଛି। ଏହାପୂର୍ବରୁ 'ଏକ୍ସ'ରେ ପୋଷ୍ଟ କରି ଦୀପକେ ଆନ୍ଦୋଳନ ପାଇଁ ଭାରତ ଆସୁଥିବା ଘୋଷଣା କରିଛନ୍ତି। ସମର୍ଥକମାନଙ୍କୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ପରିବର୍ତ୍ତେ ଯନ୍ତରମନ୍ତରକୁ ଆସିବାକୁ ସିଜେପି ନିବେଦନ କରିଛି। ବହୁସଂଖ୍ୟକ ସମର୍ଥକ ବିମାନ ବନ୍ଦରରେ ପହଞ୍ଚି ଦୀପ୍ ?କେଙ୍କୁ ସ୍ୱାଗତ କରିବା ସହିତ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବାକୁ ଆଗ୍ରହ ବ୍ୟକ୍ତ କରିଥିବାରୁ ଦଳ ଏହାର ଯୋଜନାରେ ପରିବର୍ତ୍ତନ କରିଛି। ତୃଣମୂଳ କଂଗ୍ରେସର ମହୁଆ ମୋଇତ୍ରା ଓ କୀର୍ତ୍ତି ଆଜାଦଙ୍କ ଭଳି ବିରୋଧୀ ଦଳ ନେତାମାନେ ମଧ୍ୟ ସିଜେପିକୁ ସମର୍ଥନ କରିଥିଲେ। ପାନିପତର ଓକିଲ ସୁଧୀର ଜାଖର ନିଜକୁ ସିଜେପିର ସଭାପତି ଦାବି କରୁଛନ୍ତି ଓ ଯନ୍ତର ମନ୍ତରଠାରେ ଦୀପକେଙ୍କ ପ୍ରତିବାଦକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କୁରୁକ୍ଷେତ୍ରରେ କୃଷକ ନେତା ଗୁରନାମ ସିଂହ ଚାରୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ସିଜେପିର ପ୍ରତିବାଦକୁ ସମର୍ଥନ କରିବାର ନିଷ୍ପତ୍ତି ନିଆଯାଇଛି।

# ମଣିପୁରରେ ପୁଣି ହିଂସାକାଣ୍ଡ; ମହିଳାଙ୍କ ସମେତ ୩ ମୃତ, ଏକାଧିକ ଘର ପୋଡ଼ି ପାଉଁଶ

ମଣିପୁର : କ୍ରମାଗତ ଜାତିଗତ ହିଂସା ମଧ୍ୟରେ ଗତି କରୁଥିବା ମଣିପୁରର କାଙ୍ଗପୋକପି ଜିଲ୍ଲାରେ ଶୁକ୍ରବାର ଭୋର ସମୟରେ ପୁଣି ଥରେ ଭୟାବହ ରକ୍ତପାତ ଦେଖିବାକୁ ମିଳିଛି। ନ୍ୟୁ କେଥେଲମାନବି ଅଞ୍ଚଳ ଅଧୀନରେ ଥିବା ଲୋଇବୋଲ୍ ଗ୍ରାମ ଉପରେ କିଛି ଅଜ୍ଞାତ ସଶସ୍ତ୍ର ଆକ୍ରମଣକାରୀ ଅତି ନିର୍ମମ ଭାବେ ପ୍ରାଣଘାତୀ ଆକ୍ରମଣ କରିବା ଯୋଗୁଁ ୩ ଜଣ ଗ୍ରାମବାସୀଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଘର ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୪ଟା ୧୦ ମିନିଟ୍ ସମୟରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏହି ଦୁର୍ବୃତ୍ତମାନେ ଗ୍ରାମକୁ ଘେରିଯାଇ ଆଖିବୁଜା ଗୁଳିଚାଳନା କରିଥିଲେ, ଯାହାଫଳରେ ଶୋଇଥିବା ଗ୍ରାମବାସୀଙ୍କ ମଧ୍ୟରେ ପ୍ରାଣବିକଳରେ ଆତଙ୍କ ଖେଳିଯାଇଥିଲା। ଗୁଳିମାଡ଼ କରିବା ସହିତ ଆକ୍ରମଣକାରୀମାନେ ଗ୍ରାମର ଅନେକ ଘରକୁ ନିଆଁ ଲଗାଇ ବ୍ୟାପକ ସମ୍ପତ୍ତି ନଷ୍ଟ କରିଛନ୍ତି। ସଶସ୍ତ୍ର ଉଗ୍ରବାଦୀଙ୍କ ଏହି ବର୍ବର ଆକ୍ରମଣରେ ପ୍ରାଣ ହରାଇଥିବା ୩ ଜଣ ପୀଡ଼ିତଙ୍କୁ ଲେଟଖୋଙ୍ଗାମ ହାଓକିପ୍, ଟିନମାରୀ ହାଓକିପ୍ ଏବଂ ଜାଙ୍ଗମିନଲାଲ୍ ହାଓକିପ୍ ଭାବେ ଚିହ୍ନଟ କରାଯାଇଛି। ଆକ୍ରମଣ ସମୟରେ ହିଁ ଏହି ତିନିଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏହି ଘଟଣା ସମଗ୍ର ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଶୋକ ଓ ଅସନ୍ତୋଷ ସୃଷ୍ଟି କରିଛି।

# ବଢ଼ିବ ଦରଦାମ୍, କମିବ ବିକାଶର ଗତି

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସୃଷ୍ଟି ହୋଇଥିବା ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଗୁରୁତ୍ୱପୂର୍ଣ୍ଣ ସୁଧ ହାର ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଛଅ ଜଣିଆ ମୁଦ୍ରାନୀତି କମିଟି ବ୍ୟାପକ ମାନସମନ୍ଥନ କରିବା ପରେ ସୁଧକୁ ସ୍ଥିର ରଖିଛି। ଏହା ଘର, ଗାଡ଼ି ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଋଣ ନେଇଥିବା ଗ୍ରାହକଙ୍କ ନିମନ୍ତେ ଏକ ବଡ଼ ଆଶ୍ୱସ୍ତି। ସେମାନଙ୍କ ଋଣର ମାସିକ କିସ୍ତି ବା ଇଏମ୍ଆଇରେ କୌଣସି ବୃଦ୍ଧି ହେବ ନାହିଁ। ଆଜି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶ୍ରୀ ମଲହୋତ୍ରାଙ୍କ କିଛି ତଥ୍ୟ କିନ୍ତୁ ଚିନ୍ତାଜନକ ମନେ ହେଉଛି। ସେ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶର ଗତି ଧିମା ହୋଇଯିବ। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬.୬ ପ୍ରତିଶତକୁ ହ୍ରାସ ପାଇବ। ପୂର୍ବରୁ ଏହା କହିଥିଲା ଯେ ଅଭିବୃଦ୍ଧି ୬.୯ ପ୍ରତିଶତ ହେବ। ଯୁଦ୍ଧ ପାଇଁ ଏହା ନିଜର ପୂର୍ବ ଆକଳନ ହ୍ରାସ କରିବାକୁ ବାଧ୍ୟ ହୋଇଛି। ଅର୍ଥନୀତିକୁ ଡବଲ୍ ଟଙ୍କା ମିଳିବ। କେବଳ ଅଭିବୃଦ୍ଧି କମିବ ନାହିଁ, ଅନ୍ୟ ପଟେ ଦରଦାମ୍ ମଧ୍ୟ ବେଲଗାମ ହୋଇପଡ଼ିବ। ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ୪ ପ୍ରତିଶତର ସୀମାରେଖା ଡେଇଁ ୫ ପ୍ରତିଶତରୁ ଅଧିକ ହୋଇଯିବ ବୋଲି ମଧ୍ୟ ଆକଳନ କରାଯାଇଛି। ଶ୍ରୀ ମଲହୋତ୍ରା କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧକୁ ନେଇ ଅନିଶ୍ଚିତତା ରହିଛି। ତାହାର ପ୍ରଭାବ ଓ ଯୋଗାଣ ଶୃଙ୍ଖଳା ସ୍ୱାଭାବିକ ହେବାର ସମ୍ଭାବନାକୁ ଆଧାର କରି ମୁଦ୍ରାନୀତି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦେଶରୁ ଲାଗାତାର ଭାବେ ପାଣ୍ଠି ପ୍ରତ୍ୟାହାର କରୁଥିବା ବିଦେଶୀ ନିବେଶକମାନଙ୍କୁ ଶାନ୍ତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସରକାରୀ ପ୍ରତିଭୂତି ଉପରେ ବିଦେଶୀ ନିବେଶକମାନଙ୍କ ଲାଗି ଲଗାଯାଇଥିବା ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସକୁ ହଟାଇ ଦିଆଯାଇଛି। କେବଳ ସେତିକି ନୁହେଁ, ଅଧିକ ବିଦେଶୀ ପାଣ୍ଠି ଆଣିବା ପଥକୁ ସୁଗମ କରିବା ପାଇଁ ଅଣ ପ୍ରବାସୀ ଭାରତୀୟ, ବିଦେଶରେ ରହୁଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଇକ୍ୱିଟିରେ ନିବେଶ ସୀମାକୁ ବୃଦ୍ଧି କରାଯାଇଛି।

# ଦିଲ୍ଲୀ ଅଗ୍ନିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଲଭକେଶ ବଜାଜ ଫେରାର ! ଚମକଦାର କଳାକାରନାମା ଫାସ୍



ନୂଆଦିଲ୍ଲୀ : ଦିଲ୍ଲୀର ମାଲଭିୟ ନଗରସ୍ଥିତ ''ଫ୍ଲୋରିଶ୍ ଷ୍ଟେ'' ବେଡ୍-ଏଣ୍ଡ- ବ୍ରେକଫାଷ୍ଟ ହୋଟେଲରେ ବୁଧବାର ଘଟିଥିବା ଭୟାବହ ଅଗ୍ନିକାଣ୍ଡ ମାମଲାରେ ଏକ ବଡ଼ ଖୁଲାସା ହୋଇଛି। ଏହି ଦୁର୍ଘଟଣାରେ ୧୨ ଜଣ ବିଦେଶୀ ନାଗରିକଙ୍କ ସମେତ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହୋଟେଲର ୬୦ ବର୍ଷୀୟ ମାଲିକ ଲଭକେଶ୍ ବଜାଜ୍ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଜଣାପଡ଼ିଛି। ବଜାଜକୁ ପୂର୍ବରୁ ୨୦୨୫ ମସିହାରେ ଦିଲ୍ଲୀ ପୋଲିସ ବାଂଲାଦେଶୀ ନାଗରିକମାନଙ୍କୁ ଭାରତରେ ବେଆଇନ ଭାବେ ରଖିବା ପାଇଁ ନକଲି ପାସପୋର୍ଟ ଏବଂ ଅନ୍ୟାନ୍ୟ ଜାଲ୍ ପରିଚୟପତ୍ର ଯୋଗାଇବା ଅଭିଯୋଗରେ ଗିରଫ କରିଥିଲା। ସେହି ସମୟରେ ପାହାରଗଞ୍ଜ ଅଞ୍ଚଳରେ ରହୁଥିବା ଏକ ବାଂଲାଦେଶୀ ପରିବାର ପାଖରୁ ଜାଲ୍ ଦଲିଲ୍ ଜବତ ହୋଇଥିଲା ଏବଂ ଅଭିଯୁକ୍ତ ମହିଳାର ନକଲି ପାସପୋର୍ଟରେ ବଜାଜର ଛତରପୁର ଏନକ୍ଲେଭ୍ ଠିକଣା ବ୍ୟବହାର କରାଯାଇଥିଲା। ଟଙ୍କା ବଦଳରେ ସେ ଏହି ବେଆଇନ କାର୍ଯ୍ୟ କରିଥିବା ସ୍ୱୀକାର କରିବା ପରେ ତାକୁ ତିହାର ଜେଲକୁ ପଠାଯାଇଥିଲା, ଯେଉଁଠାରୁ ସେ ୧୫ ଦିନ ପରେ ବେଲରେ ଆସିଥିଲା ଏବଂ ଏହି ମାମଲା ଏବେ ମଧ୍ୟ କୋର୍ଟରେ ବିଚାରାଧୀନ ରହିଛି। ଏବେ ହୋଟେଲ ଅଗ୍ନିକାଣ୍ଡ ପରେ ବଜାଜ୍ ପୁଣି ଥରେ ପୋଲିସ ହେପାଜତରେ ଅଛି। ବୁଧବାର ରାତିରେ ପୋଲିସ ଜେରା ବେଳେ ସେ ସ୍ୱୀକାର କରିଛି ଯେ, ହୋଟେଲରେ ନିଆଁ ଲାଗିଥିବା ଏବଂ ଭିତରେ ଲୋକେ ଫସି ରହିଥିବା ଦେଖି ମଧ୍ୟ ସେ ସେମାନଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଭୟରେ ସେଠାରୁ ନିଜ ଗାଡ଼ି ନେଇ ଫେରାର ହୋଇଯାଇଥିଲା। ବଜାଜର ଦୁଇ ସନ୍ତାନ ବିଦେଶରେ ରହୁଥିବାରୁ ସେ ଦେଶ ଛାଡ଼ି ପଳାଇବା ଆଶଙ୍କାରେ ପୋଲିସ ତା'ର ଓ ତା' ପତ୍ନୀଙ୍କ ବିରୋଧରେ ଲୁକଆଉଟ୍ ସାର୍କୁଲାର୍ ଜାରି କରିବା ପ୍ରକ୍ରିୟା ଆରମ୍ଭ କରିଥିଲା ଏବଂ ଦୁର୍ଘଟଣାର ମାତ୍ର କେଇ ଘଣ୍ଟା ମଧ୍ୟରେ ତାକୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ମାସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଶର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସବୁଠାରୁ ସାଙ୍ଘାତିକ କଥା ହେଉଛି, ଏହି ହୋଟେଲ୍ ପାଖରେ କୌଣସି ବୈଧ ଫାୟାର୍ ଏନଓସି ନଥିଲା।

# ନୋଟ୍ ଛପା ଖର୍ଚ୍ଚ କମାଇବାକୁ ଆରବିଆଇର ବଡ଼ ପ୍ଲାନ୍, ଖୁବଶୀଘ୍ର ଚାଲିବ ପଲିମର ନୋଟ୍

ନୂଆଦିଲ୍ଲୀ : ଦେଶରେ ଖୁବଶୀଘ୍ର ଚାଲିବ ପଲିମର ନୋଟ୍। ପାଇଲଟ୍ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ନୋଟ୍ ଛପା ଖର୍ଚ୍ଚ କମାଇବାକୁ ଆରବିଆଇର ବଡ଼ ପ୍ଲାନ୍। ପ୍ରଥମେ ଆସିବ ୧୦ ଓ ୨୦ ଟଙ୍କିଆ ନୋଟ୍। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜଇଓ ଦେଶରେ ପଲିମର ନୋଟ୍ ପ୍ରଚଳନ ପାଇଁ ଏକ ଦଶନ୍ଧି ପୁରୁଣା ପ୍ରସ୍ତାବକୁ ପୁଣି ଥରେ କାର୍ଯ୍ୟକାରୀ କରିବାକୁ ବିଚାର କରୁଛି। ସୂଚନା ଅନୁଯାୟୀ, ପାଟନା ଏବଂ ମୁମ୍ବାଇରେ ଅନୁଷ୍ଠିତ ଆରବିଆଇର ନିକଟତମ ବୋର୍ଡ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଛି। ସାଧାରଣ ବଜାରରେ ବ୍ୟବହାର ପାଇଁ ଖୁବ୍ ଶୀଘ୍ର ପାଇଲଟ୍ ପ୍ରୋଜେକ୍ଟ ଘୋଷଣା କରାଯାଇପାରେ। ଆରବିଆଇ ଗଭର୍ଣ୍ଣର ସଞ୍ଜୀୟ ମାଲହୋତ୍ରାଙ୍କ ନେତୃତ୍ୱରେ ଦେଶର ମୁଦ୍ରା ବ୍ୟବସ୍ଥାରେ ଥିବା ଆହ୍ୱାନଗୁଡ଼ିକର ସମାଧାନ ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ଭାରତରେ କାଗଜ ନୋଟ୍ ଛପାଇବା ଖର୍ଚ୍ଚ ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଆରବିଆଇ ନୋଟ୍ ଛପା ବାବଦରେ ପ୍ରାୟ ୬ ହଜାର ୩୭୨ ଦଶମିକ ୮ କୋଟି ଟଙ୍କା ଖର୍ଚ୍ଚ କରିଛି। ଯାହା ପୂର୍ବ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ। ପ୍ରତିବର୍ଷ କୋଟି କୋଟି ମଇଳା ଏବଂ ଚିରା ନୋଟ୍ ବଜାରରୁ ପ୍ରତ୍ୟାହାର କରିବାକୁ ପଡୁଛି, ଯାହା ଆର୍ଥିକ ବୋଝ ବଢ଼ାଉଛି। ଡିଜିଟାଲ୍ ପେମେଣ୍ଟ ବଢୁଥିଲେ ମଧ୍ୟ ନଗଦ ଟଙ୍କାର ଚାହିଦା କମିନାହିଁ। ଭାରତର ଆଦ୍ର ଓ ଗ୍ରୀଷ୍ମମଣ୍ଡଳୀୟ ପାଣିପାଗ ଯୋଗୁଁ କମ ମୂଲ୍ୟର ନୋଟ୍ ଅତି ଶୀଘ୍ର ନଷ୍ଟ ହୋଇଯାଏ। ଏହାର ସମାଧାନ ହେଉଛି ପଲିମର ନୋଟ୍। ଏହା ସାଧାରଣ କାଗଜ ନୋଟ୍ ତୁଳନାରେ ୨.୫ ରୁ ୪ ଗୁଣ ଅଧିକ ସମୟ ତିଷ୍ଠିଥାଏ। ଟ୍ରାନ୍ସପରେଣ୍ଟ ଉଇଣ୍ଡୋ ଏବଂ ହୋଲୋଗ୍ରାମ ଭଳି ଅତ୍ୟାଧୁନିକ ସୁରକ୍ଷା ଫିଚର୍ସ ରହିବ। ଯାହାଦ୍ୱାରା ଜାଲ୍ ନୋଟ୍ ପ୍ରସ୍ତୁତ ଅସମ୍ଭବ ହୋଇପଡ଼ିବ। ଏକ ସୀମିତ ଅଞ୍ଚଳରେ ଏହାର ଟ୍ରାଏଲ୍ କରାଯାଇ ଏଟିଏମ୍ ଏବଂ ଭେଣ୍ଡିଂ ମେସିନ ସହ ଏହାର ସାମଞ୍ଜସ୍ୟ ପରଖାଯିବ। ଏହି ପାଇଲଟ୍ ପ୍ରୋଜେକ୍ଟର ସଫଳତା ପରେ ଯାଇ ସାରା ଦେଶରେ କାଗଜ ନୋଟ୍ ବଦଳାଇବା ପ୍ରକ୍ରିୟା ଆରମ୍ଭ ହେବ। ପୂର୍ବରୁ ୨୦୧୨ ମସିହାରେ ଆରବିଆଇ ଦେଶର କିଛି ସହରରେ ୧୦ ଟଙ୍କିଆ ପଲିମର ନୋଟ୍ର ପରୀକ୍ଷଣ କରିଥିଲା। କିନ୍ତୁ ସେତେବେଳେ ଏଟିଏମ୍ ମେସିନ୍ ଅନୁକୂଳ ନହେବା ଭଳି କେତେକ ବୈଷୟିକ ସମସ୍ୟା ଯୋଗୁଁ ଏହା ଆଗକୁ ବଢ଼ିପାରିନଥିଲା। ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟାର ବିକାଶ ଯୋଗୁଁ ଏହା ସହଜ ହୋଇପାରିଛି। ବିଶ୍ୱର ପ୍ରାୟ ୬୦ ରୁ ଅଧିକ ଦେଶ, ଯେପରିକି ଅଷ୍ଟ୍ରେଲିଆ, ବ୍ରିଟେନ୍ ଏବଂ କାନାଡ଼ା ପଲିମର ନୋଟରେ ସଫଳ ବ୍ୟବହାର କରୁଛନ୍ତି। ନୋଟ୍ ଛପା ଏବଂ ବଦଳାଇବା ଖର୍ଚ୍ଚରେ ବହୁତ ବଡ଼ ପରିମାଣରେ ଆର୍ଥିକ ସଞ୍ଚୟ ହେବ।



# ଆଜିଠୁ ଭାରତ-ଆଫଗାନିସ୍ତାନ ଟେଷ୍ଟ

ନୂଆଦିଲ୍ଲୀ,୦୫/୦୬; ଫଟାଫଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସରିଛି । ଏବେ ଜମିବ ଟେଷ୍ଟ କ୍ରିକେଟ । ଆସନ୍ତାକାଲିଠୁ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବହ । ଭାରତୀୟ କ୍ରିକେଟ୍ ଦଳ ବହୁତ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ଯାଉଛି । ତେଣୁ, ଉତ୍ସାହ ଶୀର୍ଷରେ ଅଛି । ଶୁଭମନ ଗିଲଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଟେଷ୍ଟ କ୍ରିକେଟ ଖେଳିବ । ନ୍ୟୁ ଚଣ୍ଡିଗଡ଼ରେ ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ଏକମାତ୍ର ଟେଷ୍ଟ ପୂର୍ବରୁ, ଭାରତୀୟ ଦଳର ପ୍ଲେଇଂ ଇଲେଭେନକୁ ନେଇ ସବୁଠାରୁ ବଡ଼ ବିତର୍କ ହେଉଛି ବ୍ୟାଟିଂ ଏବଂ ବୋଲିଂ ମଧ୍ୟରେ ସନ୍ତୁଳନ । ଅଧିନାୟକ ଶୁଭମନ ଗିଲ୍ ଏବଂ ଟିମ୍ ମ୍ୟାନେଜମେଣ୍ଟ ୬ ଜଣ ବ୍ୟାଟରଙ୍କୁ ଫିଲ୍ଡିଂ କରିବେ କି ୨ ଜଣ ଅଲରାଉଣ୍ଡରଙ୍କୁ ସାମିଲ କରି ବୋଲିଂକୁ ମଜବୁତ କରିବେ ଏହି ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି । ପୂର୍ବତନ ଭାରତୀୟ କ୍ରିକେଟର ଏବଂ କମେଣ୍ଟେଟର ଆକାଶ ଚୋପ୍ରାଙ୍କ ଅନୁସାରେ ପ୍ଲେଇଂ ଇଲେଭେନରେ ଏହା ସବୁଠାରୁ ବିତର୍କର ବିଷୟ ହେବ ।

ଭାରତର ଓପନିଂ ଯୋଡ଼ି ସ୍ଥିର- ଭାରତର ଇନିଂସ ଓପନିଂ ପାଇଁ କେଏଲ ରାହୁଲ ଏବଂ ଯଶସ୍ୱୀ ଜୟସୱାଲ ସବୁଠାରୁ ଦୃଢ଼ ଦାବିଦାର ମନେହୁଏ । ରାହୁଲ ହୁଏତ ସାମ୍ପ୍ରତିକ ଇନିଂସରେ ବଡ଼ ସ୍କୋର କରିନାହାଁନ୍ତି, କିନ୍ତୁ ଶୀର୍ଷ କ୍ରମରେ ତାଙ୍କର ଅଭିଜ୍ଞତା ତାଙ୍କୁ ଏକ ଦୃଢ଼ ଦାବିଦାର କରିଥାଏ, ଯେତେବେଳେ ଜୟସୱାଲ ଲଗାତାର ଭାବରେ ଦଳ ପାଇଁ ଜଣେ ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ୍ ହୋଇଆସିଛନ୍ତି ।

ନମ୍ବର ୩ରେ ପ୍ରତିଯୋଗିତା- ଦଳ ପରିଚାଳନା ପାଖରେ ତୃତୀୟ ନମ୍ବରରେ ବିକଳ୍ପ ଅଛି । ସାଇ ସୁଦର୍ଶନଙ୍କୁ ଏହି ସ୍ଥାନ ପାଇଁ ଜଣେ ପ୍ରମୁଖ ଦାବିଦାର ଭାବରେ ବିବେଚନା କରାଯାଏ । ସୁଯୋଗ ପାଇଲେ ସେ ପ୍ରଭାବିତ କରିଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ଟେଷ୍ଟ କ୍ରିକେଟରେ ତାଙ୍କର ସ୍ଥିରତା ପ୍ରମାଣ କରିନାହାଁନ୍ତି । କିଛି ବିଶେଷଜ୍ଞ ଦେବଦତ୍ତ ପାଡିକ୍କଲଙ୍କୁ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି ମଧ୍ୟ ବିବେଚନା କରନ୍ତି । ମଧ୍ୟକ୍ରମରେ ବଡ଼ ସମସ୍ୟା ନାହିଁ- ଅଧିନାୟକ ଶୁଭମନ ଗିଲଙ୍କୁ ଚତୁର୍ଥ ନମ୍ବରରେ ବ୍ୟାଟିଂ କରିବାର ଦେଖାଯାଇପାରେ । ୱିକେଟକିପର ବ୍ୟାଟର ରିଷଭ ପନ୍ତ ପଞ୍ଚମ ନମ୍ବରରେ ବ୍ୟାଟିଂ କରିବା ପ୍ରାୟ ନିଶ୍ଚିତ । ବିତର୍କ ଷଷ୍ଠ ନମ୍ବରରୁ ଆରମ୍ଭ ହୁଏ । ଏଠାରେ, ଦଳ ପାଖରେ ଦୁଇଟି ବିକଳ୍ପ ଅଛି । ଯଦି ଭାରତ ୬ ଜଣ ବ୍ୟାଟରଙ୍କୁ ଖେଳାଇବାକୁ





ଚାହେଁ, ତେବେ ଧ୍ରୁବ ଜୁରେଲ ଏକ ଭଲ ବିକଳ୍ପ ହୋଇପାରନ୍ତି । ଯଦି ଦଳ ଅତିରିକ୍ତ ବୋଲିଂ ବିକଳ୍ପ ଚାହୁଁଛି, ତେବେ ନୀତିଶ କୁମାର ରେଡ୍ଡୀ ଏକ ଭଲ ପସନ୍ଦ ହୋଇପାରନ୍ତି । ଭାରତ ୨ ଅଲରାଇଉଣ୍ଡରଙ୍କ ସହ ଯିବ କି ଆକାଶ ଚୋପ୍ରା ବିଶ୍ୱାସ କରନ୍ତି ଯେ ଦଳ ସନ୍ତୁଳନ ପାଇଁ ନୀତିଶ ରେଡ୍ଡୀ ଏବଂ ୱାଶିଂଟନ ସୁନ୍ଦର ଉଭୟଙ୍କୁ ଏକାଠି ଖେଳାଇପାରିବ । ସୁନ୍ଦରଙ୍କ ଅଫ୍-ସ୍ପିନ୍ ଏବଂ ନିମ୍ନ କ୍ରମର ବ୍ୟାଟିଂ କ୍ଷମତା ତାଙ୍କୁ ଘରୋଇ ପରିସ୍ଥିତିରେ ଅତ୍ୟନ୍ତ ଉପଯୋଗୀ କରିଥାଏ ।ଯଦି ଏହା ହୁଏ, ତେବେ ଭାରତ ବ୍ୟାଟିଂ ଗଭୀରତା ପାଇବ ଏବଂ ଆବଶ୍ୟକ ହେଲେ ପଞ୍ଚମ କିମ୍ବା ଷଷ୍ଠ ବୋଲରର ବିକଳ୍ପ ମଧ୍ୟ ପାଇବ । ଯଦି ନ୍ୟୁ ଚଣ୍ଡିଗଡ଼ ପିଚ୍ ରିଭର୍ସ ସ୍ୱିଙ୍ଗଙ୍କୁ ସୁହାଇ ସମ୍ଭାବନା ପ୍ରଦାନ କରେ, ତେବେ ଭାରତ ଯୁବ ଦ୍ରୁତ ବୋଲର ଗୁରନୁର ବ୍ରାରଙ୍କୁ ଟେଷ୍ଟ ଡେବ୍ୟୁ ଦେଇପାରେ । ତଥାପି, ଯଦି ଟିମ୍ ମ୍ୟାନେଜମେଣ୍ଟ ଭାବୁଛି ଯେ, ମ୍ୟାଚ୍ ଆଗକୁ ବଢ଼ିବା ସହିତ ସ୍ପିନରମାନେ ଅଧିକ ସହାୟତା ପାଇବେ, ତେବେ ହର୍ଷ ଦୁବେ କିମ୍ବା ମାନସ ସୁତାରଙ୍କୁ ତୃତୀୟ ସ୍ପିନର ଭାବରେ ବିବେଚନା କରାଯାଇପାରେ । ଆଫଗାନିସ୍ତାନ ବିପକ୍ଷରେ ଏହି ମ୍ୟାଚ୍ କେବଳ ଏକ ଟେଷ୍ଟ ମ୍ୟାଚ୍ ନୁହେଁ, ଏହା ଭାରତୀୟ ଦଳ ପାଇଁ ଏହାର ମିଶ୍ରଣ ପରୀକ୍ଷା ପାଇଁ ସୁଯୋଗ । ସବୁଠାରୁ ବଡ଼ ନିଷ୍ପତ୍ତି ହେବ ଯେ, ଅତିରିକ୍ତ ବ୍ୟାଟିଂ ସୁରକ୍ଷା ବାଛିବେ କି ଅଲରାଉଣ୍ଡରଙ୍କ ସହିତ ବୋଲିଂକୁ ମଜବୁତ କରିବେ । ମ୍ୟାଚ୍ ପୂର୍ବରୁ ପ୍ରଥମ କିଛି ଘଣ୍ଟା ପର୍ଯ୍ୟନ୍ତ ଏହି ପ୍ରଶ୍ନ ସମସ୍ତଙ୍କ ଫୋକସରେ ରହିଛି ।

ସ୍ପିନ୍ ସବୁଠାରୁ ବଡ଼ ଅସ୍ତ୍ର - ଘରୋଇ ପରିବେଶରେ ଆଫଗାନିସ୍ତାନ ବିପକ୍ଷରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ତେଣୁ, କୁଲଦୀପ ଯାଦବଙ୍କ ଅଂଶଗ୍ରହଣ ପ୍ରାୟ ନିଶ୍ଚିତ । ତାଙ୍କର ରିଷ୍ଟ ସ୍ପିନ୍ ଯେକୌଣସି ବ୍ୟାଟିଂ କ୍ରମକୁ ଅସୁବିଧାରେ ପକାଇପାରେ । ଦ୍ରୁତ ବୋଲିଂ ବିଭାଗରେ ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ କୃଷ୍ଣ ଦୃଢ଼ ଦାବିଦାର । ଶେଷ ସ୍ଥାନ ପାଇଁ, ଦଳ ଜଣେ ଅତିରିକ୍ତ ସ୍ପିନର କିମ୍ବା ଜଣେ ଅତିରିକ୍ତ ଦ୍ରୁତ ବୋଲରଙ୍କୁ ବାଛିପାରେ ।

ଭାରତର ସମ୍ଭାବ୍ୟ ଏକାଦଶ- କେଏଲ୍ ରାହୁଲ ( ଉପ-ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ସାଇ ସୁଦର୍ଶନ, ଶୁଭମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ୱିକେଟକିପର), ନୀତୀଶ ରେଡ୍ଡୀ/ଧ୍ରୁବ ଜୁରେଲ୍, ୱାଶିଂଟନ ସୁନ୍ଦର, କୁଲଦୀବ ଯାଦବ, ମହମ୍ମଦ ସିରାଜ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ।

ଆଫଗାନିସ୍ତାନ ସମ୍ଭାବ୍ୟ ଏକାଦଶ- ଅବଦୁଲ ମଲିକ, ରହମାନୁଲ୍ଲା ଗୁରବାଜ, ହାଶମତୁଲ୍ଲା ଶାହିଦ, ରହମତ୍ ଶାହା, ଆଜମତୁଲ୍ଲା ଉମରଜାଇ, ଆଫସର ଜାଜାଇ, ଶାରଫୁଦ୍ଦିନ ଆସରଫ, ଜିଆଉର ରହମାନ ସରିଫି, କାଇସ ଅହମ୍ମଦ, ବିଲାଲ ସାମି, ମହମ୍ମଦ ସଲିମ ସଫି, ନାଙ୍ଗୋଲିଆଲ ଇକଲହୋଲା ଆଲିଖଲ

## ଭରତଙ୍କ ଅବସର

ମୁମ୍ବାଇ,୪/୬ : ଭାରତୀୟ କ୍ରିକେଟ ଟିମର ୱିକେଟ କିପର ବ୍ୟାଟର କେଏସ ଭରତ ଆଫଗାନିସ୍ତାନ ବିପକ୍ଷରେ ହେବାକୁଥିବା ଟେଷ୍ଟ ପୂର୍ବରୁ ଅନ୍ତରାଷ୍ଟ୍ରୀୟ କ୍ରିକେଟରୁ ସନ୍ନ୍ୟାସର ଘୋଷଣା କରି ଦେଇଛନ୍ତି । ସେ ସୋସିଆଲ ମିଡ଼ିଆ ମାଧ୍ୟମରେ ଏକ ପୋଷ୍ଟ ସେୟାର କରିସନ୍ନ୍ୟାସର ସୂଚନା ଫ୍ୟାନ୍ସଙ୍କ ସହ ସେୟାର କରିଛନ୍ତି । ଭାରତ ଲାଗି ୭ଟେଷ୍ଟ ଖେଳିସାରିଥିବା ଭରତ ଆଫଗାନିସ୍ତାନ ବିପକ୍ଷ ହେବାକୁ ଥିବା ଗୋଟିଏ ଟେଷ୍ଟ ଲାଗି ଟିମ୍ ଇଣ୍ଡିଆର ଭାଗିଦାରୀ ନାହାନ୍ତି । ୩୨ବର୍ଷୀୟ ଭରତ ଟିମ୍ ଇଣ୍ଡିଆ ଲାଗି ଶେଷ ଟେଷ୍ଟ ୨୦୨୪ଫେବୃଆରୀରେ ଖେଳିଥିଲେ । ସେ ସନ୍ନ୍ୟାସକୁ ନେଇ ପୋଷ୍ଟ କରିପ୍ରଥମେ 'ଥାଙ୍କ୍ୟୁ ବିସିସିଆଇ' ଲେଖିଥିଲେ । ଏହାପରେ ଭରତ ଲେଖିଥିଲେ କି, 'ଗର୍ବ ଏବଂ କୃତଜ୍ଞତାର ଭାବନା ସହ, ମୁଁ ଅନ୍ତରାଷ୍ଟ୍ରୀୟ କ୍ରିକେଟରୁ ମୋର ସନ୍ନ୍ୟାସର ଘୋଷଣା କରୁଛି ।'ସେ ଆଗକୁ ଲେଖିଛନ୍ତିକି, ଦେଶ ଲାଗି ଖେଳିବା ମୋ ପାଇଁ ସବୁଠାରୁ ଗର୍ବର ବିଷୟ । ମୋର ଏହି ଯାତ୍ରାରେ ବହୁତ ଧୈର୍ଯ୍ୟ ଏବଂ ଦୃଢ଼ତାର ଆବଶ୍ୟକତା ପଡ଼ିଥିଲା । କିନ୍ତୁ ଟେଷ୍ଟ ମ୍ୟାଚରେ ଭାରତର ପ୍ରତିନିଧିତ୍ୱ କରିବା ଏକ ଅଭୂତପୂର୍ବ ମୁହୂର୍ତ୍ତ ଅଟେ । ଚାରିଲୋକଙ୍କ ପରିବାରରେ ଆମେ ସମସ୍ତେ ଦୁଇ ଦଶନ୍ଧି ଧରି ଗୋଟିଏ ସ୍ୱପ୍ନ ଦେଖିଆସୁଛୁ । ମୋ ଭଉଣୀ, ମା' ଏବଂ ବାପାଙ୍କୁ ବହୁତ ବହୁତ ଧନ୍ୟବାଦ, ଯେଉଁମାନେ ମୋତେ ଏଭଳି ସହଯୋଗ ଦେଇଛନ୍ତି । ମୁଁ ସେମାନଙ୍କ ଭଲପାଇବା, ଶୃଙ୍ଖଳା ଏବଂ କଠିନ ପରିଶ୍ରମର ଫଳ । ଭରତ ୭ଟେଷ୍ଟ ଖେଳିଛନ୍ତି । ଏହି ମ୍ୟାଚର ୧୨ପାଳିରେ ବ୍ୟାଟିଂ କରି ସେ ୨୦.୯ପ୍ରତିଶତରେ ୨୨୧ରନ୍ କରିଛନ୍ତି । ଯେଉଁଥିରେ ହାଇ ସ୍କୋର ୪୪ରନର ରହିଛି । ସେହିଭଳି ଫାଷ୍ଟ କ୍ଲାସ କ୍ୟାରିୟର ଉପରେ ନଜର ପକାଇବା ତ ସେ ୧୧୩ମ୍ୟାଚର ୧୮୦ପାଳିରେ ୬୧.୩୨ ପ୍ରତିଶତରେ ୬୧୦୨ରନ୍ କରିଛନ୍ତି ।

## ଗୁକେଶଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ

ଓସ୍ଲୋ,୫।୬(ଏଜେନ୍ସି): ବୋର୍ଡବାହାରେ ଦୁଇ ଜଣ ଭଲ ସାଙ୍ଗ, ହେଲେ ନିଜ ନିଜ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍ ବେଳେ ଉଭୟଙ୍କ ଲକ୍ଷ୍ୟ ଥାଏ ବିଜୟୀ ହେବ । ନରୱେ ଚେସ୍ ନବମ ରାଉଣ୍ଡରେ ଦୁଇ ଭାରତୀୟ ସାଥୀ ଆର୍ ପ୍ରଜ୍ଞାନନ୍ଦ ଓ ଡି ଗୁକେଶ ମୁହାଁମୁହିଁ ହୋଇଥିଲେ ।



ଏଥିରେ କିନ୍ତୁ ବିଶ୍ୱ ବିଜେତା ଗୁକେଶଙ୍କୁ ହରାଇ ଦେଇଛନ୍ତି ପ୍ରଜ୍ଞାନନ୍ଦ । ଏହି ବିଜୟ ସହ ପ୍ରଜ୍ଞାନନ୍ଦ (୧୫ ପଏଣ୍ଟ) ଟେବୁଲର ଦ୍ୱିତୀୟ ସ୍ଥାନରେ ରହିବା ସହ ବିଜେତା ହେବା ଦେଇରେ ଆଉ ଗୋଟିଏ ପାଦ ଆଗକୁ ବାଢ଼ିଛନ୍ତି । ତାଙ୍କ ଆଗରେ ୱେସ୍‌ଲେ ସୋ' (୧୫.୫ ପଏଣ୍ଟ) ଶୀର୍ଷରେ ଥିଲା ବେଳେ ଅଲିରେଜା ଫିରୋଜା (୧୪.୫) ତୃତୀୟ ସ୍ଥାନରେ ଅଛନ୍ତି ।

## ଫିଫା ବିଶ୍ୱକପ୍ ଉଦ୍‌ଘାଟନୀରେ ସାକିରା

ନୂଆଦିଲ୍ଲୀ,୫।୬(ଏଜେନ୍ସି): ଫିଫାପୁରୁଷ ବିଶ୍ୱକପ୍ ଚଳିତ ମାସ ୧୧ ତାରିଖରୁ ୩ ଦେଶ ଆମେରିକା, ମେକ୍ସିକୋ ଓ କାନାଡାରେ ଖେଳାଯିବ । ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମୁକାବିଲାରେ ସହଆୟୋଜକ ମେକ୍‌ସିକୋ ଭେଟିବ ଦକ୍ଷିଣ ଆଫ୍ରିକାକୁ । ଏହା ଭାରତୀୟ ସମୟ ୧୨ ତାରିଖ ରାତି ୧୨.୩୦ରେ ଖେଳାଯିବ । ମେକ୍ସିକୋ ସିଟିରେ ଆୟୋଜିତ ଏହି ମ୍ୟାଚ୍‌ର ୯୦ ମିନିଟ୍ ପୂର୍ବରୁ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ପରେ ଖେଳ ଆରମ୍ଭ ହେବ ।



ଏଥିରେ ଅନ୍ତର୍ଜାତୀୟ ତାରକା ସାକିରାଙ୍କ ଜଲୱା ଦେଖିବାକୁ ମିଳିବ । ସାକିରା ବିଶ୍ୱକପ୍‌ର ଅଫିସିଆଲ୍ ଗୀତ 'ଡାଇ ଡାଇ' ପରିବେଷଣ କରିବେ । ଡାଇ ଡାଇ ଇଟାଲି ଭାଷାରୁ ଆସିଥିଲା ବେଳେ ଏହାର ଅର୍ଥ ହେଲା 'ଚାଲ ଯିବା' ।ତାଙ୍କ ସହ କଲିମ୍ବିଆ ଷ୍ଟାର୍ ଜେ ବାଲ୍‌ଭିନ୍, ଦକ୍ଷିଣ ଆଫ୍ରିକାର ଗାୟିକା ତାଇଲା ଓ ନାଇଜେରିଆ ଗାୟକ ବର୍ଣ୍ଣା ବୟ ମଧ୍ୟ ଦର୍ଶକଙ୍କୁ ନିଜ ନିଜର ଜଲୱା ଦେଖାଇବେ । ସାକିରା ମଧ୍ୟ ପ୍ରଥମ ଥର ବିଶ୍ୱକପ୍ ଫାଇନାଲ୍‌ରେ ମଧ୍ୟ ପ୍ରଦର୍ଶନ କରିବେ । ନ୍ୟୁ ଜର୍ସିର ମେଟଲାଇଫ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଫାଇନାଲ୍ ମଧ୍ୟାନ୍ତର ଶୋ'ରେ ସେ ପ୍ରଦର୍ଶନ କରିବାକୁ ସହମତି ପ୍ରକାଶ ଦେଇଛନ୍ତି ।

## ସୁଦର୍ଶନଙ୍କୁ ମିଳିପାରିନି ଉଚିତ ମଉକା : ଗମ୍ଭୀର

ନୂଆଦିଲ୍ଲୀ,୫।୬(ଏଜେନ୍ସି): ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ଶନିବାର, ଜୁନ୍ ୬ ତାରିଖରୁ ଆରମ୍ଭ ହେବ । ମ୍ୟାଚ୍ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଆଫଗାନିସ୍ତାନ ଟେଷ୍ଟରେ କେଉଁ ଖେଳାଳି ୩ ନମ୍ବରରେ ବ୍ୟାଟିଂ କରିବେ ତାହା ପ୍ରକାଶ କରିଛନ୍ତି । ଗମ୍ଭୀର କହିଛନ୍ତି ଯେ ୨୪ ବର୍ଷୀୟ ବାମହାତୀ ବ୍ୟାଟସମ୍ୟାନ ସାଇ ସୁଦର୍ଶନଙ୍କ ପାଇଁ ୩ ନମ୍ବର ସ୍ଥାନ ସ୍ଥିର କରାଯାଇଛି । ମୁଖ୍ୟ ପ୍ରଶିକ୍ଷକ ବିଶ୍ୱାସ କରନ୍ତି ଯେ ସୁଦର୍ଶନଙ୍କୁ ଏପର୍ଯ୍ୟନ୍ତ ଉପଯୁକ୍ତ ସୁଯୋଗ ମିଳିନାହିଁ । ସେ ସୁଦର୍ଶନଙ୍କ ଆଇପିଏଲ ଫର୍ମ ବିଷୟରେ ମଧ୍ୟ ଆଲୋଚନା କରିଥିଲେ ।

ଗମ୍ଭୀର କହିଛନ୍ତି ଯେ, 'ସତ କହିବାକୁ ଗଲେ, ତାଙ୍କୁ ଏପର୍ଯ୍ୟନ୍ତ ଉପଯୁକ୍ତ ସୁଯୋଗ ମିଳିନାହିଁ । ସେ କେବଳ କିଛି ଟେଷ୍ଟ ଖେଳିଛନ୍ତି । ସେ ଇଂଲଣ୍ଡରେ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ । ଆମେ ସମସ୍ତେ



ଜାଣୁ, ଇଂଲଣ୍ଡରେ ଖେଳିବା ସେତେ ସହଜ ସ୍ଥାନ ନୁହେଁ । ସେ ଆଇପିଏଲରେ ରନ କରିଛନ୍ତି । ମୁଁ ଏବେ ବି ବିଶ୍ୱାସ କରେ ଯେ ତାଙ୍କୁ ଏପର୍ଯ୍ୟନ୍ତ ଉପଯୁକ୍ତ ସୁଯୋଗ ମିଳିନାହିଁ ।ଗମ୍ଭୀର କହିଛନ୍ତି, 'ଦୁର୍ଭାଗ୍ୟବଶତଃ, ଆପଣ କେବଳ ୧୧ ଜଣ ଖେଳାଳିଙ୍କୁ ଚୟନ କରିପାରିବେ । କେତେକ ସମୟରେ ଆପଣଙ୍କୁ ଆପଣଙ୍କ ସୁଯୋଗ ପାଇଁ ଅପେକ୍ଷା କରିବାକୁ ପଡିବ ।' ମୁଁ ସର୍ବଦା ବିଶ୍ୱାସ କରିଛି ଯେ ଆମେ ଯେଉଁ ଖେଳାଳିମାନଙ୍କୁ ଖେଳେଇବାକୁ ଯାଉଛୁ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଦେବା ଉଚିତ । ସାଇ ମଧ୍ୟ ଖରାପ ଫର୍ମରେ ନାହାନ୍ତି । ସେ ଆଇପିଏଲରେ ପ୍ରାୟ ୭୦୦ (୭୨୨) ରନ କରିଥିଲେ । ଯଦି ୪-୫ ଟେଷ୍ଟ ଆଧାରରେ ଜଣେ ଖେଳାଳିଙ୍କୁ ବିଚାର କରିବା ଠିକ୍ ହୁଏ, ତେବେ ମୁଁ ଭାବୁନାହିଁ ଯେ ଆମେ କେବେ ଏଥିରୁ କିଛି କରିପାରିବୁ ।'ସୁଦର୍ଶନ ଏପର୍ଯ୍ୟନ୍ତ ଛଅଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି । ୧୧ ଇନିଂସରେ ବ୍ୟାଟିଂ କରି, ସେ ୨୭.୪୫ ହାରରେ ୩୦୨ ରନ କରିଛନ୍ତି । ଏହି ସମୟ ମଧ୍ୟରେ, ସେ ଦୁଇଟି ଅର୍ଦ୍ଧଶତକ ହାସଲ କରିଛନ୍ତି, ଯାହାର ସର୍ବାଧିକ ସ୍କୋର ୮୭ । ଏହା ଉଲ୍ଲେଖନୀୟ ଯେ ସୁଦର୍ଶନ ଜୁନ ୨୦୨୫ରେ ଇଂଲଣ୍ଡ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ । ତାଙ୍କର ଶେଷ ଟେଷ୍ଟ ନଭେମ୍ବର ୨୦୨୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଥିଲା ।

### ୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି

## ପାକିସ୍ତାନକୁ ହରାଇ ଫାଇନାଲ୍‌ରେ ଭାରତ

ଭୁବନେଶ୍ୱର: ଭାରତ ଶନିବାର ସ୍ୱର୍ଣ୍ଣ ପଦକ ପାଇଁ ଜାଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତ ପ୍ରବେଶ କରିଛି । ଶୁକ୍ରବାର ସେମିଫାଇନାଲ୍‌ରେ ଭାରତ ୫-୩ ଗୋଲ୍‌ରେ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଏହି ସଫଳତା ପାଇଛି । ପାନକୁ ଭେଟିବ । ପ୍ରଥମ ସେମିଫାଇନାଲ୍‌ରେ ଜାପାନ୍ ୮-୧ ଗୋଲ୍‌ରେ ମାଲେସିଆକୁ ମାତ୍ ଦେଇଥିଲା ।



ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ୍‌ର ଦ୍ୱାଦଶ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍‌ଟି ଷ୍ଟ୍ରୋକ୍‌କୁ ଆଶିଷ ତାନି ପୂର୍ତ୍ତି ଗୋଲ୍‌ରେ ପରିଣତ କରି ଦଳକୁ ପ୍ରଥମ କ୍ୱାର୍ଟରରେ ଆଗରେ ରଖିଥିଲେ । ତେବେ ଦ୍ୱିତୀୟ କ୍ୱାର୍ଟରରେ ପାକିସ୍ତାନର ଆଦିଲ୍ (୨୭ ମିନିଟ୍) ଗୋଲ୍‌ଟି ଶୁଝି ସ୍ଥିତି ସମାନ କରି ଦେଇଥିଲେ । ତୃତୀୟ କ୍ୱାର୍ଟରରେ ଶାହରୁଖ ଖାନ୍ (୩୫ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପୁଣି ଆଗୁଆ ହୋଇଯାଇଥିଲା । ଏହାପରେ ଅସ୍‌ଲାନ୍ ମହମ୍ମଦ ଫରାନ (୩୭ ମିନିଟ୍) ଓ ଉଜେର ଅହମ୍ମଦ କ୍ୟୁରେସୀ (୪୨ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ପାକିସ୍ତାନକୁ ତୃତୀୟ କ୍ୱାର୍ଟର ସୁଦ୍ଧା ୩-୨ରେ ଆଗରେ ରଖିଥିଲେ । ତେବେ ଶେଷ କ୍ୱାର୍ଟରରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ୩ ଗୋଲ୍ ଲଦି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା । ଦଳକୁ ମିଳିଥିବା ୩ଟି ପେନାଲ୍‌ଟି କର୍ଣ୍ଣରକୁ ଆଶିଷ ତାନି ପୂର୍ତ୍ତି ଲଗାତାର ଗୋଲ୍‌ରେ ପରିଣତ କରି ଭାରତକୁ ୫-୩ରେ ବିଜୟ ଭେଟି ଦେଇଥିଲେ । ସେ ୪୯, ୫୩ ଓ ୫୬ ମିନିଟ୍‌ରେ ଏହି ଗୋଲ୍ ତ୍ରୟ ଦେବା ସହ ମୋଟ ଉପରେ ୪ ଗୋଲ୍ କରି ପାକିସ୍ତାନର ପରାଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ ।

### ୧୮ ବର୍ଷରୁ କମ୍ ମହିଳା ଏସିଆ କପ୍ ହକି

## କାଂସ୍ୟ ପାଇଁ ଖେଳିବ ଭାରତ

ଭୁବନେଶ୍ୱର,୫।୬: ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତ କଡା ସଂଘର୍ଷ କରି ୧-୩ (୨-୨) ସୁଟ୍‌ଆଉଟ୍‌ରେ ଚୀନ୍‌ଠୁ ହାରି ଯାଇଛି । ଫଳରେ ଭାରତ ଏବେ କାଂସ୍ୟ ପାଇଁ ଶନିବାର କୋରିଆ ସହ ଖେଳିବ । ଅନ୍ୟଏକ ସେମିଫାଇନାଲ୍‌ରେ କୋରିଆ ୦-୧ ଗୋଲ୍‌ରେ ଜାପାନଠୁ ପରାସ୍ତ ହୋଇଛି ।ଶୁକ୍ରବାର ପ୍ରଥମ ସେମିଫାଇନାଲ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ଭଲ ଆରମ୍ଭ କରିଥିଲା । ତୃତୀୟ ମିନିଟ୍‌ରେ ଓଡିଆ ଝିଅ ତଥା ଅଧିନାୟିକା ସ୍ୱିଟି କୁଜୁରଙ୍କ ଚମତ୍କାର ପାସ୍‌କୁ ନେସୀନ ନାଜ୍ ଗୋଲ୍‌ରେ ପରିଣତ କରି ଦଳକୁ ୧-୦ରେ ଆଗୁଆ ରଖିଥିଲେ । ୨୧ତମ ମିନିଟ୍‌ରେ ଚୀନ୍‌କୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ଲି ଜି ୟାନ୍ ଗୋଲ୍‌ରେ ପରିଣତ କରି ସ୍ଥିତି ସମାନ କରିଥିଲେ । ତୃତୀୟ କ୍ୱାର୍ଟରରେ ଝାଙ୍ଗ ୟୁଝେଙ୍ଗ (୪୮ ମିନିଟ୍)ଙ୍କ ଗୋଲ୍‌ରେ ଚୀନ୍ ୨-୧ରେ ଆଗୁଆ ହୋଇଯାଇଥିଲା । ଶେଷ କ୍ୱାର୍ଟରରେ ଓଡିଆ ଝିଅ କିରଣ ଏକ୍କାଙ୍କ ଗୋଲ୍‌ରେ ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ସମାନ ସ୍ତରରେ ଶେଷ ହୋଇଥିଲା । ତେଣୁ ଫଳାଫଳ



ଲାଗି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ଏଥିରେ ଭାରତ ୧-୩ରେ ପଛରେ ପଡି ଫାଇନାଲ୍ ଖେଳିବାରୁ ବଞ୍ଚିତ ହୋଇଥିଲା ।

## ଆଜିଠାରୁ କିଟ୍‌ରେ ସର୍ବଭାରତୀୟ ଜେକେଏ ପ୍ରତିଯୋଗିତା


ଭୁବନେଶ୍ୱର,୫।୬: ଓଡିଶାରେ ପୁଣି ଏକ ଜାତୀୟ ସ୍ତରର ପ୍ରତିଯୋଗିତା ଆୟୋଜିତ ହୋଇଛି । କରାଟେଖେଳର ଅନ୍ୟତମ ପ୍ରମୁଖ ଷ୍ଟାଇଲ୍ ଜାପାନ ଓକିନାୱାର ଏକ ସର୍ବଭାରତୀୟ ପ୍ରତିଯୋଗିତା ଏବଂ ଜାତୀୟ ଶିବିର ଶୁକ୍ରବାରଠାରୁ କିଟ୍ ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି । ଶୁକ୍ରବାର ଏହାର ଶିବିର ଅନୁଷ୍ଠିତ ହେବା ପରେ ଶନିବାର ଓ ରବିବାର ପ୍ରତିଯୋଗିତା ଖେଳାଯିବ ବୋଲି ଜେକେଏଡବ୍ଲ୍ୟୁଏଫ୍ ଇଣ୍ଡିଆ-ଓଡିଶାର ସଭାପତି ଅନିଲ କୁମାର ସିଂହ ଓ ସାଧାରଣ ସମ୍ପାଦକ ଧର୍ମାଂଶୁ ପାଣ୍ଡେ ସୂଚନା ଦେଇଛନ୍ତି । କରାଟେର ପ୍ରତିଟି ଷ୍ଟାଇଲ୍ ଭଳି ଏହି ଖେଳ ଶୃଙ୍ଖଳା ଜଣକ ବ୍ୟକ୍ତିଗତ ଜୀବନରେ ଶୃଙ୍ଖଳା, ଏକତା, ଆତ୍ମରକ୍ଷା, କ୍ରୀଡା ମନୋଭାବ ଓ ଚରିତ୍ର ଗଠନକୁ ପ୍ରୋତ୍ସାହିତ କରିଥାଏ ବୋଲି ଭାରତରେ ଜେକେଏ କରାଟେର ଅନ୍ୟତମ ପ୍ରତିଷ୍ଠାତା ଅନିଲ ସିହ୍ନା ପ୍ରକାଶ କରିଛନ୍ତି । ବିଶ୍ୱ ବ୍ୟାଙ୍କର ପୂର୍ବତନ ଅଧିକାରୀ ଶ୍ରୀ ସିହ୍ନା ଗୁରୁବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଖେଳର ବିଭିନ୍ନ ଉପକାରିତା ଓ ଅନ୍ତର୍ଜାତୀୟ ସୁଯୋଗ ସମ୍ପର୍କରେ ମତ ରଖିଥିଲେ । ସେ ମଧ୍ୟ ପ୍ରତିଯୋଗିତା ଅବସରରେ ଯୁବ କରାଟେକାମାନଙ୍କୁ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ କରିବେ ବୋଲି ଜଣାପଡିଛି । ସବୁଠାରୁ ବଡ କଥା ହେଲା ଏହି ଶିବିର ଅବସରର ଜାପାନ କରାଟେ ସଂଘ (ଜେକେଏ)ର ମୁଖ୍ୟାଳୟର ସପ୍ତମ ଡାନ୍ ବ୍ଲାକ୍ ବେଲ୍ଟଧାରୀ ତଥା ଜେକେଏ ଜାତୀୟ ଦଳର ପ୍ରଶିକ୍ଷକ ସାତୋଶି ତାକାହାଶି ସିହାନ୍ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଆସୁଛନ୍ତି । ଭାରତ ସମେତ ଓଡିଶାର କରାଟେକାଙ୍କ ପାଇଁ ଏହା ଏକ ବିରଳ ତଥା ଶିକ୍ଷଣୀୟ ସୁଯୋଗ ସୃଷ୍ଟି କରିଛି । ଦେଶର ୧୩ଟି ରାଜ୍ୟରୁ ୩୬ଟି ଜେକେଏ ଶାଖାରୁ ପ୍ରାୟ ୬୦୦ କରାଟେକା, ପ୍ରଶିକ୍ଷକ, ରେଫରି ଓ ଅଧିକାରୀମାନେ ଏହି ୩ ଦିନିଆ କାର୍ଯ୍ୟକ୍ରମରେ ସାମିଲ ହେବେ । ଏହି ପ୍ରତିଯୋଗିତା ମାଧ୍ୟମରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପ୍ରତିଭା କରାଟେକା ଅନ୍‌ବେଷଣ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ଆୟୋଜକମାନେ ଆଶା ପ୍ରକଟ କରିଛନ୍ତି ।

## ୧୫୦ ଟେଷ୍ଟ ଆୟୋଜନରେ ଲର୍ଡସ ବିଶ୍ୱର ପ୍ରଥମ

ଲଣ୍ଡନ: ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି 'କ୍ରିକେଟ୍‌ର ଘର' ରୂପେ ପରିଚିତ ଇଂଲଣ୍ଡର ଲର୍ଡ୍ସ ଷ୍ଟାଡିୟମ୍ । ୧୫୦ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିବା ବିଶ୍ୱର ପ୍ରଥମ ଷ୍ଟାଡିୟମ୍ ପାଲଟିଛି ଲର୍ଡ୍ସ । ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଟେଷ୍ଟ ହେଉଛି ଏଠାରେ ଖେଳାଯାଇଥିବା ୧୫୦ତମ ଟେଷ୍ଟ । ଚଳିତ ଟେଷ୍ଟ ପୂର୍ବରୁ ଖେଳାଯାଇଥିବା ୧୪୯ ଟେଷ୍ଟ ମଧ୍ୟରୁ ୫୧ଟି ଡ୍ର ହୋଇଥିବାବେଳେ ୯୮ରେ ଫଳାଫଳ ବାହାରିଥିଲା । ଏସବୁ ଟେଷ୍ଟରୁ ମୋଟ ୧୪୩,୭୮୬ ରନ୍ ସ୍କୋର ହୋଇଥିବାବେଳେ ବୋଲର୍‌ମାନେ ୪୬୨୭ ୱିକେଟ୍ ନେଇଛନ୍ତି ।

## ଫ୍ରେଞ୍ଚ ଓପନ୍ ମିଶ୍ରିତ ଯୁଗଳ ଟ୍ରଫି ବଜାୟ ରଖିଲେ ଇରାନୀ-ଭାଭାସୋରି

ପ୍ୟାରିସ୍: ଇଟାଲି ଯୋଡି ସାରା ଇରାନୀ ଓ ଆନ୍ଦ୍ରିଆ ଭାଭାସୋରି ଫ୍‌ରେଞ୍ଚ ଓପନ୍ ମିଶ୍ରିତ ଯୁଗଳ ଟ୍ରଫି ବଜାୟ ରଖିଛନ୍ତି । ଗୁରୁବାର ଫାଇନାଲ୍‌ରେ ଏହି ଯୋଡି ୪-୬, ୬-୩, ୧୦-୪ ସେଟ୍‌ରେ ଆମେରିକାର ଇଭାନ କିଙ୍ଗ ଓ କାନାଡାର ଗାବ୍ରିଏଲା ଡାବ୍ରୋସ୍କିଙ୍କୁ ପରାସ୍ତ କରିଥିଲେ ।ଏଥି ସହ ଏହି ଇଟାଲି ଯୋଡି ୨୦୧୯ ପରେ ପ୍ରଥମ ଯୋଡି ଭାବେ ଫ୍‌ରେଞ୍ଚ ଓପନ୍ ମିଶ୍ରିତ ଯୁଗଳ ମୁକୁଟ ଲଗାତାର ଜିତିବାର ଗୌରବ ଅର୍ଜନ କରିଛନ୍ତି । ୨୦୧୮ ଓ ୨୦୧୯ରେ କ୍ରୋଏସିଆର ଇଭାନ ଡୋଡିଗ୍ ଓ ତାଇୱାନ୍‌ର ଲତିଶା ଚାନ୍ ଲଗାତାର ମିଶ୍ରିତ ଯୁଗଳ ଟ୍ରଫି ଜିତିଥିଲେ । ଇରାନୀ ଓ ଭାଭାସୋରି ଗତ ୭ ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତାରୁ ୪ ଟ୍ରଫି ହାସଲ କରିଛନ୍ତି ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ